

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-18 ♦SUNDAY ♦12 JULY 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୮ ♦ରବିବାର ♦୧୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଭିଏତ୍‌ନାମ୍‌ରେ ଡଙ୍ଗାବୁଡ଼ି

# ୧୫ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦକ୍ଷିଣ ଭିଏତନାମର ଫୁ କ୍ୱକ ଦ୍ୱୀପ ନିକଟରେ ଏକ ଦ୍ରୁତଗାମୀ ଡଙ୍ଗା (ସ୍ପିଡ୍‌ବୋଟ୍) ବୁଡ଼ି ଯିବା ଫଳରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ଏହି ବୋଟ୍‌ରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ୪ ଜଣ କ୍ରୁ ସଦସ୍ୟ ଥିଲେ। ଏହି ସ୍ପିଡ୍ ବୋଟ୍‌ଟି ହନ୍ ମେ ରୁତ୍ ଦ୍ୱୀପରୁ ଆନ୍ ଥୋଇ ବନ୍ଦର ଆଡ଼କୁ ଯାଉଥିବା ସମୟରେ କୂଳଠାରୁ ପ୍ରାୟ ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା। ସେହି ସମୟରେ ସମୁଦ୍ର ଅଶାନ୍ତ ଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତୀୟ ଦୂତାବାସ ଏହି ଦୁଃଖଦ ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ସ୍ଥାନୀୟ ଅଧିକାରୀଙ୍କ ସହ ମିଶି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଭାବିତ ପରିବାର ଗୁଡ଼ିକୁ ସହାୟତା ଓ ସୂଚନା ପ୍ରଦାନ କରିବା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ହୋ ଚି ମିନ୍ ସିଟି ଏବଂ ହାନୋଇଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଫୁ-କ୍ୱକ୍ ହେଉଛି ଭିଏତନାମର ସବୁଠାରୁ ବଡ଼ ଦ୍ୱୀପ ଏବଂ ଏଠାକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ଦୁର୍ଘଟଣା ପରେ ନିକଟରେ ଥିବା ଅନ୍ୟ ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଜଣେ ଡଙ୍ଗା ଚାଳକଙ୍କ କହିବା ଅନୁସାରେ, ସମୁଦ୍ର ଅଶାନ୍ତ ଥିବା ବେଳେ ଡଙ୍ଗାଟି ଓଲଟି ପଡ଼ିବାରୁ ଅନେକ ପର୍ଯ୍ୟଟକ ଭିତରେ ଫସି ରହିଥିଲେ, ଯେଉଁଥିପାଇଁ ଉଦ୍ଧାର କାର୍ଯ୍ୟ ବେଶ୍ କଷ୍ଟକର ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୦୨୫ ଜୁଲାଇ ମାସରେ ମଧ୍ୟ ଭିଏତନାମର ହା ଲଙ୍ଗ ବେ'ରେ ଏକ ଡଙ୍ଗା ବୁଡ଼ି ଯିବା ଫଳରେ ୩୫ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।



## ଖାମନେଇଙ୍କ ହତ୍ୟାର ପ୍ରତିଶୋଧ ନେବୁ: ଇରାନ

# ହତ୍ୟା ଉଦ୍ୟମ ହେଲେ କ୍ଷେପଣାସ୍ତ୍ର ବର୍ଷା: ଟ୍ରମ୍ପ

■ ୱାସିଂଟନ/ତେହରାନ, ୧୧।୭ (ଏଜେନ୍ସି): ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇଙ୍କ ମୃତ୍ୟୁ ହୋଇଥିଲା। ଏହି ହତ୍ୟାର ନିଶ୍ଚିତ ରୂପେ ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଛନ୍ତି ଖାମନେଇଙ୍କ ଉତ୍ତରାଧିକାରୀ ପୁତ୍ର ମୁଜତବା ଖାମନେଇ। ଏକ ଲିଖିତ ବାର୍ତ୍ତାରେ ସେ କହିଛନ୍ତି ଯେ ବିନା ଦଣ୍ଡରେ ଶତ୍ରୁଙ୍କୁ ଛଡ଼ାଯିବ ନାହିଁ। ମୁଁ ବଞ୍ଚିଥାଏ କିମ୍ବା ନଥାଏ, କିନ୍ତୁ ଖାମନେଇଙ୍କ ସମେତ ଯେତେ ସହିଦ ହୋଇଛନ୍ତି ସମସ୍ତଙ୍କ ପାଇଁ ପ୍ରତିଶୋଧ ନିଶ୍ଚିତ ନିଆଯିବ। ଏହା ହେଉଛି ଦେଶବାସୀଙ୍କ ସଂକଳ୍ପ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇରାନ ପରମାଣୁ ପ୍ରକଳ୍ପ ପ୍ରସ୍ତୁତ କରୁଥିବା ନେଇ ଉପଗ୍ରହ ଚିତ୍ରରୁ ଜଣାପଡ଼ିବା ପରେ ମୁଜତବାଙ୍କ ଏହି ଚେତାବନୀ ଅଧିକ ଦୃଢ଼ୀଭୂତ ହୋଇଛି।

**ଆକ୍ରମଣ ଲାଗି ଏକ ହଜାର ମିସାଇଲ୍ ପ୍ରସ୍ତୁତ**



ଅନ୍ୟପକ୍ଷରେ ମୁଜତବା ଖାମନେଇଙ୍କ ଚେତାବନୀ ଉପରେ ପ୍ରତିକ୍ରିୟା ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି, ଯଦି ଇରାନ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରେ, ତେବେ ଆମେରିକା ପକ୍ଷରୁ ଏହାର ଭୟଙ୍କର ଜବାବ ଦିଆଯିବ। ଏଥିପାଇଁ ୧,୦୦୦ କ୍ଷେପଣାସ୍ତ୍ର ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଏହାର ଲକ୍ଷ୍ୟ ଇରାନ ଆଡ଼କୁ ରହିଛି। ଅସ୍ତ୍ରବିରତି ବୁଝାମଣା ଭଙ୍ଗ ଏବଂ ପରସ୍ପର ଉପରେ ଆକ୍ରମଣ ମଧ୍ୟରେ ଟ୍ରମ୍ପଙ୍କ ଏଭଳି ଧମକ ଉତ୍ତେଜନା ସୃଷ୍ଟି କରିଛି।

ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ଜଣାଇଛନ୍ତି ଯେ, ଯଦି ଇରାନ ଆମେରିକାର ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କୁ ହତ୍ୟା କରିବାକୁ କୌଣସି ପ୍ରୟାସ କରେ, ତେବେ ଆମେରିକା ସେନାକୁ ପୂର୍ବରୁ ହିଁ ଆକ୍ରମଣ ପାଇଁ ସମସ୍ତ ଅନୁମତି ଦିଆସରିଛି। ଏହି ପ୍ରାଥମିକ ପ୍ରତିକ୍ରିୟା ପରେ ଆହୁରି ହଜାର ହଜାର ମିସାଇଲ୍ ଇରାନ ଉପରେ ନିକ୍ଷେପ କରାଯିବ। ଆମେରିକା ସେନାକୁ ଏ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେମାନେ ଇରାନକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ପ୍ରସ୍ତୁତ ଅଛନ୍ତି, ଯାହା ଆବଶ୍ୟକ ସ୍ଥଳେ ଆଗକୁ ମଧ୍ୟ ବଢ଼ାଯାଇପାରିବ। ଟ୍ରମ୍ପ କହିଛନ୍ତି, ସେ ଦୀର୍ଘ ସମୟ ଧରି ଇରାନର ଟାର୍ଗେଟରେ ଅଛନ୍ତି। ତେବେ ବର୍ତ୍ତମାନ କୌଣସି ନୂତନ ଆକ୍ରମଣର ଆଶଙ୍କା ନାହିଁ କିମ୍ବା ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଏପରି କୌଣସି ଗୁପ୍ତ ସୂଚନା ମିଳିନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କଦାପି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ସୁଯୋଗ ଦିଆଯିବ ନାହିଁ।

ସୂଚନାଯୋଗ୍ୟ ଯେ, ବର୍ଷ ୨୦୨୦ରେ ଆମେରିକାର ଏକ ଡ୍ରୋନ୍ ଆକ୍ରମଣରେ ଇରାନର ପ୍ରମୁଖ ସାମରିକ କମାଣ୍ଡର କାସେମ୍ ସୋଲେମାନିଙ୍କ ମୃତ୍ୟୁ ହୋଇଥିଲା, ଯାହାର ପ୍ରତିଶୋଧ ନେବାକୁ ଇରାନ ବାରମ୍ବାର ଧମକ ଦେଇଆସୁଛି। ଏହି ସମୟରେ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ପୁଣି ଥରେ ଆମେରିକା ସହ ଆଲୋଚନା କରିବାକୁ ଚାହୁଁଛି। ଆମେରିକା ଏଥିପାଇଁ ରାଜି ହୋଇଥିଲେ ମଧ୍ୟ ପୂର୍ବରୁ ଚାଲିଥିବା ଯୁଦ୍ଧବିରତି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି ବୋଲି ଇରାନକୁ ସ୍ପଷ୍ଟ କରିଦେଇଛି।

## ଧାର୍ଯ୍ୟ ହେଲା ୩୯ଟି ନୂତନ ଔଷଧର ଖୁଚୁରା ମୂଲ୍ୟ

# ହୃଦ୍‌ରୋଗ ଇଞ୍ଜେକ୍‌ସନ୍ ମୂଲ୍ୟ ୬୦ ହଜାର ଟଙ୍କା

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ୩୯ଟି ନୂତନ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ସ୍ଥିର କରିଛି। ଏଥିରେ ଉଚ୍ଚ ରକ୍ତଚାପ, ମଧୁମେହ, ଏଚ୍‌ଆଇଭି, ହୃଦରୋଗ ଏବଂ ଚକ୍ଷୁ ସଂକ୍ରମଣ ଭଳି ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଅନ୍ତର୍ଭୁକ୍ତ। ଏହାଛଡା ହୃଦ୍‌ଘାତ ଘଟଣାରେ ଜମାଟ ବାନ୍ଧି ଥିବା ରକ୍ତକୁ ମିଳାଇ ଦେଉଥିବା ଦାବୀ ଟେନକ୍‌ଟେପ୍ଲାଜ୍ (ଟିଏନ୍‌କେ-ଟିପିଏ) ଇଞ୍ଜେକ୍‌ସନ୍ ମୂଲ୍ୟ ପ୍ରତି ଭାଏଲ୍ ୬୦,୨୩୮.୨୭ ଟଙ୍କା ଧାର୍ଯ୍ୟ କରାଯାଇଛି।

ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର, ୨୦୧୩ ଅନୁଯାୟୀ ଧାର୍ଯ୍ୟ ଏହି ମୂଲ୍ୟ ରୋଗୀମାନଙ୍କୁ ନିର୍ଦ୍ଧାରିତ, ସୁଲଭ ମୂଲ୍ୟରେ ଔଷଧ ପାଇବାକୁ ସକ୍ଷମ କରାଇବ। ତଥାପି, ଏନ୍‌ପିପିଏ ସ୍ପଷ୍ଟ କରିଛି ଯେ ଏହା ଔଷଧ ମୂଲ୍ୟ ହ୍ରାସ କରିବାର ନିଷ୍ପତ୍ତି ନୁହେଁ, ବରଂ ସେମାନଙ୍କର ସର୍ବାଧିକ ଖୁଚୁରା ମୂଲ୍ୟ ସ୍ଥିର କରିବାର ଏକ ପ୍ରକ୍ରିୟା।

ଏନ୍‌ପିପିଏ ଅନୁଯାୟୀ, ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ଆମ୍ଲୋଡିପିନ୍, ବିସୋପ୍ରୋଲୋଲ୍ ଏବଂ ଟେଲମିସାର୍ଟାନ୍ ଯୁକ୍ତ ଏକ ମିଶ୍ରଣ ଟାବଲେଟର ମୂଲ୍ୟ ପ୍ରତି ଟାବଲେଟ୍ ୧୪.୭୪ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ସମୟରେ, ନେପାଫେନାକ୍ ଏବଂ ମୋକ୍ସିଫ୍ଲୋକ୍ସାସିନ୍ ଡ୍ରପ୍ (ଚକ୍ଷୁ ଅସ୍ତ୍ରୋପଚାର ପରେ ଜୀବାଣୁ ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହୃତ)ର ମୂଲ୍ୟ ପ୍ରତି ମିଲିଲିଟର ୬୮.୬୪ ଟଙ୍କା ସ୍ଥିର କରାଯାଇଥିବାବେଳେ କ୍ଲୋପିଡୋଗ୍ରେଲ୍, ଆସ୍ପିରିନ୍ ଏବଂ ଆଟୋର୍ଭାଷ୍ଟାଟିନ୍ (ଯାହା ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ହ୍ରାସ କରେ) ଥିବା କ୍ୟାପସୁଲ୍ର ମୂଲ୍ୟ ପ୍ରତି କ୍ୟାପସୁଲ୍ ୬.୩୭ ଟଙ୍କା ଧାର୍ଯ୍ୟ ହୋଇଛି। ଏନ୍‌ପିପିଏ ସମସ୍ତ ଔଷଧର ଖୁଚୁରା ବ୍ୟବସାୟୀ ଏବଂ ଡିଲରମାନଙ୍କୁ କମ୍ପାନୀଙ୍କଠାରୁ ପ୍ରାପ୍ତ ମୂଲ୍ୟ ତାଲିକା ସ୍ପଷ୍ଟ ଭାବରେ ପ୍ରଦର୍ଶନ ▶ପୃଷ୍ଠା-୭

# ଚାକିରି ଛାଡୁଛନ୍ତି ଆଇପିଏସ୍

## ଭୁବନେଶ୍ୱର ଡିସିପି ମୀନାଙ୍କ ପରେ ପ୍ରୋବେସନର ରାମଦାସଙ୍କ ଇସ୍ତଫା

■ ଭୁବନେଶ୍ୱର, ୧୧।୭ (ସମିସ): ରାଜ୍ୟରେ ଆଇପିଏସ୍‌ଙ୍କ ମରୁଡି ପଡ଼ିଥିଲା ବେଳେ ଜଣଙ୍କ ପରେ ଜଣେ ଆଇପିଏସ୍ ଚାକିରି ଛାଡୁଛନ୍ତି। ପ୍ରଥମେ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାକୁ ନେଇ ନାନା ଚର୍ଚ୍ଚା ହେଉଥିବା ବେଳେ ଏବେ ଓଡ଼ିଶା କ୍ୟାଡର୍‌ର ଆଉ ଜଣେ ଆଇପିଏସ୍ ଅଫିସର୍ ଇସ୍ତଫା ଦେଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶା କ୍ୟାଡର୍‌ର ଏହି ଆଇପିଏସ୍ ଜଣଙ୍କ ଓଡ଼ିଶାରେ ଅବସ୍ଥାପିତ ହେବା ପୂର୍ବରୁ ହିଁ ଚାକିରି କରିବେନି ବୋଲି ମନା କରିଦେଇଛନ୍ତି। ଟ୍ରେନିଂ ବେଳଠାରୁ ହିଁ ସେ ପୁଲିସ ଚାକିରିରୁ ଅବ୍ୟାହତି ନେବାକୁ ବସିଛନ୍ତି। ପ୍ରୋବେସନରେ ଥିବା ଏହି ଆଇପିଏସ୍ ଅଧିକାରୀ ଜଣଙ୍କ ହେଲେ ସି.ଏ



**ଓଡ଼ିଶା ନ ଆସି ହାଇଦ୍ରାବଦରେ ପ୍ରଶିକ୍ଷଣ ବେଳେ ଦେଲେ ଇସ୍ତଫା**

ରାମଦାସ। ୨୦୨୫ ବ୍ୟାଚ୍‌ର ଏହି ଆଇପିଏସ୍‌ଙ୍କ ବୟସ ୩୩ ହୋଇଥିଲା ବେଳେ ସେ ହାଇଦରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାସନାଲ ପୁଲିସ ଏକାଡେମୀରେ ପ୍ରୋବେସନର ଭାବେ ଟ୍ରେନିଂ ନେଉଛନ୍ତି। ମହାରାଷ୍ଟ୍ରର ଏହି ଆଇପିଏସ୍‌ଙ୍କୁ ମାତ୍ର କିଛିଦିନ ତଳେ ଓଡ଼ିଶା କ୍ୟାଡର ଆବଣ୍ଟନ କରାଯାଇଥିଲା। ସେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରିଥିଲା ବେଳେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପୁଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି ଆମେ ତାଙ୍କର ଇସ୍ତଫା ପତ୍ର ପାଇଛୁ। ପ୍ରଶିକ୍ଷଣରେ ଥିବାରୁ ଏପର୍ଯ୍ୟନ୍ତ ସେ ଓଡ଼ିଶାରେ କାର୍ଯ୍ୟ କରି ନାହାନ୍ତି। ତେବେ କ'ଣ ପାଇଁ ସେ ଇସ୍ତଫା ଦେଇଛନ୍ତି ତାହା ସ୍ପଷ୍ଟ ଭାବେ ଜଣା ନାହିଁ। ▶ପୃଷ୍ଠା-୭

## ପଢ଼ାବହିରେ ମାଳମାଳ ତ୍ରୁଟି ଘଟଣା

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ


■ ଭୁବନେଶ୍ୱର, ୧୧।୭ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଘଟଣାର ଅପରାଧିକ ତଦନ୍ତ (କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍) ହେବ। ଏନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଘଟଣା ସମ୍ପର୍କରେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଏଫ୍‌ଆଇଆର୍ ଦେବାକୁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଘଟଣାକୁ ଷଡ୍‌ଯନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଏହାର ମୂଳକୁ ପହଞ୍ଚିବ ବୋଲି ଆଶା କରାଯାଉଛି।

ପଢ଼ା ବହିରେ ତ୍ରୁଟି ଘଟଣା ଓଡ଼ିଶା ସମେତ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିବା ସହ ଓଡ଼ିଶା ନିନ୍ଦିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷାବିତ୍ ଓ ବିଭିନ୍ନ ରାଜନୈତିକ ଦଳ ଏହାକୁ କଡ଼ା ସମାଲୋଚନା କରିଥିଲେ। ଏହି ଘଟଣା କ୍ଷିପ୍ର ବେଗରେ ଅସନ୍ତୋଷ ସୃଷ୍ଟି କରୁଥିବାବେଳେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ଏକ ତଦନ୍ତ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଆଧାରରେ ସରକାର ପୂର୍ବତନ ଏସ୍‌ସିଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

## ଅଗଷ୍ଟରେ ବିରତି ନେବ ମୌସୁମୀ

# ଶୁଖିଲା ପଡ଼ିବ ଅଧା ଭାରତ

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦେଶର ଅନେକ ସ୍ଥାନରେ ପ୍ରବଳ ବର୍ଷା ପରେ ବର୍ତ୍ତମାନ ମୌସୁମୀର ଗତିପଥରେ ପରିବର୍ତ୍ତନ ଦେଖାଦେଇଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଏକ ବଡ଼ ଭାଗରେ ବର୍ତ୍ତମାନ ବର୍ଷାର ପରିମାଣ କମିଯିବ ଏବଂ ପୁଣି ଥରେ ଖରା ସହ ପ୍ରବଳ ଗୁଳୁଗୁଳି ପାଗ ଫେରିବ। ବିଗତ ୯ ଦିନ ଧରି ଲଗାତାର ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ପରେ ଏହି ବିରତି ଆସିବାକୁ ଯାଉଛି। ମୌସୁମୀର ମୁଖ୍ୟ ପ୍ରବାହ ବଳୟ ବର୍ତ୍ତମାନ ହିମାଳୟର ପାଦଦେଶ ଆଡ଼କୁ ଗତି କରୁଛି। ଏହାଫଳରେ ପଶ୍ଚିମ ଦିଗରୁ ଶୁଖିଲା ପବନ ଦେଶ ମଧ୍ୟକୁ ପ୍ରବେଶ କରିବ ଏବଂ ଆଗାମୀ ୫ ରୁ ୭ ଦିନ ପର୍ଯ୍ୟନ୍ତ ବର୍ଷାର ପରିମାଣ ହ୍ରାସ ପାଇବ। ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ପ୍ରମୁଖ ରାଜ୍ୟଗୁଡ଼ିକ ହେଲା- ଦିଲ୍ଲୀ, ହରିୟାଣା ଏବଂ ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନା। ଏହି ସବୁ ଅଞ୍ଚଳରେ ଶୁଖିଲା ପାଗ ସହିତ ବାୟୁମଣ୍ଡଳରେ ଆଦ୍ରତା ଅଧିକ



**ଅନେକ ରାଜ୍ୟକୁ ଫେରିବ ଶୁଖିଲା, ଗୁଳୁଗୁଳି ପାଗ**

ରହିବା ହେତୁ ତାପମାତ୍ରା ୪୫ ରୁ ୫୦ ଡିଗ୍ରୀ ସେଲସିୟସ ଭଳି ଅନୁଭୂତ ହୋଇପାରେ, ଯାହା ଅତ୍ୟନ୍ତ କଷ୍ଟଦାୟକ ହେବ। ମୌସୁମୀର ଗତିପଥ ବଦଳିବା ଯୋଗୁଁ ପାହାଡ଼ିଆ ଏବଂ ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଜାରି ରହିବ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ସିକିମ୍ ଏବଂ ଉତ୍ତର-ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ଆକଳନ କରିଥିଲା। ଜୁଲାଇ ମଧ୍ୟଭାଗରେ ଏଭଳି ଶୁଖିଲା ପାଗ ଯୋଗୁଁ ବିଶେଷ କରି ଧାନ ଭଳି ଖରିଫ ଫସଲ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ। ଯେଉଁ ଚାଷୀମାନଙ୍କ ପାଖରେ ଜଳସେଚନର ସୁବିଧା ନାହିଁ, ସେମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ଜୁଲାଇ ଶେଷ ଆଡ଼କୁ ପୁଣି ଥରେ ବର୍ଷାର ପରବର୍ତ୍ତୀ ପର୍ଯ୍ୟାୟ ସକ୍ରିୟ ହେବାର ସମ୍ଭାବନା ରହିଛି।

# ସାପ କାମୁଡ଼ାରେ ଛାତ୍ର ମୃତ

## ଦାୟିତ୍ୱହୀନତା ପାଇଁ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

■ ବେତନଟୀ, ୧୧।୭ (ସମିସ): ବେତନଟୀ ବ୍ଲକର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏ ନେଇ ଉତ୍ୟକ୍ତ ଲୋକ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଘେରଉ କରି କ୍ଷତିପୂରଣ ଦାବି ପରେ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ ମୁତୟନ କରାଯାଇଛି। ମୃତ ଛାତ୍ର ଜଣକ ହେଉଛନ୍ତି ବାରିପଦା ନିକଟସ୍ଥ ବାଇଗଣବାଡ଼ିଆ ଗ୍ରାମର ରବୀନ୍ଦ୍ର ସୋରେନଙ୍କ ପୁଅ ସପନ ସୋରେନ। ସେ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଥିଲେ।

ସୂଚନା ମୁତାବକ, ଗତ ମଙ୍ଗଳବାର ଦିନ ସପନ ବିଦ୍ୟାଳୟ ପରିସରରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ସମୟରେ ତାଙ୍କୁ ସାପ କାମୁଡ଼ିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ▶ପୃଷ୍ଠା-୭

## ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାକୁ ବର୍ଷେ ପୂରିଲା

# କୋର୍ଟରେ ଆରମ୍ଭ ହୋଇନି ଶୁଣାଣି

■ ଭୁବନେଶ୍ୱର/ବାଲେଶ୍ୱର, ୧୧।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାକୁ ବର୍ଷେ ପୂରିଛି। ଅଧ୍ୟାପକ ନିର୍ଯ୍ୟାତନା ଦେଉଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ ନ କରିବାର କରୁଣ ପରିଣତି ସାରା ଦେଶ ଦେଖିଛି। ଏହାପରେ ଶିକ୍ଷାନୁଷ୍ଠାରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ସେତେବେଳେ ହଟଚମଟ ସୃଷ୍ଟି ହୋଇଥିବାବେଳେ ସରକାର ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମାତ୍ର ଏବେ ମଧ୍ୟ ସୌମ୍ୟାଶ୍ରୀଙ୍କ ପରି ବହୁ ନିର୍ଯାତିତ ଛାତ୍ରୀ ନ୍ୟାୟ ଅପେକ୍ଷାରେ ରହିବା ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।



ସଦ୍ୟତମ ସୂଚନା ଅନୁଯାୟୀ, ସୌମ୍ୟାଶ୍ରୀଙ୍କୁ ନିର୍ଯ୍ୟାତନା ଦେଇଥିବା ଅଧ୍ୟାପକ ସମୀର ନାୟକ ଏବେ ଜେଲ୍‌ରେ ଥିବାବେଳେ ଆତ୍ମଦାହ ପାଇଁ ଉସୁକାଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇ ସଦସ୍ୟ ଓ ଅଭିଯୋଗ

**ତଦନ୍ତ ସାରି ଚାର୍ଜସିଟ୍ ଦାଖଲ ସରିଛି: କ୍ରାଇମ୍‌ବ୍ରାଞ୍ଚ ଡିଜି**

**ଏବେବି ନ୍ୟାୟ ଅପେକ୍ଷାରେ ଅନେକ ନିର୍ଯାତିତ ଛାତ୍ରୀ**

ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଇ ନଥିବା କଲେଜ ଅଧ୍ୟକ୍ଷଙ୍କୁ ବେଲ୍ ମିଳି ସାରିଛି। ଏହି ଘଟଣାର ତଦନ୍ତ ଭାର ସରକାର କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରିଥିବାବେଳେ ଇତି ମଧ୍ୟରେ ତଦନ୍ତ ମଧ୍ୟ ସରିଛି। ଘଟଣାର ତଦନ୍ତ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ ସାରି ଚାର୍ଜସିଟ୍ ଦାଖଲ ହୋଇଛି। କୋର୍ଟରେ ଏହାର ଶୁଣାଣୀ ଆରମ୍ଭ ହେବ।

ବାଲେଶ୍ୱରରେ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଥିବା ୧୪ଟି ଛାତ୍ରୀ ନିର୍ଯ୍ୟାତନା ମାମଲାରେ ସରକାର ତ୍ୱରିତ ପଦକ୍ଷେପ ନେଇଥିଲେ। ମାତ୍ର ଲୋକଙ୍କ ମନରୁ ଏହି ମାମଲା ଅପସରି ଗଲା ପରେ ସ୍ଥିତି ପୂର୍ବପରି ରହିଛି। ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରେ ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀମାନେ ▶ପୃଷ୍ଠା-୭

# ଶସ୍ତା ହେବ ବିନା ଡାଟାବାଲା ରିଚାର୍ଜ ପ୍ଲାନ୍

## ୩୦୦ରୁ ଏକାଥରେ ୧୦୦ ଟଙ୍କା ହେବ!


■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଖୁବ୍ ଶୀଘ୍ର ଦେଶରେ ଡାଟା ବିନାରେ ମିଳୁଥିବା ମୋବାଇଲ୍ ରିଚାର୍ଜ ପ୍ଲାନ୍ ଶସ୍ତା ହୋଇପାରେ। ବର୍ତ୍ତମାନ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଏହି ପଦକ୍ଷେପ ଉପରେ କାମ କରୁଛି। ଟ୍ରାଇ›ଟେଲିକମ୍ ଉପଭୋକ୍ତା ସୁରକ୍ଷା ନିୟମାବଳୀ ୨୦୨୬ରେ ଏକ ନୂତନ ଚିଠା ପ୍ରସ୍ତାବ ପ୍ରକାଶ କରିଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ଯଦି ଆପଣଙ୍କୁ ଡାଟା ଆବଶ୍ୟକ ନାହିଁ, ତେବେ ଏଥିପାଇଁ କାହିଁକି ଦେୟ ଦେବାକୁ ପଡିବ। ଟ୍ରାଇ ଏହି ପ୍ରସ୍ତାବକୁ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ଅଂଶୀଦାରଙ୍କଠାରୁ ପରାମର୍ଶ ଆମନ୍ତ୍ରଣ କରିଛି। ମୋବାଇଲ୍ ପ୍ଲାନ୍‌ର ମୂଲ୍ୟରେ ୫୦-୭୦% କେବଳ ଡାଟା ପାଇଁ ନିଆଯାଉଛି। ଏଭଳି କ୍ଷେତ୍ରରେ ନୂତନ ନିୟମ ଲାଗୁ ହେବା ପରେ କେବଳ 'କଲ୍ ଏବଂ ଏସ୍‌ଏମ୍‌ଏସ୍ ପ୍ଲାନ୍‌ର ମୂଲ୍ୟ ଅଧାରୁ କମ୍ ହୋଇଯିବ। ▶ପୃଷ୍ଠା-୭

## ମା'ଙ୍କ ପୂର୍ବରୁ ବାପାଙ୍କୁ ବି ହତ୍ୟା କରିଥିଲା ଝିଅ!



ଜୟପୁର, ୧୧।୭(ଏଜେନ୍ସି): ଜୟପୁରର ଚାଞ୍ଚଲ୍ୟକର ମାଆ ହତ୍ୟା ମାମଲାରେ ବର୍ତ୍ତମାନ ଏକ ନୂଆ ମୋଡ଼ ଆସିଛି। ଗିରଫ ହୋଇଥିବା ଆଇନ ଛାତ୍ରୀ ଆୟୁଷୀ କେବଳ ନିଜ ମାଆ ନୁହେଁ, ବରଂ ଗତବର୍ଷ ନିଜ ବାପାଙ୍କୁ ମଧ୍ୟ ହତ୍ୟା କରିଥିବା ନେଇ ତାଙ୍କ ମାମୁଁ ରାକେଶ ଶର୍ମା ଅଭିଯୋଗ କରିଛନ୍ତି। ସମ୍ପତ୍ତି ଏବଂ ମାଆଙ୍କ ସରକାରୀ ଚାକିରି ପାଇବା ଆଶାରେ ଆୟୁଷୀ ଏହି ସବୁ କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି। ଗତ ଜୁଲାଇ ୩ ତାରିଖରେ ଆୟୁଷୀଙ୍କ ମାଆ ନୀରଜ ଶର୍ମାଙ୍କୁ ଏକ ଏସୟୁଭି ଗାଡ଼ି ମାଡ଼ କରି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ଆୟୁଷୀ ନିଜ ପିଉସୀ ପୁଅ ଭାଇ ବଳରାମ ସହ ମିଶି ୭ ଲକ୍ଷ ଟଙ୍କାରେ ସୁପାରି କିଲର ନିଯୁକ୍ତ କରିଥିଲେ। ପୁଲିସ ଏହି ମାମଲାରେ ୫ ଜଣ ସୁପାରି କିଲର ଓ ଆୟୁଷୀଙ୍କୁ ଗିରଫ କରି ସାରିଛି। ବର୍ତ୍ତମାନ ଆୟୁଷୀଙ୍କ ମାମୁଁ ଅଭିଯୋଗ ଆଣିଛନ୍ତି ଯେ, ଗତବର୍ଷ ବାପା ବିଜୟ ଶର୍ମା ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହେବା ପରେ ଆୟୁଷୀ ଓ ବଳରାମ ପରିବାରକୁ ଅନ୍ଧାରରେ ରଖି ତାଙ୍କୁ ଏକ ଅଜ୍ଞାତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଏବଂ ପରେ ତାଙ୍କର ଖାଦ୍ୟ ନଳୀ (ଫିଡିଂ ଟ୍ୟୁବ୍) କାଢ଼ି ଦେଇ ତାଙ୍କୁ ହତ୍ୟା କରିଥିଲେ। ପୁଲିସ ସୂଚନା ଅନୁସାରେ, ଆୟୁଷୀଙ୍କ ସହ ତାଙ୍କ ପିଉସା ମୋହନ ଓ ଭାଇ ବଳରାମ ମଧ୍ୟ ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଏହି ତିନିଜଣ ପରିବାରର ସମସ୍ତ ସମ୍ପତ୍ତିକୁ ନିଜ ମଧ୍ୟରେ ବାଣ୍ଟିବାକୁ ଯୋଜନା କରିଥିଲେ। ଆୟୁଷୀ ଏବଂ ବଳରାମଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ମଧ୍ୟ ଜଣାପଡ଼ିଛି। ବର୍ତ୍ତମାନ ପୁଲିସ ଫେରାର୍ ଥିବା ବଳରାମକୁ ଖୋଜୁଥିବା ବେଳେ ବାପାଙ୍କ ହତ୍ୟା ଅଭିଯୋଗକୁ ନେଇ ଆୟୁଷୀଙ୍କୁ ଅଧିକ ପଚରାଉଚରା ଜାରି ରଖିଛି।

## ସ୍ୱିଜରଲ୍ୟାଣ୍ଡ ବୁଲିବାକୁ ଯାଇ ହାଇଦରାବାଦର ଦମ୍ପତି ନିଖୋଜ



### ୫୦ କୋଟି ଠକିଥିବା ଅଭିଯୋଗ

ହାଇଦରାବାଦ୍, ୧୧।୭(ଏଜେନ୍ସି): ସ୍ୱିଜରଲ୍ୟାଣ୍ଡକୁ ଛୁଟି କାଟିବାକୁ ଯାଇଥିବା ହାଇଦରାବାଦର ଜଣେ ଦମ୍ପତି ନିଖୋଜ ହୋଇଯାଇଛନ୍ତି। ଗତ ୨୦ ଦିନରୁ ଅଧିକ ସମୟ ହେବ ସେମାନଙ୍କର ପରିବାର ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ଦମ୍ପତିଙ୍କର ଦୁଇଟି ଯାକ ମୋବାଇଲ୍ ଫୋନ୍ ବନ୍ଦ ରହିଥିବାରୁ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ନିଖୋଜ ଦମ୍ପତି ହାଇଦରାବାଦ ଚେର୍ଲାପଲ୍ଲୀ ଅଞ୍ଚଳର ପଦ୍ମା ଚନ୍ଦ୍ରଶେଖର ଓ ତାଙ୍କ ପତ୍ନୀ ପଦ୍ମା ସ୍ୱପ୍ନା ବୋଲି ଚିହ୍ନଟ ହୋଇଛନ୍ତି।


ପୋଲିସ ସୂଚନା ଅନୁସାରେ, ଏହି ଦମ୍ପତି ସ୍ୱିଜରଲ୍ୟାଣ୍ଡ ବୁଲିବାକୁ ଯାଇଥିଲେ ଏବଂ ଯାତ୍ରାର ପ୍ରାରମ୍ଭିକ ଦିନଗୁଡ଼ିକରେ ସେମାନେ ପରିବାର ସହ ନିୟମିତ ଯୋଗାଯୋଗରେ ଥିଲେ। କିନ୍ତୁ ଏହାପରେ ହଠାତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ୩ ସପ୍ତାହରୁ ଅଧିକ ସମୟ ଚେଷ୍ଟା କରିବା ପରେ ମଧ୍ୟ ବାପାମାଆଙ୍କ ସହ କୌଣସି ସମ୍ପର୍କ ହୋଇନପାରିବାରୁ ଶେଷରେ ସେମାନଙ୍କ ଝିଅ ପଦ୍ମା ଶ୍ରେୟା ଜୁଲାଇ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଝିଅଙ୍କ ଅଭିଯୋଗ ଆଧାରରେ ଚେର୍ଲାପଲ୍ଲୀ ପୋଲିସ ମାମଲା ରୁଜୁ କରି ଦମ୍ପତିଙ୍କ ସନ୍ଧାନ ଆରମ୍ଭ କରିଛି। ବର୍ତ୍ତମାନ ସେମାନେ ସ୍ୱିଜରଲ୍ୟାଣ୍ଡରେ ଅଛନ୍ତି କି ନାହିଁ, ତାହା ଜାଣିବା ପାଇଁ ପୋଲିସ ସେମାନଙ୍କ ଯାତ୍ରା ବିବରଣୀ, ବିମାନ ଟିକେଟ ଓ ଇମିଗ୍ରେସନ ରେକର୍ଡ ଯାଞ୍ଚ କରୁଛି।

ଅନ୍ୟପକ୍ଷରେ ସେମାନଙ୍କ ବିରୋଧରେ ୫୦ କୋଟି ଟଙ୍କାର ଠକେଇ ଅଭିଯୋଗ ମଧ୍ୟ ହୋଇଛି। ଅଧିକ ଲାଭର ଆଶା ।।ଦେଖାଇ ସେମାନେ ୬୦ ଜଣଙ୍କ ଠାରୁ ୫୦ କୋଟି ଟଙ୍କା ନେଇଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ବ୍ୟବସାୟୀ ଦଂପତି ଚିଟ୍‌ଫଣ୍ଡ ବ୍ୟବସାୟ ଚଳାଇଥିଲେ। ସେମାନେ ଜାଣିଶୁଣି ନିଖୋଜ ହୋଇଯାଇ ନାହାନ୍ତି ତ? ଏହି ଦିଗକୁ ନେଇ ମଧ୍ୟ ପୁଲିସ ଯାଞ୍ଚ ଚଳାଇଛି।

### ରାମ ମନ୍ଦିର ଚାନ୍ଦା ଚୋରି

## ମହିଳା ସିଇଓ ନିଯୁକ୍ତ ହୋଇପାରନ୍ତି

ଅଯୋଧ୍ୟା, ୧୧।୭(ଏଜେନ୍ସି): ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଟ୍ରଷ୍ଟ କେତେକ ନିର୍ଦ୍ଦିଷ୍ଟ ଯୋଗ୍ୟତା ଓ ସର୍ତ୍ତାବଳୀ ସ୍ଥିର କରିଛି। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ଜୁଲାଇ ୧୮, ୨୦୨୬ ସୁଦ୍ଧା ଆବେଦନ କରିପାରିବେ। ଆବେଦନକାରୀ ଜଣେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଆଇଏଏସ୍) କିମ୍ବା ସମକକ୍ଷ ସରକାରୀ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ। ପ୍ରାର୍ଥୀ ସନାତନ ଧର୍ମ ପ୍ରତି ଗଭୀର ବିଶ୍ୱାସ ଓ ନିଷ୍ଠା ରଖିଥିବା ଜରୁରୀ। ପ୍ରାର୍ଥୀଙ୍କ ବୟସ ୬୦ରୁ ୬୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ମନ୍ଦିର ପ୍ରଶାସନ, ଭକ୍ତଙ୍କ ସୁବିଧା ସୁଯୋଗର



ପରିଚାଳନା ଏବଂ ଟ୍ରଷ୍ଟର ଆଗାମୀ ବୃହତ ପ୍ରକଳ୍ପଗୁଡ଼ିକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଏହି ନିଯୁକ୍ତି କରାଯାଉଛି। ପ୍ରାପ୍ତ ଆବେଦନଗୁଡ଼ିକର ଯାଞ୍ଚ ପରେ ଟ୍ରଷ୍ଟର ବରିଷ୍ଠ କମିଟି ଦ୍ୱାରା ଚୂଡ଼ାନ୍ତ ପ୍ରାର୍ଥୀ ଚୟନ କରାଯିବ। ରାମ ମନ୍ଦିରକୁ ମିଳୁଥିବା ଦାନ ଏବଂ ଚାନ୍ଦା ଆଦାୟରେ ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ଶନିବାର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛି। କଂଗ୍ରେସ ମୁଖପାତ୍ର ଅଜୟ ଉପାଧ୍ୟାୟ ଏହାକୁ 'ଆସ୍ଥା ନାମରେ ଲୁଟ୍' ବୋଲି ଅଭିହିତ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା କହିଛନ୍ତି ଯେ ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ, ବରଂ କୋଟି କୋଟି ଭକ୍ତଙ୍କ ବିଶ୍ୱାସ ସହ ବିଶ୍ୱାସଘାତକତା। ନକଲି ରସିଦ ଏବଂ ନଗଦ ଦାନ ହେରଫେରର ଅଭିଯୋଗ ଆସିବା ପରେ ମଧ୍ୟ କେବଳ ତଳସ୍ତରର କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କିନ୍ତୁ ଶୀର୍ଷ ଅଧିକାରୀଙ୍କୁ ଛଡ଼ାଯାଇଛି ବୋଲି ସେ କହିଛନ୍ତି।

## ବିଧାୟକଙ୍କୁ ୨୦ କୋଟି ଯଚାଯାଇଛି: ଓମାର

ଶ୍ରୀନଗର, ୧୧।୭(ଏଜେନ୍ସି): ଜମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଜେପି ବିରୋଧରେ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଜାମ୍ମୁର ଜଣେ ନ୍ୟାସନାଲ କନଫରେନ୍ସ ବିଧାୟକଙ୍କୁ ଦଳ ବଦଳ କରି ବିଜେପିରେ ସାମିଲ ହେବା ପାଇଁ ୨୦ ରୁ ୩୦ କୋଟି ଟଙ୍କା, ମନ୍ତ୍ରୀ ପଦ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରସ୍ତ କରିବାର ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସେ ଦାବି କରିଛନ୍ତି। ବିଜେପି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି। ଶ୍ରୀନଗରରେ ଏକ ଜନସଭାକୁ ସମ୍ବୋଧିତ କରି ଓମାର



ଅବଦୁଲ୍ଲା କହିଛନ୍ତି ଯେ ବିଜେପି ସହ ଜଡ଼ିତ ସୁପ୍ରିମକୋର୍ଟର ଜଣେ ଓକିଲ ଏହି ବିଧାୟକଙ୍କ ସହ ଏକ ବନ୍ଦ କୋଠରୀରେ ବୈଠକ କରି ଏହି ଅଫର ଦେଇଥିଲେ, ଯାହା ବିଷୟରେ ବିଧାୟକ ଜଣକ ତାଙ୍କୁ ବ୍ୟକ୍ତିଗତ ଭାବେ ଜଣାଇଛନ୍ତି। ନିର୍ବାଚିତ ସରକାରକୁ ଦୁର୍ବଳ କରିବା ପାଇଁ ଏଭଳି ପ୍ରୟାସ କରାଯାଉଛି, କିନ୍ତୁ ଦଳର କୌଣସି ବିଧାୟକ ବିକ୍ରି ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ଓମାର ଅବଦୁଲ୍ଲା ଜାମ୍ମୁ ଓ କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରାଇବାରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚିତ ସରକାର କାର୍ଯ୍ୟଭାର ଗ୍ରହଣ କରିବାର ପ୍ରାୟ ୧୮ ମାସ ପରେ ମଧ୍ୟ କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ପାହ୍ୟା ଫେରସ୍ତ ପାଇବା ଜାମ୍ମୁ କାଶ୍ମୀରବାସୀଙ୍କ ଗଣତାନ୍ତ୍ରିକ ଅଧିକାର ଏବଂ କେନ୍ଦ୍ର ସରକାର ବିନା କୌଣସି ବିଳମ୍ବରେ ଏହି ପ୍ରତିଶ୍ରୁତି ପୂରଣ କରିବା ଉଚିତ।

## ଟିକଟ କଟିବାରୁ ବିଜେପି ନେତା ସମର୍ଥକଙ୍କ ଉଗ୍ର ବିକ୍ଷୋଭ

ଭୋପାଳ, ୧୧।୭(ଏଜେନ୍ସି): ମଧ୍ୟପ୍ରଦେଶ ଦାତିଆ ବିଧାନସଭା ଉପନିର୍ବାଚନ ପାଇଁ ବିଜେପି ନିଜର ବରିଷ୍ଠ ନେତା ତଥା ପୂର୍ବତନ ଗୃହମନ୍ତ୍ରୀ ଡକ୍ଟର ନରୋତ୍ତମ ମିଶ୍ରଙ୍କ ଟିକେଟ୍ କାଟି ସମସ୍ତଙ୍କୁ ଚକିତ କରିଦେଇଛି। ଦଳ ଶେଷ ମୁହୂର୍ତ୍ତରେ



ସଂଗଠନର ପୁରୁଣା ଚେହେରା ଆଶୁତୋଷ ତିୱାରୀଙ୍କୁ ନିଜର ପ୍ରାର୍ଥୀ ଘୋଷଣା କରିଛି। ଏହି ନିଷ୍ପତ୍ତି ପରେ ଦାତିଆ ବିଜେପି ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନରୋତ୍ତମ ମିଶ୍ରଙ୍କ ସମର୍ଥକମାନେ ରାଜପଥକୁ ଓହ୍ଲାଇ ଜୋରଦାର ବିରୋଧ ପ୍ରଦର୍ଶନ କରିଛନ୍ତି। ଅନେକ ମହିଳା ସମର୍ଥକ ରାସ୍ତାରେ ଶୋଇ ରହି ପ୍ରତିବାଦ କରିଥିବା ବେଳେ ଗ୍ୱାଲିୟର-ଝାନ୍ସୀ ଜାତୀୟ ରାଜପଥକୁ ୧୨ ଘଣ୍ଟା ଧରି ଅବରୋଧ କରାଯାଇଛି। କେତେକ ସ୍ଥାନରେ ପଥରମାଡ଼ ଓ ଗଣ୍ଡଗୋଳ ହେବା ଯୋଗୁଁ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଛି। ଅନେକ ଦଳୀୟ ପଦାଧିକାରୀ ମଧ୍ୟ ନିଜ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ଅନୁସାରେ, ନରୋତ୍ତମ ମିଶ୍ର ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ହଜାର ହଜାର ନେତାଙ୍କୁ ବିଜେପିରେ ସାମିଲ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଆସନଟି କଂଗ୍ରେସ ବିଧାୟକ ରାଜେନ୍ଦ୍ର ଭାରତୀଙ୍କ ସଦସ୍ୟତା ରଦ୍ଦ ହେବା ପରେ ଖାଲି ପଡ଼ିଥିଲା। ଆସନ୍ତା ଜୁଲାଇ ୩୦ ତାରିଖରେ ଏଠାରେ ଭୋଟ୍ ଗ୍ରହଣ ହେବ ଏବଂ ଅଗଷ୍ଟ ୩ ତାରିଖରେ ଭୋଟ୍ ଗଣତି କରାଯିବ।



# ଟ୍ରମ୍ପଙ୍କ ଚିନ୍ତା ବଢ଼ାଇଲା ଇରାନ

## ଇରାନ ପୁଣି ନିର୍ମାଣ କରୁଛି ପରମାଣୁ ପ୍ରକଳ୍ପ

ତେହରାନ, ୧୧।୭(ଏଜେନ୍ସି): ଆମେରିକା ବିମାନ ଆକ୍ରମଣରେ ଧ୍ୱଂସ ହୋଇଯାଇଥିବା ନିଜର ଏକ ପ୍ରମୁଖ ଭୂତଳ ପରମାଣୁ ପ୍ରକଳ୍ପକୁ ଇରାନ ପୁଣି ଥରେ ନିର୍ମାଣ କରୁଥିବା ନୂତନ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ଗଣମାଧ୍ୟମ ଓ ପ୍ରତିରକ୍ଷା ସଂସ୍ଥାଗୁଡ଼ିକ ଦ୍ୱାରା ଜାରି ଏହି ଚିତ୍ରଗୁଡ଼ିକ ପାର୍ଚିନ ସାମରିକ କମ୍ପ୍ଲେକ୍ସ ଭିତରେ ଥିବା 'ତାଲେଘାନ-୨' ଗୁପ୍ତ ଭୂତଳ କେନ୍ଦ୍ରର ବୋଲି ଜଣାପଡ଼ିଛି। ଜୁନ୍ ଏବଂ ଜୁଲାଇ ୨୦୨୬ ମଧ୍ୟରେ ନିଆଯାଇଥିବା ଚିତ୍ରରୁ ସ୍ପଷ୍ଟ ହେଉଛି ଯେ, ଇରାନ ଆକ୍ରମଣରେ ହୋଇଥିବା କ୍ଷୟକ୍ଷତିର ଆକଳନ ସାରି ଏବେ ସେଠାରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଛି। ବୋମା ମାଡ଼ ହୋଇଥିବା ଗାତଗୁଡ଼ିକୁ କଂକ୍ରିଟ୍ ଓ ଲୁହା ରଡ୍ ସାହାଯ୍ୟରେ ବନ୍ଦ କରାଯାଉଛି। ଜୁନ୍ ଶେଷ ଆଡ଼କୁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ଇରାନ ସାମରିକ ପରମାଣୁ ଗବେଷଣା ନକରିବାକୁ ସହମତି ପ୍ରକାଶ କରିଥିଲା। ମାତ୍ର ଏହି ନୂତନ ନିର୍ମାଣ କାର୍ଯ୍ୟ ଚୁକ୍ତିର ଉଲ୍ଲଂଘନ କରୁଛି।



ଚଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ୍ ମାସରେ ଆମେରିକା ଏହି ପରମାଣୁ କେନ୍ଦ୍ର ଉପରେ ଦୁଇ ଦୁଇ ଥର ବୋମା ମାଡ଼ କରି ଏହାକୁ ଛାରଖାର କରିଦେଇଥିଲା। ଏହାପୂର୍ବରୁ ଅକ୍ଟୋବର ୨୦୨୪ରେ ଇସ୍ରାଏଲ୍ ମଧ୍ୟ ଏହି ସ୍ଥାନକୁ ଧ୍ୱଂସ କରିଥିଲା। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଚାଲିଥିବା ଅସ୍ତ୍ରବିରତି ଶେଷ ହୋଇଥିବା ଘୋଷଣା କରିବା ପରେ ଏହି ସାଟେଲାଇଟ୍ ଚିତ୍ର ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି। ଏହାକୁ ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଚିନ୍ତା ବଢ଼ିଯାଇଛି। ସେ କହିଛନ୍ତି ଯେ କୌଣସି ବି ସ୍ଥିତିରେ ସେ ଇରାନକୁ ପରମାଣୁ କେନ୍ଦ୍ର ନିର୍ମାଣ କରିବାକୁ ଦେବେନାହିଁ।

## ମୌସୁମୀ ତାଣ୍ଡବ: ୟୁପିରେ ୩ ଦିନରେ ୧୫ ମୃତ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ବର୍ଷା କରାଉଥିବା ବାଦଲ ବର୍ତ୍ତମାନ ପୂର୍ବ ଏବଂ ଉତ୍ତର-ପୂର୍ବ



ଭାରତ ଆଡ଼କୁ ଗତି କରିଛି। ଏହାଫଳରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ମେଘାଳୟ, ମିଜୋରାମ ଓ ତ୍ରିପୁରାରେ ପ୍ରବଳ ବର୍ଷା ଜାରି ରହିଛି। ଅପରପକ୍ଷରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ସମେତ ୧୦ଟି ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ମୌସୁମୀ ଦୁର୍ବଳ ରହିବ। ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୩ ଦିନ ମଧ୍ୟରେ ଏଠାରେ ବିଭିନ୍ନ ବର୍ଷା ଜନିତ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ହାପୁଡ଼ ଅଞ୍ଚଳରେ ରାସ୍ତା ଓ ଅଣ୍ଡରପାସ ଗୁଡ଼ିକରେ ପାଣି ଜମି ରହିବା ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଜନୌରରେ ଗଙ୍ଗା ଓ ମାଲନ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମାଲନ ନଦୀର ପ୍ରବଳ ସ୍ରୋତରେ ୪ ଜଣ ବାଳକ ଭାସି ଯାଇଛନ୍ତି। ଏହାସହ ଏକ ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ ମିରଟ-ବିଜନୌର ଜାତୀୟ ରାଜପଥ ଏବଂ ହରିଦ୍ୱାର ରୋଡ୍‌ରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ରାଜ୍ୟର ୧୧୮ ଟି ରାସ୍ତା ବନ୍ଦ ରହିଛି। ଯମୁନୋତ୍ରୀ ଜାତୀୟ ରାଜପଥର ପ୍ରାୟ ୧୦୦ ମିଟର ରାସ୍ତା ଧୋଇଯାଇଛି, ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କ୍ରମାଗତ ବର୍ଷା ଯୋଗୁଁ ଏଠାରେ ୩୨୦ରୁ ଅଧିକ ରାସ୍ତା ବନ୍ଦ ହୋଇଯାଇଛି। ଚଣ୍ଡୀଗଡ଼-ଶିମଳା ଚାରିଲେନ୍ ବିଶିଷ୍ଟ ରାସ୍ତାରେ

**■ ଉତ୍ତରାଖଣ୍ଡ, ହିମାଚଳରେ ୪୩୮ ରାସ୍ତା ବନ୍ଦ**
**■ ମିଜୋରାମରେ ପର୍ଯ୍ୟଟକ ଫସିଲେ**

ଏକ ବିରାଟ ପଥର ଖସିପଡ଼ିବା ଯୋଗୁଁ ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅବରୋଧ ହୋଇଛି। ମିଜୋରାମର ଲୁଙ୍ଗଲେଇ ଜିଲ୍ଲାରେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ପ୍ରଶାସନ ପକ୍ଷରୁ ୮୦ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟର ପ୍ରାୟ ୨୯ଟି ସ୍ଥାନରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି। ବୁଆଲଟେ ଗ୍ରାମ ନିକଟରେ ଜାତୀୟ ରାଜପଥ-୫୪ ସମ୍ପୂର୍ଣ୍ଣ ଅବରୋଧ ହୋଇ ରହିଛି, ଯାହାଫଳରେ ଗତ ୪ ଦିନ ହେବ ଅନେକ ପର୍ଯ୍ୟଟକ ସେଠାରେ ଫସି ରହିଛନ୍ତି। ବର୍ତ୍ତମାନ ରାସ୍ତା ସଫା କରିବା କାର୍ଯ୍ୟ ଜାରି ରହିଛି। ଏଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆଇଆଇଟି ରୁର୍କୀ କ୍ୟାମ୍ପସରୁ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି, ଯେଉଁଠାରେ ଛାତ୍ରଛାତ୍ରୀମାନେ ବର୍ଷାକୁ ଉପଭୋଗ କରି ଡଙ୍ଗା ଶୈଳୀରେ ନୃତ୍ୟ କରୁଥିବାର ଦେଖାଯାଇଛି।

## ଜାମିନରେ ଆସି ୬ ଜଣଙ୍କୁ ହତ୍ୟା

ହାଇଦରାବାଦ୍, ୧୧।୭(ଏଜେନ୍ସି): ନିଜ ସ୍ତ୍ରୀ ଓ ପିଲାମାନଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅନ୍ୟ ପରିବାରର ତିନି ଜଣଙ୍କୁ ହତ୍ୟା କରିବା ଭଳି ଏକ ଅତ୍ୟନ୍ତ ବୀଭତ୍ସ ଖବର ସାମନାକୁ ଆସିଛି। ପସକୋ ମାମଲାରେ ଗିରଫ ପରେ ଜାମିନରେ ଆସି ସେ ଏଭଳି ନାରକୀୟ କାଣ୍ଡ ଘଟାଇଛି। ଅଭିଯୁକ୍ତ ହେଉଛି ରାଜକୁମାର (୩୫)। ହତ୍ୟାକାଣ୍ଡ ଘଟାଇବା ପରେ ନିଜ ବାପାଙ୍କୁ ଫୋନ୍ କରି କହିଥିଲା, 'ମୁଁ ଏମାନଙ୍କୁ ମାରିଦେଇଛି।' ଏହାପରେ ସେ ନିଜ ମୋବାଇଲ୍ ଫୋନ୍ ବନ୍ଦ କରିଦେଇଥିଲା।



ସେ ଆତ୍ମହତ୍ୟା କରିବାକୁ ଯାଉଥିବା ନେଇ ବାପାଙ୍କୁ କହିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ବର୍ତ୍ତମାନ ସ୍ପେଶାଲ୍ ଟିମ୍ ଗଠନ କରି ଅଭିଯୁକ୍ତକୁ ଖୋଜୁଛି। ୨୦୧୮ ମସିହାରେ ରାଜକୁମାର ଓ ପାର୍ବତୀ ପ୍ରେମ ବିବାହ କରିଥିଲେ ଏବଂ ସେମାନଙ୍କର ତିନୋଟି ସନ୍ତାନ ଥିଲେ। ଗତ ମେ ମାସରେ ଜଣେ ନାବାଳିକାକୁ ପିଛା କରିବା ଓ ନିର୍ଯାତନା ଦେବା ଅଭିଯୋଗରେ ରାଜକୁମାର ଗିରଫ ହୋଇଥିଲା। କିନ୍ତୁ ଏହି ହତ୍ୟାକାଣ୍ଡର ଘଟାଇବାର ମାତ୍ର ଏକ ସପ୍ତାହ ପୂର୍ବରୁ କୋର୍ଟରୁ ସେ ଅଗ୍ରୀମ ଜାମିନ ପାଇଥିଲା। ଜାମିନରେ ଆସିବା ପରେ ପ୍ରଥମ ନିଜ ପିତ୍ନ, ଦୁଇ ଶିଶୁପୁତ୍ରଙ୍କ ହତ୍ୟା କରିଥିଲା। ଏହାପରେ ସେ ଅଭିଯୋଗକାରିଣୀ ନାବାଳିକା, ତାର ମାଆ ଓ ଆଇମାଙ୍କୁ ହତ୍ୟା କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ୬ ଜଣଙ୍କୁ ଅତି ନୃଶଂସ ଭାବେ ହତ୍ୟଶ କରିବା ପରେ ସେ ଫେରାର ହୋଇଯାଇଛି।

## 'ସତଲୁଜ୍' ଚଳଚ୍ଚିତ୍ରକୁ ନେଇ ହଙ୍ଗାମା



ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲଜିତ୍ ଦୋସାଞ୍ଜଙ୍କ ଅଭିନୀତ ଚଳଚ୍ଚିତ୍ର 'ସତଲୁଜ୍'କୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଏହି ଫିଲ୍ମ ଉପରେ କଟକଣା ଲଗାଇଥିବା ବେଳେ ଏହାକୁ ବିରୋଧ କରୁଛନ୍ତି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସଜିପିସି) ଏବଂ ଅକାଳୀ ଦଳ। କଟକଣା ତୁରନ୍ତ ହଟାଇବା ଲାଗି ସେମାନେ ଦାବି କରିଛନ୍ତି। କିନ୍ତୁ ଏହି ଫିଲ୍ମ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବାରୁ କଟକଣା ହଟିବ ନାହିଁ ବୋଲି କେନ୍ଦ୍ର ସରକାର ଆଜି ପୁଣି ଥରେ ସ୍ପଷ୍ଟ କରିଦେଇଛନ୍ତି।

ସୂଚନା ଥାଉକି ହନି ତ୍ରେହାନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ମାନବାଧିକାର କର୍ମୀ ଜସୱନ୍ତ ସିଂହ ଖାଲରାଙ୍କ ଜୀବନୀ ଉପରେ ଆଧାରିତ। ୧୯୮୪ ରୁ ୧୯୯୪ ମଧ୍ୟରେ ପଞ୍ଜାବରେ ହଜାର ହଜାର ଅଜ୍ଞାତ ଶବର ଦାହ ସମ୍ପର୍କରେ ସେ ଅନୁସନ୍ଧାନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ୧୯୯୫ରେ ପୋଲିସ ଦ୍ୱାରା ଅପହରଣ ଓ ହତ୍ୟାର ଶିକାର ହୋଇଥିଲେ। ଏହି ସମୟରେ ଆତଙ୍କବାଦ ପଞ୍ଜାବରେ ଭୟଙ୍କର ରୂପ ନେଇଥିଲା। ଫିଲ୍ମରେ ଖାଲରାଙ୍କ ଉପରେ ଫୋକସ କରାଯାଇଥିବା ବେଳେ ଆତଙ୍କବାଦ ସଂପର୍କରେ କିଛି ଉଲ୍ଲେଖ କରାଯାଇ ନାହିଁ। ଅନ୍ୟପକ୍ଷରେ ସୁରକ୍ଷା ବାହିନୀର ଚରିତ୍ର ଉପରେ ପ୍ରଶ୍ନ ଉଠାଯାଇଛି।

ଗତ ଜୁଲାଇ ୩ ତାରିଖରେ ଏହି ଫିଲ୍ମ ଜିଓ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାର ମାତ୍ର ଦୁଇ ଦିନ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୁରକ୍ଷା କାରଣ ଦର୍ଶାଇ ଏହାକୁ ହଟାଇ ଦେଇଥିଲା। ଏହାପରେ ଆଇଟି ନିୟମ ୨୦୨୧ ଅନୁଯାୟୀ ଏକ ଆନ୍ତଃ-ବିଭାଗୀୟ କମିଟି ଗଠନ କରାଯାଇଥିଲା। କମିଟି ଦର୍ଶାଇଛି ଯେ, ଫିଲ୍ମର କାହାଣୀ ସନ୍ତୁଳିତ ନୁହେଁ ଏବଂ ଏଥିରେ ଉଗ୍ରବାଦୀମାନଙ୍କ କାର୍ଯ୍ୟକଳାପକୁ ହାଲୁକା ଭାବେ ଦେଖାଯାଇଥିବା ବେଳେ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ଅତିରଞ୍ଜିତ କରାଯାଇଛି।

## ଲାଲ୍‌କିଲ୍ଲାକୁ ବୋମା ଧମକ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାକୁ ବୋମାରେ ଉଡ଼ାଇ ଦେବା ପାଇଁ ଶୁକ୍ରବାର ଦିନ ଏକ ଧମକ୍ ମିଳିଥିଲା, ତେବେ ଏହା ପରବର୍ତ୍ତୀ ସମୟରେ ମିଥ୍ୟା ବୋଲି ଜଣାପଡ଼ିଛି। ମୁମ୍ବାଇ ପୋଲିସ ନିୟନ୍ତ୍ରଣ କକ୍ଷକୁ ଜଣେ ଅଜ୍ଞାତ ବ୍ୟକ୍ତି ଫୋନ୍ କରି ଏହି ସୂଚନା ଦେଇଥିଲେ। ଏହାପରେ ମୁମ୍ବଇ ପୋଲିସ ତୁରନ୍ତ ଦିଲ୍ଲୀ ପୋଲିସକୁ ସତର୍କ କରାଇ ଦେଇଥିଲା। ସୂଚନା ପାଇବା ମାତ୍ରେ ସୁରକ୍ଷା କର୍ମୀ ଏବଂ ଉତ୍ତର ଜିଲ୍ଲା ପୋଲିସ ପକ୍ଷରୁ ଲାଲ୍‌କିଲ୍ଲା ପରିସରରେ ବ୍ୟାପକ ସେର୍ଚ୍ଚ ଅପରେସନ ବା ଯାଞ୍ଚ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସେଠାରୁ କୌଣସି ସନ୍ଦେହଜନକ ବସ୍ତୁ



ମିଳିନଥିଲା ଏବଂ ପୋଲିସ ଏହି ଫୋନ୍ କଲ୍‌କୁ ଏକ ମିଥ୍ୟା ଚେତାବନୀ ବୋଲି ଘୋଷଣା କରିଛି। ବର୍ତ୍ତମାନ ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ଏଭଳି ଅନେକ ମିଥ୍ୟା ବୋମା ମାଡ଼ ଚେତାବନୀ ମିଳୁଛି।

## ନେପାଳ ହ୍ରଦରେ ଗାଧୋଇବା ବେଳେ ବୁଡ଼ିଗଲେ ଭାରତୀୟ ପର୍ଯ୍ୟଟକ

ପୋଖରା, ୧୧।୭(ଏଜେନ୍ସି): ନେପାଳର ପର୍ଯ୍ୟଟନ ସହର ପୋଖରାସ୍ଥିତ ଫେୱା ହ୍ରଦରେ ଗାଧୋଇବା ବେଳେ ବୁଡ଼ି ଯାଇ ବିହାରର ଜଣେ ୨୮ ବର୍ଷୀୟ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ରୋହିତ କୁମାର ବୋଲି ପୁଲିସ ସୂଚନା ଦେଇଛି। ରୋହିତ ତାଙ୍କର ଚାରିଜଣ ସାଙ୍ଗଙ୍କ ସହ ପୋଖରା ବୁଲିବାକୁ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେମାନେ ଫେୱା ହ୍ରଦ ମଝିରେ ଥିବା ତାଲ ବରାହୀ ମନ୍ଦିର ଦର୍ଶନ କରିଥିଲେ। ମନ୍ଦିର ନିକଟରେ ଡଙ୍ଗା ଲାଗିବା ପରେ ରୋହିତ ଓ ତାଙ୍କର ଜଣେ ସାଙ୍ଗ ହ୍ରଦରେ ଗାଧୋଇବାକୁ ଓହ୍ଲାଇଥିଲେ। ଏହି ସମୟରେ ରୋହିତ ହଠାତ୍ ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ପ୍ରାୟ ସନ୍ଧ୍ୟା ୫ଟା ବେଳେ ଉଦ୍ଧାରକାରୀ ଦଳ ରୋହିତଙ୍କୁ ହ୍ରଦରୁ ବାହାର କରିଥିଲେ। ତାଙ୍କୁ ତୁରନ୍ତ ପୋଖରାର ପଶ୍ଚିମାଞ୍ଚଳ ଆଞ୍ଚଳିକ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ କହିଛି।



## ଭାରତ ସୀମା ନିକଟରେ ଚୀନ୍‌ର ନୂଆ ମେଗା ଡ୍ୟାମ୍

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଭାରତୀୟ ସୀମାଠାରୁ ମାତ୍ର ୫୦ କିଲୋମିଟର ଦୂର ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ (ବ୍ରହ୍ମପୁତ୍ର) ନଦୀର ନିମ୍ନ ଅବବାହିକାରେ ଚୀନ୍ ବିଶ୍ୱର ସବୁଠାରୁ ବଡ଼ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରୁଛି। ଏହି ମେଗା ଡ୍ୟାମ୍ ଯୋଗୁଁ ଭାରତ ଏବଂ ବାଂଲାଦେଶରେ ଜଳ ଯୋଗାଣ ଓ ପରିବେଶ ଉପରେ ପଡ଼ିବାକୁ ଥିବା ପ୍ରଭାବକୁ ନେଇ ପୂର୍ବରୁ ଚିନ୍ତା ପ୍ରକାଶ ପାଇଥିଲା। ଏବେ ଚୀନ୍ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକ ଭୂତାତ୍ତ୍ୱିକ ସର୍ଭେ ରିପୋର୍ଟରୁ ଏହି ପ୍ରକଳ୍ପର ସୁରକ୍ଷାକୁ ନେଇ ଏକ ବଡ଼ ଚେତାବନୀ ସାମ୍ନାକୁ ଆସିଛି। 'ଚାଇନା ଜିଓଲୋଜିକାଲ୍ ସର୍ଭେ'ର ତତ୍ତ୍ୱାବଧାନରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଏହି ପ୍ରକଳ୍ପର ଜଳାଶୟ (ରିଜର୍ଭୟାର) ଅଞ୍ଚଳ ଦେଇ 'ପାଇଝେନ୍ ଫଲ୍ଟ' (ଏକ ସକ୍ରିୟ ଭୂକମ୍ପ ପ୍ରବଣ ରେଖା) ଗତି କରିଛି। ଏହି ଫଲ୍ଟ ଲାଇନ୍ ବରଫ ଯୁଗ (ପ୍ଲାଇଷ୍ଟୋସିନ୍) ଏବଂ ହୋଲୋସିନ୍ ସମୟରୁ (ପ୍ରାୟ ୯,୫୦୦ ବର୍ଷ ପୂର୍ବେ) ସକ୍ରିୟ ରହିଛି। ଏହା ଯୋଗୁଁ ସେହି ଅଞ୍ଚଳର ପଥରଗୁଡ଼ିକ ଦୁର୍ବଳ ହୋଇଯାଇଛି, ଯାହା ଡ୍ୟାମ୍, ପୋଲ, ଟନେଲ୍ ଏବଂ ରାସ୍ତା ଭଳି ଭିତ୍ତିଭୂମିର ସ୍ଥାୟୀତ୍ୱ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଶେଷଜ୍ଞଙ୍କ ମତରେ, ଏହି ଅଞ୍ଚଳର ଭୂଗଠନ ଅତ୍ୟନ୍ତ ଆଲଗା ଏବଂ ଦୁର୍ବଳ। ଏଭଳି ସ୍ଥିତିରେ ଭୂକମ୍ପ କିମ୍ବା ଜଳାଶୟରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଦ୍ୱାରା ନଦୀର ଦୁଇ ପାର୍ଶ୍ୱରେ ଥିବା ପାହାଡ଼ ଗୁଡ଼ିକ ଭୁଶୁଡ଼ିବା ସହ ବଡ଼ ଧରଣର ଭୂସ୍ଖଳନ ହୋଇପାରେ। ରିପୋର୍ଟରେ ୨୦୧୭ ମସିହାରେ ତିବ୍ବତରେ ଆସିଥିବା ୬.୯ ତୀବ୍ରତାର ଭୂକମ୍ପର ଉଦାହରଣ ଦିଆଯାଇ କୁହାଯାଇଛି ଯେ, ଭବିଷ୍ୟତରେ ଏଠାରେ ବଡ଼ ଭୂକମ୍ପ ଆସିଲେ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ସମଗ୍ର ପ୍ରକଳ୍ପ ବିପନ୍ନ ହୋଇପାରେ। ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଜଳବିଦ୍ୟୁତ ପ୍ରକଳ୍ପରୁ ବାର୍ଷିକ ପ୍ରାୟ ୩୦୦ ବିଲିୟନ କିଲୋୱାଟ୍-ଆୱାର୍ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର କ୍ଷମତା ଚୀନ୍‌ର ପ୍ରସିଦ୍ଧ 'ଥ୍ରୀ ଗୋର୍ଜେସ୍ ଡ୍ୟାମ୍' ଠାରୁ ପ୍ରାୟ ତିନି ଗୁଣ ଅଧିକ। ୟାରଲୁଙ୍ଗ ସାଙ୍ଗପୋ ନଦୀ ଭାରତର ଅରୁଣାଚଳ ପ୍ରଦେଶ ଓ ଆସାମ ଦେଇ 'ବ୍ରହ୍ମପୁତ୍ର' ଏବଂ ବାଂଲାଦେଶରେ 'ଯମୁନା' ନାମରେ ପ୍ରବାହିତ ହେଉଛି। ତେଣୁ ଏହି ଡ୍ୟାମ୍‌ରେ କୌଣସି ପ୍ରକାରର ଅଘଟଣ ଘଟିଲେ ତଳମୁଣ୍ଡରେ ଥିବା ଭାରତ ଓ ବାଂଲାଦେଶର ବ୍ୟାପକ ଅଞ୍ଚଳରେ ଜଳପ୍ଲାବନ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ବିପଦକୁ ଏଡ଼ାଇବା ପାଇଁ ନିର୍ମାଣ ସମୟରେ ପାହାଡ଼ିଆ ଢାଲୁଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ କଂକ୍ରିଟ୍ ପ୍ରତିବନ୍ଧକ ନିର୍ମାଣ କରିବାକୁ ଏହି ସର୍ଭେ ରିପୋର୍ଟରେ ଚୀନ୍‌କୁ ସୁପାରିଶ କରାଯାଇଛି।

## ଖୋଲୁଥିଲେ ପାଇଖାନା ଟାଙ୍କି ସଟରିଂ

# ଅଣନିଃଶ୍ୱାସୀ ହୋଇ ଚାଲିଗଲା ଦୁଇ ଶ୍ରମିକଙ୍କ ଜୀବନ

ଭୁବନେଶ୍ୱର ୧୧।୭ (ସମିସ): ରାଜଧାନୀର ବିଜେବି ନଗର ଅଞ୍ଚଳରେ ଅଘଟଣ ଘଟିଛି। ପାଇଖାନା ଟାଙ୍କି ସଟରିଂ ଖୋଲୁଥିବା ବେଳେ ଅଣନିଃଶ୍ୱାସୀ ହୋଇ ଦୁଇ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଚରଡ଼ାର ଧୁମା ଟୁଡୁ (୪୦) ଓ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲା ଚିରଞ୍ଜିବିପୁରର ପ୍ରବୀର ଦାସ (୫୬)। ବଡ଼ଗଡ଼ ଥାନା ପୁଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଧୁମାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହେଲେ ପ୍ରବୀରଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁସାରେ, ବିଜେବି ନଗର ପାରାମାଉଣ୍ଟ କ୍ଲବ୍ ନିକଟରେ ଥିବା ଘର ନିର୍ମାଣ ଚାଲିଥିବା ବେଳେ ୧୦ରୁ ଅଧିକ ଶ୍ରମିକ ସେଠାରେ କାମ କରୁଛନ୍ତି। କିଛିଦିନ ତଳେ ସେଠାରେ ତିଆରି




ହୋଇଥିବା ପାଇଖାନା ଟାଙ୍କିର ଛାତ ପଡ଼ିଥିଲା। ଶନିବାର ଧୁମା ଓ ପ୍ରବୀର କାଠ ଓ ସଟରିଂ ପଟା ଖୋଲିବାକୁ ଟାଙ୍କି ଭିତରକୁ ଯାଇଥିଲେ। ଆରମ୍ଭରୁ କାଠ ଓ ପଟା ଖୋଲାଖୋଲି କରିଥିଲେ ମଧ୍ୟ କିଛି ସମୟପରେ କୌଣସି ସୋର ଶବ୍ଦ ଶୁଣିନଥିଲା। ଧୁମା ଓ ପ୍ରବୀର ଅଣନିଃଶ୍ୱାସୀ ହୋଇ ଅଚେତ ହୋଇ ଟାଙ୍କି ଭିତରେ ଅଚେତ ହୋଇ ପଡ଼ିଥିଲେ। ସାଥୀ ଶ୍ରମିକମାନେ ସନ୍ଦେହ କରି ଟାଙ୍କି ପାଖକୁ ଯାଇ ଡାକ ପକାଇଥିଲେ। ହେଲେ ଭିତର ପଟରୁ କୌଣସି ଉତ୍ତର ଆସିନଥିଲା।

ଦିନ ପ୍ରାୟ ୨ଟା ୫୦ ବେଳେ ଶ୍ରମିକମାନେ ତୁରନ୍ତ ଜରୁରୀକାଳୀନ ସହାୟତା କେନ୍ଦ୍ରକୁ କଲ୍ କରିଥିଲେ। ଖବରପାଇ କଳ୍ପନା ଫାୟାର ଷ୍ଟେସନର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଟାଙ୍କି ଭିତରକୁ ପଶିବା ବେଳକୁ ଧୁମା ଓ ପ୍ରବୀର ଅଚେତ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ସାଙ୍ଗେ ସାଙ୍ଗେ ଦଉଡ଼ି ସାହାଯ୍ୟରେ ଧୁମା ଓ ପ୍ରବୀରକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ପଠା ଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ପଦାରେ ପଡ଼ିଲା ଝାରସୁଗୁଡ଼ା ବିଜେପିର ଗୋଷ୍ଠୀକନ୍ଦଳ

# ଟଙ୍କ ସମର୍ଥକଙ୍କ ବିରୋଧ; ସୁରେଶ ହଟହଟା



ଝାରସୁଗୁଡ଼ା,୧୧।୭(ସମିସ): ଝାରସୁଗୁଡ଼ାରେ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବେଶ୍ ହଟହଟା ହୋଇଛନ୍ତି। ହିର୍ମା ପଞ୍ଚାୟତ କନ୍ଧାଘାଟର ମା' ସମେଶ୍ୱରୀଙ୍କ ପୀଠକୁ ଯାଉଥିବାବେଳେ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଭେଡ଼େନ ନଦୀ ନିକଟରେ ନିଜ ଦଳର କିଛି କର୍ମୀ ତଥା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକ ମନ୍ତ୍ରୀଙ୍କୁ ଜୋର୍‌ଦାର୍ ବିରୋଧ କରିଥିଲେ। କିଛି କର୍ମୀ ସ୍ଥାନୀୟ ସଂଗଠନ, ନେତୃତ୍ୱ ଓ ଦଳୀୟ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପୂର୍ବକ ସ୍ଲୋଗାନ ଦେଇଥିଲେ। ଗୋ ବ୍ୟାକ୍ ଗୋ ବ୍ୟାକ୍ ବୋଲି ନାରାବାଜି କରିଥିଲେ। ଏହାଫଳରେ ପରିସ୍ଥିତି ଅଣାୟତ ହୋଇ ପଡିଥିଲା। ମନ୍ତ୍ରୀଙ୍କ ସୁରକ୍ଷାରେ ଥିବା ଏସକର୍ଟ ଟିମ୍ (ପୁଲିସ) ମଧ୍ୟ କିଛି କରିପାରି ନ ଥିଲା। କେବଳ ଚାହିଁ ରହିବା ଛଡ଼ା ପୁଲିସ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା। ଅବଶ୍ୟ କିଛି ପୁଲିସ ଉଦ୍ୟକ୍ତ କର୍ମୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କର୍ମୀ କିନ୍ତୁ ବୁଝିବା ଉପରେ ନ ଥିଲେ। ଶେଷରେ ବାଧ୍ୟ ହୋଇ ମନ୍ତ୍ରୀ କାର୍‌ରୁ ଓହ୍ଲାଇ ଥିଲେ। କର୍ମୀଙ୍କ ରାଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଶେଷରେ ବିରକ୍ତ ହୋଇ ଚିତ୍କାର କରିବା ସହ ମନ୍ତ୍ରୀ ହାତ ଉଠାବାକୁ ବାଧ୍ୟ ହୋଇଥିଲେ। ବିରୋଧ ବେଳେ କିଛି ମହିଳା କର୍ମୀ ମନ୍ତ୍ରୀଙ୍କ ଗାଡ଼ି ଆଗରେ ଶୋଇପଡିବାରୁ ପୁଲିସକୁ ନୟାନ୍ତ ହୋବାକୁ ପଡିଥିଲା। ବହୁ କଷ୍ଟରେ ମନ୍ତ୍ରୀ ଦଳୀୟ କର୍ମୀଙ୍କ ବିରୋଧରୁ ବାହାରି ଗାଡ଼ିରେ ବସିବା ପରେ ଗନ୍ତବ୍ୟ ପଥରେ ଯାଇଥିଲେ। ମନ୍ତ୍ରୀଙ୍କ କାର୍‌କେଡ୍ ସେଠାରୁ ବାହାରିଯିବା ପରେ ମଧ୍ୟ ପଛରେ କର୍ମୀ ହୋ ହାଲ୍ଲା କରିଥିଲେ। ଏହି ଘଟଣାର ଭିଡିଓ ଆଜି ବେଶ୍ ଭାଇରାଲ୍ ହେଉଛି। ଘଟଣାକୁ ନେଇ ଆଜି ଝାସୁଗୁଡ଼ା ଏବଂ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣାରୁ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡିଛି।

## ଶିଳ୍ପ କ୍ଷେତ୍ରରେ ବୃହତ୍ ପୁଞ୍ଜି ବିନିଯୋଗର ପ୍ରସ୍ତାବ ଦେଲେ କୁମାର ମଙ୍ଗଳମ୍ ବିର୍ଲା

# କଂସାରୀଗୁଡ଼ା ଆଲୁମିନା ରିଫାଇନାରୀରେ ୧୨ ହଜାର କୋଟିର ନିବେଶ

ଭୁବନେଶ୍ୱର,୧୧।୭(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ହେବ। ଏହି ପ୍ରକଳ୍ପଟି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିକଶିତ କରାଯାଉଛି। ପ୍ରକଳ୍ପର ଦୀର୍ଘକାଳୀନ ସମ୍ଭାବନା ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି ରିଫାଇନାରୀର କ୍ଷମତାକୁ ଆହୁରି ୨ ମିଲିୟନ ଟନ୍ ବୃଦ୍ଧି କରାଯିବ। ଏଥିପାଇଁ ୧୨,୦୦୦ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜିନିବେଶର ପ୍ରସ୍ତାବ ଦେଇଛି ଆଦିତ୍ୟ ବିର୍ଲା ଗ୍ରୁପ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲାଙ୍କ ସାକ୍ଷାତ ସମୟରେ ଶ୍ରୀ ବିର୍ଲା ଉପରୋକ୍ତ ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବିତ ସମ୍ପ୍ରସାରଣ ସହ କଂସାରୀଗୁଡ଼ା ରିଫାଇନାରୀର ମୋଟ କ୍ଷମତା ବାର୍ଷିକ ୩ ମିଲିୟନ ଟନ୍‌କୁ ବୃଦ୍ଧି ପାଇବ ଏବଂ ଏଥିରେ ସମୁଦାୟ ପୁଞ୍ଜିନିବେଶ ପ୍ରାୟ ୨୦,୦୦୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ବିର୍ଲାଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ରାଜ୍ୟରେ ବିର୍ଲା ପକ୍ଷରୁ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ ପୁଞ୍ଜିନିବେଶର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜ୍ୟରେ ବିର୍ଲା ଗ୍ରୁପ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକର ରୂପାୟନ ସମ୍ପର୍କରେ ଆଲୋଚନା ହେବା ସହ ଏଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବର୍ତ୍ତମାନ ଯେଉଁସବୁ କ୍ଷେତ୍ରରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବିଶେଷ ଉପସ୍ଥିତି ନାହିଁ, ସେହିସବୁ କ୍ଷେତ୍ରରେ କମ୍ପାନୀର ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ ତଥା ବିସ୍ତାର ଦିଗରେ ମଧ୍ୟ



**ଏହି ସମ୍ପ୍ରସାରଣ ଭାରତର ଅଗ୍ରଣୀ ଧାତୁ ଓ ଧାତୁ ବିଜ୍ଞାନ ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ଅଧିକ ଦୃଢ଼ କରିବ: ମୁଖ୍ୟମନ୍ତ୍ରୀ**

ଆଲୋଚନା କରାଯାଇଛି। ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ଦ୍ୱାରା ବ୍ୟାପକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ ଶିଳ୍ପଗୁଡ଼ିକ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଖଣିଜ ସମ୍ପଦର ସାମର୍ଥ୍ୟ ରାଜ୍ୟ ମଧ୍ୟରେ ଅଧିକ ମୂଲ୍ୟ ସଂଯୋଜନା, ଉନ୍ନତ ବିନିର୍ମାଣ ଏବଂ ଗୁଣାତ୍ମକ ନିଯୁକ୍ତିରେ ରୂପାନ୍ତରିତ ହେବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଲୁମିନିୟମ ଏହି ଦୂରଦୃଷ୍ଟିର କେନ୍ଦ୍ରବିନ୍ଦୁ ଅଟେ। ଆମେ କେବଳ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦନରେ ଦେଶର ନେତୃତ୍ୱ ନେବାକୁ ଚାହୁଁନାହୁଁ, ବରଂ ରିଫାଇନିଂ ଏବଂ ପ୍ରାଥମିକ ଧାତବ ଠାରୁ ଆରମ୍ଭ କରି ଡାଉନଷ୍ଟ୍ରିମ ଏବଂ ଉନ୍ନତ ଉତ୍ପାଦ ପର୍ଯ୍ୟନ୍ତ ସମଗ୍ର ଭାଲ୍ୟୁ ଚେନ୍ (ମୂଲ୍ୟ ଶୃଙ୍ଖଳ)ରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ। କଂସାରୀଗୁଡ଼ା ରିଫାଇନାରୀର ସମ୍ପ୍ରସାରଣ ଏହି ଗତିକୁ ଆହୁରି ମଜବୁତ କରିବ ଏବଂ ଭାରତର ଅଗ୍ରଣୀ ଧାତୁ ଓ ମେଟାଲର୍ଜି ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ଅଧିକ ଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ରୂପାୟନ ଏବଂ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବିର୍ଲା ଗ୍ରୁପକୁ ଆଶ୍ୱାସନା ଦେଇଛନ୍ତି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏକ ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ କମ୍ପାନୀକୁ ଜମି, ଭିତ୍ତିଭୂମି, ସେବା, ଆନୁଷ୍ଠାନିକ ମଞ୍ଜୁରୀ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଆବଶ୍ୟକତା ଯୋଗାଇବାରେ ସରକାର କମ୍ପାନୀ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ବୈଠକରେ ବିର୍ଲା ଗ୍ରୁପ୍‌ର ବର୍ତ୍ତମାନ ଏବଂ ପ୍ରସ୍ତାବିତ ପୁଞ୍ଜିନିବେଶ ଯଥା ଆଲୁମିନିୟମ, ଆଲୁମିନା, କେମିକାଲ୍ସ, ସିମେଣ୍ଟ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ୍ ଏବଂ ପୋଷାକ ଆଦି କ୍ଷେତ୍ରର ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ ତମ୍ବା ବିଶୋଧନ (କପର ରିଫାଇନିଂ), କପର-କ୍ଲାଡ୍ ଲାମିନେଟ୍ସ ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ, ଟେକ୍ନିକାଲ ଟେକ୍ସଟାଇଲ୍ସ, ପେଣ୍ଟସ୍, ଅଳଙ୍କାର ନିର୍ମାଣ ଏବଂ ଉନ୍ନତ ଆଲୁମିନିୟମ ଉତ୍ପାଦ କ୍ଷେତ୍ରରେ ସମ୍ଭାବ୍ୟ ପୁଞ୍ଜିନିବେଶ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

## ରୋଗୀ ହୋଇ ଡାକିଲେ; କଳାକନା ବୁଲାଇ ଚାଲିଗଲେ

# ଡାକ୍ତରଙ୍କ ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା ଓ ସୁନା

ଧର୍ମଗଡ଼,୧୧।୭(ସମିସ): ଧର୍ମଗଡ଼ ସହରର କେନ୍ଦ୍ରସ୍ଥଳ ତଥା ଉପ ଜିଲ୍ଲାପାଳଙ୍କ ବାସଭବନ କାନ୍ଥକୁ ଲାଗି ରହିଥିବା ଡାକ୍ତରଙ୍କ ସରକାରୀ ବାସଭବନରୁ ଶୁକ୍ରବାର ରାତିରେ ଡକାୟତି ହୋଇଯାଇଛି। ଧର୍ମଗଡ଼ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଜିତ କୁମାର ଦାସଙ୍କ ଘରୁ ଲୁଟ୍ ହୋଇଛି। ଶୁକ୍ରବାର ରାତି ପ୍ରାୟ ୧ଟା୧୫ ମିନିଟ୍ ସମୟରେ ଡାକ୍ତର ଶ୍ରୀ ଦାସ ଡାକ୍ତରଖାନା ପରିସରରେ ଥିବା ସରକାରୀ କ୍ୱାର୍ଟର୍ସରେ ଶୋଇଥିବାବେଳେ ଡକାୟତମାନେ କବାଟ ବାଡାଇ ଥିଲେ। ରୋଗୀ ହୋଇଥିବେ ଭାବି ଡାକ୍ତର କବାଟ ଖୋଲିବା ମାତ୍ରେ ୪ଜଣ ମୁଖାପିନ୍ଧା ଡକାୟତ ଘର ଭିତରକୁ ପଶି ଆସି ଡାକ୍ତରଙ୍କ ହାତଗୋଡ଼ ବାନ୍ଧି ଦେବାସହ ମୁହଁରେ ଟେପ୍ ଲଗାଇ ଦେଇଥିଲେ। ଏସବୁ ଭିତରେ କିନ୍ତୁ ଡାକ୍ତର ଦାସ ସାହସ କରି ଜଣେ



ଡକାୟତଙ୍କ ପକେଟରୁ ବନ୍ଧୁକ ଛଡ଼ାଇ ନେଇ ଫାୟାର କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଗୁଳି ଫୁଟି ନଥିଲା। ତିନିଜଣ ଡାକ୍ତରଙ୍କୁ ପୁଜାଘର ଭିତରେ ଜଗି ବସିଥିଲାବେଳେ ଚତୁର୍ଥ ଡକାୟତ ଜଣକ ବେଡ୍‌ରୁମରେ ଥିବା ଆଲମିରା ଖୋଲି ଟଙ୍କା ଲୁଟ୍ କରିଥିଲା। ଆଲ୍‌ମିରାରେ ଥିବା ପ୍ରାୟ ୮୦ ହଜାର ଓ ଡାକ୍ତରଙ୍କ ପର୍ସରେ ଥିବା ୨ହଜାର ଟଙ୍କା ସହ ଡା. ଦାସ ପିନ୍ଧିଥିବା ୫୪ ଗ୍ରାମର ସୁନା ଚେନ୍ ଓ ଦୁଇଟି ମୁଦି ନେଇ ଫେରାର ମାରିଥିଲେ। ଖବର ପାଇ ଧର୍ମଗଡ଼ ପୁଲିସ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ଗତ କିଛିଦିନଧରି ଧର୍ମଗଡ଼ ସହରର କ୍ରମାଗତ ଭାବେ ଚୋରି, ରାହାଜାନୀ, ଡକାୟତି ଓ ବୃଦ୍ଧି ପାଇଥିଲାବେଳେ ସ୍ଥାନୀୟ ପୁଲିସ୍ ଏହାର ଟେର୍ ପାଉନାହିଁ। ଧର୍ମଗଡ଼ ଉପଖଣ୍ଡରେ ଜଣେ ଆଇପିଏସ ଅଧିକାରୀ ଉପଖଣ୍ଡ ପୁଲିସ ଅଧିକାରିଣୀ ଥିବାବେଳେ ଚୋରମାନେ କ୍ରମାଗତ ଭାବେ ଚୋରି କରି ତାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି।

## ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମୂହ ଗଛକଟା ଘଟଣା

# ଜୈବବିବିଧତା ସଦସ୍ୟ ସଚିବଙ୍କୁ ଏନଜିଟିର ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ବାରିପଦା, ୧୧।୭(ସମିସ): ବାରିପଦା ସହରର ପାଲବଣିଠାରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ମାତ୍ରାରେ ଗଛକାଟିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏଜିଟି)ରେ କେସନଂ ୨୧୩/ଇଜେଡ/୨୦୨୫ ରୁଜୁ ମାମଲାର ଶୁଣାଣି ହୋଇଛି। ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ପରିବେଶକୁ କ୍ଷତି ପହଞ୍ଚାଉଥିବା ଉପରୋକ୍ତ ପ୍ରକଳ୍ପ ବିରୋଧରେ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କଂଗ୍ରେସ ଦଳର ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ପୁଅ ପ୍ରମୋଦ କୁମାର ହେମ୍ବ୍ରମ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ସେ ଉପସ୍ଥାପନ କରିଥିବା ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋଲକତାସ୍ଥ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂ ଶୁଣାଣି କରିଥିବାବେଳେ ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୨୦୨୬ ମାର୍ଚ୍ଚ ୩୦ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ରେସପଣ୍ଡେଣ୍ଟ ନମ୍ବର ୪ ସତ୍ୟପାଠ ଦାଖଲ କରି ନ ଥିବାରୁ ଟ୍ରିବ୍ୟୁନାଲ ପୁନର୍ବାର ଏକ ସପ୍ତାହ ସମୟ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୧ ତାରିଖରେ ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ମାମଲା ପରିଚାଳନା କରୁଥିବାବେଳେ ପ୍ରତିବାଦୀ ଓଡ଼ିଶା ସରକାର ଓ ଅନ୍ୟାନ୍ୟଙ୍କ ପକ୍ଷରୁ ଏଡିଜେ ସବିତା ରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ। ଏହି ମାମଲା ପରିବେଶ ସମ୍ବନ୍ଧୀୟ ହେବାରୁ ରାଜ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି। ଏହି ମାମଲାରେ ଅନ୍ୟ ପ୍ରତିବାଦୀ ଭାବେ ଓଡ଼ିଶା

**ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୧ରେ**

ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନା ମୁତାବକ, ପାଲବଣିଠାରେ ୫.୧୧ ଏକର ଜମିରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୨୫ ଡିସେମ୍ବର ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଥିଲା। ୧୭୮୯ଟି ଗଛ କଟାଯିବା ପାଇଁ ବନ ବିଭାଗ ଅନୁମତି ଥିବାବେଳେ ଅଭିଯୋଗ ଅନୁସାରେ ୫ ହଜାରରୁ ଊର୍ଦ୍ଧ୍ୱ ଗଛକଟା ସରିଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ବିରୋଧ କରିଥିବାବେଳେ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଘଟଣାର ପ୍ରତିବାଦ କରି ଜଡ଼ିତ ଅଧିକାରୀଙ୍କୁ ପକ୍ଷଭୁକ୍ତ ପୂର୍ବକ ଉଚ୍ଚ ନ୍ୟାୟାଳୟରେ ଏକ ମାମଲ ରୁଜୁ ପାଇଁ ଆବେଦନ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡି ଗଛକଟା ବନ୍ଦ ସାଙ୍ଗକୁ ପ୍ରକଳ୍ପ ଜଙ୍ଗଲ ବିହୀନ ସ୍ଥାନକୁ ସ୍ଥାନାନ୍ତର ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ମାମଲା ଏନଜିଟିରେ ବିଚାରାଧୀନ ରହିଛି। ଅଭିଯୋଗକାରୀ ଶ୍ରୀ ହେମ୍ବ୍ରମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀ ପାଣି ଯୁକ୍ତି ରଖିଥିଲେ ଯେ, ସହରୀ ବନୀକରଣ ଜରିଆରେ ପାଲବଣିଠାରେ ୧୦ ଏକର ଜାଗାରେ ୧୨ ହଜାର ଗଛ ଲାଗିଥିଲା। ରକ୍ଷଣାବେକ୍ଷଣ ପରେ ସମସ୍ତ ଗଛ ବଞ୍ଚିଥିଲା ବୋଲି ସେତେବେଳେ ଖର୍ଚ୍ଚ ଉପସ୍ଥାପନରେ ବିଭାଗ ଦେଖାଇଥିଲା। ତେବେ ୫.୧୧ ଏକର ଜମିରେ ଗଛ କାଟିବା ପୂର୍ବରୁ ବନ ବିଭାଗ ୧୭୮୯ଟି ଗଛ କଟାଯିବା ପାଇଁ ଅନୁମତି ଦେଇଥିଲା। ଗଛ କଟିବା ପରେ ପ୍ରମାଣ ନଷ୍ଟ ପାଇଁ ପ୍ରଥମେ ଗଛ ମୂଳଗଣ୍ଡି ପୋଡ଼ି ନଷ୍ଟ ଉଦ୍ୟମ ପରେ ଗଣ୍ଡିରୁ ପୁନର୍ବାର ଗଜା ବାହାରିବା ପରେ ଜେସିବି ଲଗାଇ ମୂଳ ଉପୁଡ଼ାଯାଇଛି। ଏଣୁ ବହୁ ସଂଖାରେ ଗଛ କଟାଯାଇଛି ବୋଲି ସେ ଦର୍ଶାଇଛନ୍ତି। ତତ୍‌ସହିତ ବିବାଦୀୟ ସ୍ଥାନଠାରୁ ୨୦୦ ମିଟର ଦୂରରେ ପର୍ଯ୍ୟାପ୍ତ ଖୋଲା, ଅନାବାଦି ସରକାରୀ ଜମି ଥିବାବେଳେ ଏଠାରେ ଗଛ କଟାଯିବା ଉଚିତ ନ ଥିଲା ବୋଲି ସେ କହିଛନ୍ତି।




## ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ବଳରାମ ପ୍ରେମ ନାରାୟଣ ପାଇଲେ ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ

ବାଲେଶ୍ୱର,୧୧ା୭ (ସମିସ)

ଉତ୍କଳୀୟ, ଗବେଷଣା, ସାହିତ୍ୟ, ନବସୃଜନ ଓ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତଭାଷଣ ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ କୁକୁମୀନା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାରୋହର ମୁଖ୍ୟ ଅତିଥି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ସାମ୍ବାଦିକ ଓ ସାହିତ୍ୟ ସମ୍ପାଦକ ବଳରାମ ପ୍ରେମ ନାରାୟଣଙ୍କୁ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ୨୦୨୬' ପ୍ରଦାନ କରିଥିଲେ। ସେହିପରି ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ଼କ୍ଟର ସୋମା ଚାନ୍ଦଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅବିସ୍ମରଣୀୟଅବଦାନ ପାଇଁ 'ବ୍ୟାସଗୌରବ ସମ୍ମାନ୨୦୨୬' ପ୍ରଦାନ କରାଯାଇଥିଲା। ସମକାଳୀନ କଥାସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବ ଗଳ୍ପକାର ପୁରସ୍କାର୨୦୨୬', ବାବୁଲ କୁମାର କବିଙ୍କୁ 'ମନୋଜ ନବ ପ୍ରତିଭା କବିତା ପୁରସ୍କାର୨୦୨୬', ସୋନାଲି ନାୟକଙ୍କୁ 'ଜଗନ୍ନାଥ ମହାପାତ୍ର କବିତା ପୁରସ୍କାର୨୦୨୬' ଏବଂ ରାଜଲକ୍ଷ୍ମୀ ବେହେରାଙ୍କୁ 'ଡ଼କ୍ଟର ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର୨୦୨୬' ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ୍ ପ୍ରତିଯୋଗିତାର ବିଜେତା ଦଳମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଫକୀରମୋହନ



ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପବିଜେତା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଉପବିଜେତା ହୋଇଥିଲା। ଶ୍ରେଷ୍ଠ ଜାତୀୟସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ, କୁଳପତି କପ୍ ବିତର୍କ ପ୍ରତିଯୋଗିତା ଓ ବିଭିନ୍ନ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ୨୦୨୪, ୨୦୨୫ ଓ ୨୦୨୬ ଶିକ୍ଷାବର୍ଷ ପାଇଁ ଶଲ୍ୟଚିକିତ୍ସା ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଚିତ୍ରମଣି ପାଣିଗ୍ରାହୀ ଓ ଡକ୍ଟର ଦୀନବନ୍ଧୁ ପାଣିଗ୍ରାହୀ ସ୍ମୃତି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ ପରେ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ଼କ୍ଟର ସୋମା ଚାନ୍ଦ ଓ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ବିଶ୍ୱବିଦ୍ୟାଳୟପ୍ରତି କୃତଜ୍ଞତା ଜଣାଇବା ସହ ସାହିତ୍ୟ ଓ ଜ୍ଞାନଚର୍ଚ୍ଚାର ବିକାଶ ପାଇଁ ନିଜର ପ୍ରତିବଦ୍ଧତା ପୁନଃବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟକୁ ୧୭ ଆସନ ବିଶିଷ୍ଟ ବୈଦ୍ୟୁତିକ ଯାନ ଦାନ କରିଥିବା ୟୁକୋ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ ମୁଖ୍ୟ ତଥା ସହକାରୀ ମହାପ୍ରବନ୍ଧକ ନୀତିଶ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟବାର୍ଷିକ ବିବରଣୀ୨୦୨୫-୨୬' ଓ 'ଫକୀରମୋହନ ଶବ୍ଦାବଳୀ' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ବକ୍ତା ବଳରାମ ପ୍ରେମ ନାରାୟଣ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଭାରତୀୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ଭାବେ ଅଭିହିତ କରି ତାଙ୍କର ସମସ୍ତ ସାହିତ୍ୟକୃତିକୁ ହିନ୍ଦୀ ଭାଷାରେ ଅନୁବାଦ କରି ପ୍ରକାଶ କରିବାର ଘୋଷଣା କରିଥିଲେ। କୁଳାଧିପତି ଡ଼କ୍ଟର ହରିବାବୁ କମ୍ଭମପତିଙ୍କ ବାର୍ତ୍ତାକୁ ପ୍ରଫେସର ନିହାର ରଞ୍ଜନ ରାଉତ ପାଠ କରି ଶୁଣାଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜର ଅଭିଭାଷଣ ରଖିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟ ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ପାଘାତ ମୁକାବିଲା ବାବଦରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ

ବାଲେଶ୍ୱର,୧୧ା୭ (ସମିସ): ବର୍ଷା ଦିନରେ ବଢୁଥିବା ସାପ କାମୁଡ଼ା ଘଟଣାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକର୍ମୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବାଲିଆପାଳସ୍ଥିତ ଶୁଭମ ହୋଟେଲରେ ଦୁଇଦିନିଆ 'ସର୍ପାଘାତର ତ୍ୱରିତ ଚିକିତ୍ସା ଓ ପରିଚାଳନା' ଉପରେ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଆଇସିଏମଆର-ଏନ ଆଇଏଚଆର, ଭୁବନେଶ୍ୱର ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରଶିକ୍ଷଣରେ ମେଡିକାଲ ଅଫିସର ଓ ଷ୍ଟାଫ୍ ନର୍ସମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ସାପ କାମୁଡ଼ା ରୋଗୀଙ୍କ ଜରୁରୀକାଳୀନ ଚିକିତ୍ସା, ଏଏସଭିର ସଠିକ୍ ବ୍ୟବହାର, ରେଫରାଲ୍ ବ୍ୟବସ୍ଥା ଓ ଉନ୍ନତ ରିପୋର୍ଟିଂ ପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସାପ କାମୁଡ଼ିଲେ ତୁରନ୍ତ ସୂଚନା ଦେବା ପାଇଁ ଆଇସିଏମଆରପ୍ରସ୍ତୁତ କରିଥିବା ନୂଆ ଆପ୍ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସାପ କାମୁଡ଼ା ଚିକିତ୍ସା ବିଶେଷଜ୍ଞ ଡା. ରଞ୍ଜନ କୁମାର ରାଜ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଅମୂଲ୍ୟ କୁମାର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରତାପ କୁମାର କର, ଜିଲ୍ଲା କୁଷ୍ଠଅଧିକାରୀ ଡା. ସଞ୍ଜୀବ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଅରୂପ ଅଭିଷେକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଇସିଏମଆରର ବରିଷ୍ଠ ବୈଜ୍ଞାନିକ ଡା. ଶ୍ରୀକାନ୍ତ କାନୁନଗୋଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏନ୍ ଆଇ ଏଚ୍ ଆର୍ ର ବୈଜ୍ଞାନିକ ଅନିମେଷ ଜାନା, ସୁସ୍ମିତା କେରକେଟ୍ଟା, ଡଃ. ସମୀର ସାହୁ, ଡ. ପ୍ରୀତି ସେଠୀ, ସ୍ୱାଗତିକା ପତି, ସୁଶାନ୍ତ ବ୍ରହ୍ମ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିକ୍ରମ ବିସ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବନ ମହୋତ୍ସବ ସପ୍ତାହ



କାଳିପଦା,୧୧ା୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରି ଏହାକୁ ଉଦଘାଟନ କରି ଉତ୍ତମ ପରିବେଶ ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ରଙ୍କ ପରିଚାଳନାରେ ଛାତ୍ର ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ବୃକ୍ଷ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ଅଧିକ ବୃକ୍ଷ ଚାରା ରୋପଣ କରାଯାଇ ସେଗୁଡିକୁ ସୁରକ୍ଷିତ ରଖାଯିବ ବୋଲି ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପାତ୍ର କହିଛନ୍ତି।

## ମେସ କର୍ତ୍ତୃପକ୍ଷଙ୍କ ଅବହେଳା, ଚାଲିଗଲା ଛାତ୍ରଙ୍କ ଜୀବନ

ସୋର,୧୧ା୭ (ସମିସ) : ସୋର କଲେଜ ଛକରେ ଥିବା ଏକ ଘରୋଇ ମେସରେ ରହି ପାଠ ପଢୁଥିବା ଜଣେ ଛାତ୍ରଙ୍କର ପୋଖରୀରେ ବୁଡି ମୃତ୍ୟୁ ହୋଇଯାଇଛି। ସୋର ଥାନା କେଦାରପୁର ପଞ୍ଚାୟତ କଣ୍ଟାବାଙ୍କୀ ଗ୍ରାମର ସତ୍ୟବ୍ରତ ନାୟକ କଲେଜ ଛକରେ ଥିବା ବ୍ରାଇଟ ଟିଉଟରିୟାଲ ଘରୋଇ ମେସରେ ରହି ସୋର କଲେଜରେ ଯୁକ୍ତ ୩ରେ ପାଠ ପଢୁଥିଲେ। ଆଜି ସକାଳେ ମେସ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉକି ସୋର କଲେଜ ଛକରେ ଗଢି ଉଠିଥିବା ଅନେକ ଘରୋଇ ମେସର କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବିଭିନ୍ନ ସମୟରେ ଛାତ୍ରଛାତ୍ରୀ ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ଗତ କିଛିଦିନ ତଳେ ଜଣେ ସେନା ପାଇଁ ତାଲିମ ନେଉଥିବା ଛାତ୍ର ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ବେଳେ ଆଜିର ଏଜି ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଶ୍ରୀଜଗନ୍ନାଥଙ୍କ ଭଜନ ଉନ୍ମୋଚନ



ନୀଳଗିରି, ୧୧ା୭ (ସମିସ): ନୀଳଗିରି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଜଗନ୍ନାଥଙ୍କ ଭଜନ "କୋଟିଏ ଟଙ୍କାର ଗାଡ଼ିରେ ଆସୁଛି କଳା ସାଆନ୍ତ' ଗୀତଟି ଉନ୍ମୋଚନ ହୋଇ ଯାଇଛି। ଏହି ଗୀତକୁ ଗାଇଛନ୍ତି ବିଷ୍ଣୁ ମୋହନ କବି। ପ୍ରଥମେ ଜଗନ୍ନାଥଙ୍କ ପ୍ରଧାନ ପୂଜକ ହରିବନ୍ଧୁ କରଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ହୋଇଥିଲା। ଉନ୍ମୋଚନ ସମୟରେ ମୁଖ୍ୟ ଅତିଥି ଢେଙ୍କାନାଳ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ନୀଳଗିରି ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଗଙ୍ଗାଧର ମିଶ୍ର, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ପାତ୍ର, ସମ୍ମାନିତ ଅତିଥି ଟୁନୁ ପଟ୍ଟନାୟକ ଉପସ୍ଥିତ ରହି କ୍ୟାସେଟ୍‌ଟିକୁ ଉନ୍ମୋଚନ କରିଥିଲେ। ଏହି ଗୀତକୁ ଲେଖିଛନ୍ତି ସୌମ୍ୟ ରଞ୍ଜନ ସାହୁ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପିଣ୍ଟୁ ଦାସ, ପ୍ରଯୋଜକ ଅଛନ୍ତି ସର୍ବେଶ୍ୱର ପାତ୍ର। କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇ ଥିଲେ ସତ୍ୟବ୍ରତ ପାଣ୍ଡିଆ।

## ଏଟିଏମ୍ ତାଡ଼ି ଟଙ୍କା ଲୁଟ୍ ଉଦ୍ୟମ





ଖଇରା, ୧୧ା୭ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ତୁଡ଼ିଗଡିଆ ବଜାରରେ ଥିବା ଇଣ୍ଡିଆ ୧ ଏଟିଏମ ମେସିନକୁ ଦୁର୍ବୃତ୍ତମାନେ ତାଡି ଗାଡି ପଛରେ ବାନ୍ଧି ଘୋଷାରି ଘୋଷାରି ଲୁଟ ଉଦ୍ୟମ କରିବା ଏବଂ ଦୌଡି ଚିଡ଼ିବା ତଥା କୁକୁର ମାନେ ଜୋର ଭୁକିବା ପରେ ଲୁଟେରା ମାନେ ମେସିନ ଛାଡି ପଳାଇଛନ୍ତି । ଖଇରା ପୁଲିସ ଶନିବାର ସକାଳେ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାର ରେ ତଦନ୍ତ ଆରମ୍ଭ କରିଛି । ଫୁଟେଜ ରେ ୪ଜଣ ଲୁଟେରା ଏକ ଥାର ଗାଡିରେ ଆସି ଏଟିଏମ ମେସିନକୁ ତାଡି ଦୌଡ଼ିରେ ଥାର ପଛରେ ବାନ୍ଧି ଘୋଷାରି ନେବାକୁ ଉଦ୍ୟମ କରିଥିଲେ। ତେବେ କିଛି ବାଟ ଯିବା ପରେ ଦୌଡ଼ିଟି ଛିଡି ଯିବାରୁ ଏବଂ ବଜାର କୁକୁର ମାନେ ଭୋକିବାରୁ ସେମାନେ ମେସିନ ଛାଡି ପଳାଇଥିବା ଦେଖିବାକୁ ମିଳିଛି। ମେସିନରୁ କେତେ ଟଙ୍କା ଲୁଟ ହୋଇଛି ତାହା ଜଣା ପଡିନାହିଁ। ତୁଡିଗାଡ଼ିଆ ବଜାରରେ ଥିବା ଏଟିଏମରୁ ବାରମ୍ବାର ଚୋରି ପୋଲିସ ର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଜାରରେ ରାତ୍ରି ଜଗୁଆଳି ବ୍ୟବସ୍ଥା କୁ କଡାକଡି କରିବାକୁ ତୁଡିଗଡ଼ିଆ ବଜାରବାସୀ ଦାବି କରିଛନ୍ତି।

## ଭାଲୁ ଆକ୍ରମଣରେ ୨ ଯୁବକ ଆହତ

ନୀଳଗିରି, ୧୧ା୭ (ସମିସ): ନୀଳଗିରି ସହରର ରାସ୍ତାରେ ବୁଲୁଛି ଭାଲୁ। ସୁକ୍ରବାର ରାତ୍ରୀ ୮ ଘଟିକା ୨୨ ମିନିଟ୍ ସମୟରେ ରାସ୍ତା ରେ ସାଇକେଲ ଯାଉଥିବା ଦୁଇ ଯୁବକଙ୍କୁ ଝମ୍ପିଲା ଭାଲୁ। ଭାଲୁ ଆକ୍ରମଣରେ ଡ୍ରେନ ରେ ପଡି ଦୁଇ ଯୁବକ ଆହତ ହୋଇ ଅଳ୍ପକେ ବର୍ତ୍ତିଛନ୍ତି ଦୁଇ ଯୁବକ। ଆକ୍ରମଣର ଦୃଶ୍ୟ ସିସିଟିଭି ଭିଜୁଆଲ ରେ କୋଏଦ ହୋଇଛି। ବଜାରରୁ ସାଇକେଲ ଯୋଗେ ଘାଟଘରସାହିର ଦୁଇ ଯୁବକ ରାହୁଲ ସିଂ ଓ ସନ୍ତୋଷ ସିଂ ଘରକୁ ଫେରୁଥିବା ଭାଲୁ ଗର୍ଜନ ପାଇ ଅଟକି ଥିଲେ। ସେହି ସମୟରେ ଜଗନ୍ନାଥ ମନ୍ଦିର ପଛ ପଟ ଗଳିରୁ ବାହାରି ରାସ୍ତାରେ ଭାଲୁ ତାଙ୍କ ଉପରକୁ ଝାମ୍ପି ଥିଲା। ଫଳରେ ଦୁଇ ଜଣ ଡ୍ରେନ ରେ ପଡ଼ିଯାଇଥିଲେ। ରାହୁଲଙ୍କ ଗୋଡ଼ରେ ଆଘାତ ଲାଗିଥିବା ବେଲ ସନ୍ତୋଷଙ୍କ କାନ ରେ ଆଘାତ ଲାଗିଛି। ଭାଲୁଟି ଗର୍ଜନ ଛାଡ଼ି ପଳାଇଯାଇଥିବା ବେଳେ ସ୍ୱର୍ଣ୍ଣଚୁଡ ଜଙ୍ଗଲରେ ସୌର ବାଡ ଲଗାଇବା ପାଇଁ ଦାବି କରିଛନ୍ତି ପ୍ରତ୍ୟକ୍ଷଦର୍ଶୀ।

## ଆଇନଜୀବୀ ଜୟନ୍ତ ନନ୍ଦଙ୍କ ଅକାଳ ବିୟୋଗ



ବାଲେଶ୍ୱର,୧୧ା୭ (ସମିସ): ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ନାଇକୁଡି ଗ୍ରାମନିବାସୀ ଆଇନଜୀବୀ ଜୟନ୍ତ ନନ୍ଦଙ୍କ ହଠାତ ଶାରୀରିକ ଅସୁସ୍ଥତାରୁ ମୃତ୍ୟୁ ହୋଇଛି । ତାଙ୍କ ଏକ ମାତ୍ର ପୁତ୍ର ବିଜୟବିକାଶର ବିବାହ କାର୍ଯ୍ୟ ପାଇଁ ବନ୍ଧୁମାନଙ୍କ ଘରକୁ ନିମନ୍ତ୍ରଣ କରିବାକୁ ଯାଇଥିଲେ। କିଛି ବନ୍ଧୁଙ୍କ ଘରକୁ ନିମନ୍ତ୍ରଣ କରିବା ପରେ ସେ ଶାରୀରୀକ ଅସୁସ୍ଥତା ଅନୁଭବ କରିଥିଲେ। ସେଠାରୁ ତାଙ୍କୁ ସଂଗେ ସଂଗେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସା ହେଉଥିବା ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେଠାରୁ ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାର ନିଆ ଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ପତ୍ନୀ ଶିକ୍ଷୟିତ୍ରୀ ସଂଜୁଲତା, ପୁଅ ବିକାଶ, ପୁତୁରା ଷଡ଼ାନନ, ଝିଅ ମଧୁସ୍ମିତା, ଭାଣିଜୀ ତାନଶ୍ରୀ, ଜ୍ୱାଇଁ ଶିବବ୍ରତ, ଭଣଜା ପୁଣ୍ଡରୀକାକ୍ଷ ପ୍ରମୁଖ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଆନ୍ଦୋଳନକାରୀଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଅଭିଯୋଗ



ନୀଳଗିରି, ୧୧ା୭ (ସମିସ): ନୀଳଗିରିରୁ ବଉଳ ଗଡ଼ିଆ ରାସ୍ତା ର ପୁନରୁଦ୍ଧାର ପାଇଁ ମିଳିତ କୃଷକ ମଞ୍ଚ ପକ୍ଷରୁ ଗତ ୯ ତାରିଖ ଜୁଲାଇ ରେ ବାଉଁଶବଣିଆ ଛକ ରେ ରାସ୍ତା ରୋକ କରାଯାଇଥିଲା। ଉକ୍ତ ରାସ୍ତା ପାଇଁ ବହୁ ସଂଗଠନ ସହିତ କୃଷକ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଛି। କିନ୍ତୁ ଫଳ ଶୂନ। ଏବେ ଉକ୍ତ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟକାରୀ ହେବା ପାଇଁ ସ୍ଥିର ହୋଇଛି ବୋଲି ଶୁଣିବାକୁ ମିଳୁଛି। ତାଙ୍କ କେତେଦୂର ଠିକ୍ ବର୍ତ୍ତମାନ ସୁଦ୍ଧା ପ୍ରଶ୍ନବାଚୀ। ଗତ ଆନ୍ଦୋଳନ ରେ ଉପଜିଲ୍ଲାପାଳ ନୀଳଗିରି ପନ୍ଦର ଦିନ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଇ ମାସ ବିତି ଯାଇ ଥିଲେ ସୁଦ୍ଧା କାର୍ଯ୍ୟ ହୋଇ ନାହିଁ। ତେଣୁ କୃଷକ ମଞ୍ଚ ପକ୍ଷରୁ ବାଧ ହୋଇ ଆନ୍ଦୋଳନ କରିବା ପାଇଁ ବାଧ କରାଯାଇ ଥିଲା। ସେଦିନ ପୂର୍ତ୍ତ ବିଭାଗ ଅଧିକାରୀ ଓ ଉପଖଣ୍ଡ ପୁଲିସ୍ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଆନ୍ଦୋଳନ କାରୀଙ୍କୁ ଅପରାଧୀ କହିବା ସହିତ ଯେଉଁ ମାନେ ଆନ୍ଦୋଳନ କରୁଛନ୍ତି ସେମାନେ ରାସ୍ତା ବିଷୟରେ ଅବଗତ ନାହାଁନ୍ତି ବୋଲି କହିଥିଲେ। ଏହାକୁ କୃଷକ ମଞ୍ଚ ପକ୍ଷରୁ ନାପସନ୍ଦ କରାଯିବା ସହିତ ଏହାକୁ ଦୃଢ଼ ନିନ୍ଦା କରାଯାଇଛି। ଏହାକୁ ପ୍ରତିବାଦ କରି ଆଜି କୃଷକ ମଞ୍ଚ ର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱରେ ନୀଳଗିରି ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ସିପିଆଇ (ଏମ) ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ସରପଞ୍ଚ ନିରଞ୍ଜନ ବାରିକ, ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସମାଜସେବୀ ମଦନମୋହନ ମାଝି, ଜାତୀୟ କଂଗ୍ରେସ ର ଯଶୋଦା ନନ୍ଦନ ସିଂହ, ସମିତି ସଭ୍ୟ ରାଜୀବ ଦାସ ବାବୁ, ଜାତୀୟ କଂଗ୍ରେସ ର ଜିଲ୍ଲା ସଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଗଙ୍ଗାଧର ମିଶ୍ର, ବିଜୟ ସ ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କ କାର୍ଯ୍ୟକୁ ନା ପସନ୍ଦ କରିବା ସହିତ ଉକ୍ତ କାର୍ଯ୍ୟ ରୁ କ୍ଷାନ୍ତ ରହିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଯଦି ବିଧାୟକ ଜନସାଧାରଣଙ୍କ ସମ୍ମୁଖ ରେ ଭୁଲ ସ୍ୱୀକାର ନ କରନ୍ତି ଆଗାମୀ ଦିନର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହା ପରେ ମଞ୍ଚ ପକ୍ଷରୁ ବିଧାୟକଙ୍କ ବିରୋଧରେ ନୀଳଗିରି ଥାନାରେ ଏତଲା ଦାଏର କରାଯାଇଛି।

## ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ରଥସଂଖ୍ୟା ଉନ୍ମୋଚିତ




ବାଲେଶ୍ୱର,୧୧ା୭ (ସମିସ): ବାଲେଶ୍ୱରରୁ ପ୍ରକାଶ ପାଉଥିବା ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ରଥସଂଖ୍ୟା ସ୍ରଷ୍ଟା ନାଟ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଗବେଷକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ, ଶିଶୁ ସାହିତ୍ୟର ଅନ୍ୟତମ ଲେଖକ ବ୍ରଜେନ୍ଦ୍ରନାଥ ଗିରି, "ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସୁସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମିଳିତ ଭାବେ ପତ୍ରିକାଟିକୁ ଉନ୍ମୋଚନ କରି ଶିଶୁ-କିଶୋର ପତ୍ରିକା ପ୍ରକାଶନର ଅବଶ୍ୟକତା ପୂରଣ କରିବା ପାଇଁ ପୀତାମ୍ବର ଦାସଙ୍କ ଏତାଦୃଶ ଉଦ୍ୟମକୁ ପ୍ରଶଂସା କରିଥିଲେ ଏବଂ ପତ୍ରିକାର ସମ୍ପାଦିକା ମୋନାଲିସା ପ୍ରଧାନଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। ପ୍ରାକ୍ କଥନ କବି ପଦ୍ମଲୋଚନ ପ୍ରଧାନ ରଖିବା ସହ ମଞ୍ଚ ଆହ୍ୱାନ କରିଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ପୀତାମ୍ବର ଦାସ ଓ ପ୍ରକାଶକ କମଲ ଦାସ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ କବି ରମେଶ ଚନ୍ଦ୍ର ବେହେରା, ଗୌରୀ ଶଙ୍କର ସାହାଣୀ, କଲ୍ୟାଣୀ ନନ୍ଦ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ସୁକାନ୍ତି ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ କବି ନଟବର ପାଢ଼ୀ, ଡ. ସାରଙ୍ଗଧର ତ୍ରିପାଠୀ, ସର୍ବେଶ୍ୱର ପଣ୍ଡା, ନିରଞ୍ଜନ ଭାରତ, ପ୍ରଭାକର ସାହୁ, ରମାକାନ୍ତ ମହାନ୍ତି, ରାମପ୍ରସାଦ ପ୍ରଧାନ, ଅଜୟ ରାଉଳ, ଦେବାଶିଷ ସିଂ, ଲକ୍ଷ୍ମଣ ବିଶ୍ୱାଳ, ଲକ୍ଷ୍ମୀଧର ଜେନା, ଜୟନ୍ତୀ ବେହେରା, ସୁନାମଣି ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ସଂଗୀତା ବାରିକ, ଜୁମରନାଥ ପାତ୍ର, ପୁଷ୍ପିତା ପାଢ଼ୀ, ଦିବାକର ମହାନ୍ତି, ସମରାଇ କର, ରତିକାନ୍ତ ମଲ୍ଲିକ, ପ୍ରସନ୍ନ ଦାସ, ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପରିଚାଳନା କମିଟି ଗଠନକୁ କେନ୍ଦ୍ରକରି ସ୍କୁଲ ଫାଟକରେ ଝୁଲିଲା ତାଲା



କାଳିପଦା, ୧୧ା୭ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତର ସିଚକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଫାଟକରେ ଶନିବାର ପୂର୍ବାହ୍ନରେ କିଛି ଅଭିଭାବକ ତାଲା ପକାଇ ଛାତ୍ର ଛାତ୍ରୀଙ୍କୁ ଫାଟକ ସାମ୍ନାରେ ବସାଇଥିଲେ। ପରେ ସ୍ଥାନୀୟ ସରପଞ୍ଚ ଧରଣୀ ଧର ମଲ୍ଲିକ, ନାରୀନେତ୍ରୀ ସୁଲତା, ସି ଆର ସି ସି ଜୟନ୍ତ କୁମାର ମାଝୀ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଅଭିଭାବକଙ୍କୁ ବୁଝା ସୁଝା କରି ସମାଧାନ ଘଟଣାର କରିଥିଲେ। ଗତ ୮ ତାରିଖ ଦିନ ବିଧିବଦ୍ଧ ଭାବେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ସଦସ୍ୟ ନିର୍ବାଚନ କରାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସଦସ୍ୟ ନିର୍ବାଚିତ ହୋଇଥିଲେ କିନ୍ତୁ ପରାଜିତ ସଦସ୍ୟ ମାନେ ଏଇ ନିର୍ବାଚନ କୁ ବାତିଲ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଥିଲେ। ଏହା ସମ୍ଭବ ନ ହେବାରୁ ଆଜି ତାଲା ବନ୍ଦ ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଏ ବାବଦରେ ପ୍ରଧାନ ଶିକ୍ଷୟିତ୍ରୀ ସାଲମା ଟୁଡୁ ଓ ସିଆରସିସି ଶ୍ରୀ ମାଝୀ ଙ୍କୁ ପଚାରିବାରୁ କମିଟିର ସଦସ୍ୟ ଚୟନ ଉଚିତ ନିୟମ, ସରକାରଙ୍କ ବିଧି ବ୍ୟବସ୍ଥାରେ ହୋଇଛି ବୋଲି କହିଥିଲେ।

## କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ

ଜଳେଶ୍ୱର ବ୍ଲକ, ୧୧ା୭ (ସମିସ): ଗତ ୮ ତାରିଖ ଦିନ 'ସକାଳ'ରେ ବଦଳି ପରେ ବି କାର୍ଯ୍ୟଭାର ଛାଡୁ ନାହାଁନ୍ତି ଜଳେଶ୍ୱର ବ୍ଲକର ପିଇଓ ଖବର ପ୍ରକାଶ ପରେ ବାଲେଶ୍ୱର ଜିଲ୍ଲାପାଳଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନୂତନ ଚିଠି ମୂଳେ ତୁରନ୍ତ ୩ ଦିନ ମଧ୍ୟରେ ସମସ୍ତ ବଦଳି ହୋଇଆସିଥିବା ପିଇଓଙ୍କୁ ତୁରନ୍ତ ଫଚାୟତ କାର୍ଯ୍ୟାଳୟରେ କାର୍ଯ୍ୟଭାର ଅର୍ପଣ କରିବା ସହିତ ବଦଳି ପିଇଓ ମାନେ ତୁରନ୍ତ କାର୍ଯ୍ୟରେ ଯୋଗ ଦିଅନ୍ତୁ ନ ହେଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଫଳରେ ପିଇଓ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବା ସହିତ ନିଜ ନିଜ କାର୍ଯ୍ୟସ୍ଥଳକୁ ଯିବାକୁ ବାହାରିଥିବା ଜଣାଯାଇଛି।

## ଜଳିଗଲା ଘର

ଜଳେଶ୍ୱର ବ୍ଲକ, ୧୧ା୭ (ସମିସ) : ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ବିରିସପୁର ଗ୍ରାମର ହାଡ଼ିଆ ସିଂଙ୍କ ପୁତ୍ର ସୁକୁରା ସିଂ ଏବଂ ତାଙ୍କ ପରିବାର ୫ଜଣ କୁଟୁମ୍ବ ଗତ ରାତିରେ ଶୋଇଥିବା ସମୟରେ ରାତି ପ୍ରାୟ ୧.୩୦ସମୟରେ ହଟାତ ତାଙ୍କ ଚାଲ ଛପର ନଡ଼ାଘରୁ ନିଆଁ ଜଳୁଥିବା ଦେଖି ତରବରିଆ ଭାବେ ପିଲା ଛୁଆ ଧରି ଅନ୍ଧାରେ ଘରୁ ବାହାରକୁ ବାହାରି ଆସିଥିଲେ। କିଛି ସମୟ ମଧ୍ୟରେ ଘର ପୋଡି ପାଉଁଶ ହୋଇଯାଇଛି। ଘର ଭିତରେ ବର୍ଷ ଯାକର ଖାଦ୍ୟ ଧାନ, ଚାଉଳ, ବସ୍ତ୍ର, କଂସାବାସନ, ସୁନା ଗହଣା ସାଙ୍ଗକୁ ପିଲାଙ୍କ ବହି ପତ୍ର ଓ ଆଗକୁ ଚାଷ କାର୍ଯ୍ୟ ପାଇଁ ରଖିଥିବା ଟଙ୍କା ପଇସା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଏ ନେଇ ଯୁବ ସମାଜସେବୀ ସିଜିବ ପ୍ରଧାନ (ଘଣ୍ଟିଆ) ଅସହାୟ ପରିବାର ଲୋକଙ୍କ ପାଖରେ ପହଞ୍ଚି ତାଙ୍କୁ ସମବେଦନା ଜଣାଇବା ସହିତ ତାଙ୍କୁ କିପରି ସମସ୍ତ ସରକାରୀ ସହାୟତା ଖୁବ ଶୀଘ୍ର ମିଳୁ ପାରିବ ସେ ନେଇ ଦାବି କରିଛନ୍ତି।

# ଶଙ୍ଖାମେଦୀକୁ ନେଇ ମୁହଁ ଖୋଲିଲା ଭୋଗରାଇ କଂଗ୍ରେସ

ବାଲେଶ୍ୱର(ଉତ୍ତର),୧୧ା୭ (ସମିସ)



ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ବିବାଦୀୟ ଗାଁ ଶଙ୍ଖାମେଦୀକୁ ନେଇ ଭୋଗରାଇ କଂଗ୍ରେସ ମୁହଁ ଖୋଲିଛି। ଦଳର ନେତା ମାନେ ଉକ୍ତ ଗାଁକୁ ଯାଇ ସ୍ଥିତି ପରଖିବା ସହିତ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ଏ କ୍ଷେତ୍ରରେ ହସ୍ତକ୍ଷେପ କରି ଉପୁଜିଥିବା ବିବାଦର ସମାଧାନ କରନ୍ତୁ ବୋଲି କହିଛନ୍ତି। ଯଦି ଶଙ୍ଖାମେଦୀକୁ ଓଡ଼ିଶାରେ ରଖିବାରେ ଓଡିଶା ସରକାର ବିଫଳ ହୁଅନ୍ତି ତେବେ କଂଗ୍ରେସ ଦଳ କୋର୍ଟର ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉକି ଅନଳିଆ ପଞ୍ଚାୟତର ୧୮ ନମ୍ବର ୱାର୍ଡ କୁହାଯାଉଥିବା ଶଙ୍ଖାମେଦି ଗ୍ରାମର ସମସ୍ତ ୨୬୮ ଜଣ ଭୋଟର ଓଡ଼ିଶାର ଏସଆଇଆର୍ କାର୍ଯ୍ୟକ୍ରମରେ ସାମିଲ ନ ହୋଇ ପୂର୍ବରୁ ପଶ୍ଚିମବଙ୍ଗରେ ହୋଇଥିବା ଏସ ଆଇ ଆର ରେ ନିଜ ନାମ ପଞ୍ଜିକରଣ କରିଛନ୍ତି। ଯାହାକୁ ନେଇ ଏବେ ରାଜନୈତିକ ମହଲରେ ବୟାନ ବାଜି ଆରମ୍ଭ ହୋଇଛି। ଗତ ବୁଧବାର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଶଙ୍ଖାମେଦୀକୁ ଓଡ଼ିଶାରେ ରଖିବାକୁ ନେଇ ରାଜସ୍ୱ ମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଥିବା ବେଳେ ଆଜି ଭୋଗରାଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଗାଁରେ ପହଞ୍ଚି ସେଠାକାର ଲୋକଙ୍କ ସହିତ ଆଲୋଚନା କରିବା ସହ ସାମ୍ବାଦିକ ସମ୍ମିଳନୀ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶି? ଦାସ କହିଥିଲେ ଯେ, ଓଡ଼ିଶାରେ ୨୦୦୦ ମସିହାରୁ ୨୦୦୯ ପର୍ଯ୍ୟନ୍ତ ଉଭୟ ବିଜେଡ଼ି ଓ ବିଜେପି ସରକାର ଚାଲିଥିଲା। ସେହିପରି ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷ ବିଜେଡ଼ି ଏକାକୀ ଶାସନ କରୁଥିଲା। ମାତ୍ର ଉଭୟ ଦଳର ରାଜନୈତିକ ଦଳର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଆଜି ଶଙ୍ଖମେଦୀବାସୀ ଓଡ଼ିଶାରୁ ସବୁପ୍ରକାର ସାହାଯ୍ୟ ଓ ଅନୁଦାନ ପାଇ ଥିଲେ ମଧ୍ୟ କେବଳ ରାଜସ୍ୱ ପ୍ରଦାନରୁ ବଞ୍ଚିତ ରହିଥିବା କାରଣରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ସହିତ ଆବାସ ଯୋଜନାରେ ଘର, ଜାତିଗତ ପ୍ରମାଣପତ୍ର ଇତ୍ୟାଦି ପାଇପାରୁ ନାହାଁନ୍ତି। ଫଳରେ ପଶ୍ଚିମବଙ୍ଗରେ ମିଶିବା ସେମାନଙ୍କ ପାଇଁ ଏକମାତ୍ର ବିକଳ୍ପ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। ତଥାପି ବର୍ତ୍ତମାନ ସମୟରେ ଯେହେତୁ ଉଭୟ ରାଜ୍ୟରେ ବିଜେପି ସରକାର ରହିଛି, ଦୁଇ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ହୋଇପାରିବ ବୋଲି ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଜେନା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସର ଉପସଭାପତି ଗୋପବନ୍ଧୁ ମହାପାତ୍ର, ଶିଶିର ମହାପାତ୍ର, ସରପଞ୍ଚ ମମତା ସାହୁ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ମୀନାରାଣୀ ସୁର, ତଥାଗତ ଶତପଥୀ, ଜାମସେଦ ଅଲ୍ଲୀ ଖାଁ, ବ୍ଲକ କଂଗ୍ରେସ ଯୁବ ସଭାପତି ଜୟଦେବ ଦାସ, ସୁନୀଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଚମ୍ପୁଆ ଜଗନ୍ନାଥ ମନ୍ଦିର ପରିସରରେ ସଫେଇ ଅଭିଯାନ

**ଚମ୍ପୁଆ, ୧୧।୭ (ସମିସ):** ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଓ ସମାଜସେବୀମାନେ ମିଳିତ ଭାବେ ବ୍ୟାପକ ସଫେଇ ଅଭିଯାନ ଆରମ୍ଭ କରିଛନ୍ତି। ମନ୍ଦିର ପରିସରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଉଦ୍ଦେଶ୍ୟରେ ସ୍ୱଇଚ୍ଛାରେ ଅନେକ ଯୁବକ ଏହି କାର୍ଯ୍ୟରେ ଯୋଗଦେଇ ପରିସରକୁ ଧୋଇବା ସହ ସଫେଇ କାର୍ଯ୍ୟ କରିଥିଲେ।



ଦେବୋତ୍ତର ବିଭାଗର ମୁଖ୍ୟ ଉମାକାନ୍ତ ପରିଡ଼ା ଏହି ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ପ୍ରଶଂସା କରି ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ସେ କହିଥିଲେ ଯେ ମନ୍ଦିରର ସ୍ୱଚ୍ଛତା ରକ୍ଷା କରିବା ପ୍ରତ୍ୟେକ ଭକ୍ତଙ୍କର ନୈତିକ ଦାୟିତ୍ୱ ଏବଂ ଏଭଳି ସାମାଜିକ ସହଯୋଗ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ଏହି ସଫେଇ ଅଭିଯାନରେ ସମାଜସେବୀ ହୋବି ଦାସ, ବୃନ୍ଦାବନ ରାମଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ସ୍ୱଚ୍ଛତା ଅଭିଯାନ ଜାରି ରହିବ ବୋଲି ସ୍ୱେଚ୍ଛାସେବୀମାନେ ସୂଚନା ଦେଇଛନ୍ତି।

### ଖଣି ବିଭାଗର ବିବାଦୀୟ ଚିଠିକୁ ନେଇ ଚର୍ଚ୍ଚା

# ଆନନ୍ଦପୁର-କରଞ୍ଜିଆ ରାସ୍ତାରେ ବେଧଡ଼କ ବାଲି ଚାଲାଣ

**ଆନନ୍ଦପୁର,୧୧।୭ (ସମିସ):**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ବାଲି ଚାଲାଣ ପାଇଁ ସବୁ କଟକଣା ଫୁ'। ରାଜ୍ୟସାରା ଜୁନ୍ ୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ମୌସୁମୀକୁ ଦୃଷ୍ଟିରେ ରଖାଯାଇ ବାଲି ସୈରାତଗୁଡ଼ିକରୁ ବାଲି ଉତ୍ତୋଳନ ପାଇଁ ସରକାରୀ ସ୍ତରରେ କଟକଣା ଲାଗିଛି। ହେଲେ କେନ୍ଦୁଝର ଜିଲ୍ଲାରେ ଏହି କଟକଣାକୁ କୋହଳ କରାଯାଇ ଜୁଲାଇ ୬ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବାଲି ସୌରତଗୁଡ଼ିକରୁ ବାଲି ଉତ୍ତୋଳନ ହୋଇପାରିବନି ବୋଲି କଟକଣା ଲାଗିଛି। ଏହି ମଧ୍ୟରେ ଆନନ୍ଦପୁର ଉପଖଣ୍ଡର ବାଲି ମାଫିଆମାନେ ଦୀର୍ଘ ମାସେ କାଳ କଟକଣାମୁକ୍ତ ଭାବେ ବାଲି ଉତ୍ତୋଳନରେ ସାମିଲ ରହି କୋଟି କୋଟି ଟଙ୍କାର ମୁନାଫା କମାଇଥିବା



ଚର୍ଚ୍ଚାକୁ ଆସିଛି। ତେବେ ବିଳମ୍ବରେ ହେଉ ମଧ୍ୟ କେନ୍ଦୁଝର ଜିଲ୍ଲାରେ ମୌସୁମୀ ପାଇଁ ବାଲି ଉତ୍ତୋଳନରେ ପ୍ରତିବନ୍ଧକ ଲାଗିବା ସତ୍ତ୍ୱେ ବାଲି ମାଫିଆମାନେ ହାଇୱା ଯୋଗେ ବେଧଡ଼କ ବାଲି ଚାଲାଣ କରିବା ଖଣି ବିଭାଗ, ପ୍ରଶାସନ, ପୁଲିସ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି।

ଶୁକ୍ରବାର ସକାଳ ସମୟରେ ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥରେ ବହୁ ସଂଖ୍ୟାରେ ହାଇୱା ଯୋଗେ ବାଲି ଚାଲାଣ ଦୃଶ୍ୟ ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅନ୍ୟପକ୍ଷରେ କିଏ ଆବାସ ପାଇଁ ଟ୍ରାକ୍ଟରରେ ବାଲି ମୁଠାଏ ଉଠାଇନେଲା ତା' ଉପରେ ସମସ୍ତଙ୍କ ନଜର ରହୁଥିବାବେଳେ କଟକଣା ସତ୍ତ୍ୱେ ଏତେ ବଡ଼ ବଡ଼ ହାଇୱା ଯୋଗେ ବାଲି ଚାଲାଣ କିପରି ସମ୍ଭବ ହେଉଛି, ତାହା ସମ୍ବେଦନଶୀଳ ପ୍ରସଙ୍ଗରେ ପରିଣତ ହୋଇଛି। ଆନନ୍ଦପୁରର ଠାଏ ଠାଏ ଛକ ବଜାରରେ ସିସିଟିଭି କ୍ୟାମେରାମାନ ରହିଛି। ଏହାସତ୍ତ୍ୱେ କାହା ନଜରକୁ ଏଭଳି ବେଆଇନ ବାଲି ଚାଲାଣ ଦୃଶ୍ୟ କେମିତି ଆସୁନି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆନନ୍ଦପୁର ଉପଖଣ୍ଡର ସମସ୍ତ ଲିଜଧାରୀଙ୍କୁ ଚଳିତ ମାସ ୪ ତାରିଖରେ ଖଣି ବିଭାଗ ଜାରି କରିଥିବା ଏକ ବିବାଦୀୟ ଓ ଦ୍ୱନ୍ଦ୍ୱାତ୍ମକ ଚିଠିକୁ ନେଇ ଚର୍ଚ୍ଚାକୁ ଆସିଥିବାବେଳେ ଏବେ କଟକଣା ପରେ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ଖଣି ବିଭାଗର ପାରିବାପଣିଆ ପ୍ରତି ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଆନନ୍ଦପୁର ଉପଖଣ୍ଡର ବାଲି ଘାଟ ଲିଜଧାରୀଙ୍କୁ ଜୁଲାଇ ମାସ ୬ ତାରିଖରୁ ବର୍ଷାଦିନ ଶେଷ ହେବା ପର୍ଯ୍ୟନ୍ତ ବାଲି ଉତ୍ତୋଳନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ସହ ରାଜ୍ୟ ଲଘୁ ଖଣିଜ ନିର୍ଦ୍ଦେଶକ, କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଆନନ୍ଦପୁର ଉପଜିଲ୍ଲାପାଳ, ଏସ୍‌ଡ଼ିପିଓ, ଉପଖଣ୍ଡର ସମସ୍ତ ତହସିଲଦାର ଓ ଥାନାଧିକାରୀଙ୍କୁ ଉକ୍ତ ଚିଠିରେ ସୂଚନା ଦେଇଛନ୍ତି; ତଥାପି ବେଧଡ଼କ ବାଲି ଚାଲାଣ ରୋଚକପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଛି।

## ଅଜଣା ରୋଗରେ ନାବାଳକ ମୃତ

**ଡୁରୁମୁଙ୍ଗା, ୧୧।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମର ଜଣେ ୭ ବର୍ଷର ନାବାଳକ ପୁଅର ମୃତ୍ୟୁ ହୋଇଛି। ଶୁକ୍ରବାର ରାତିରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ନିଆଯାଉଥିବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ନାରଦ ନାଏକଙ୍କ ପୁଅ ମନୋଜ ନାଏକ। ସୂଚନା ଅନୁସାରେ ନାବାଳକ ମନୋଜଙ୍କୁ ୩ମାସ ତଳେ କୁକୁର କାମୁଡି ଦେଉଥିଲା। ସେତେବେଳେ ପରିବାର ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଚେରମୂଳି ଓ ଦେଶୀ ଚିକିତ୍ସା କରିଥିଲେ। ପରେ ଗୁରୁତର ହୋଇ ଝାଡ଼ା ପରିସ୍ରା ବନ୍ଦ ହୋଇଯିବାରୁ ହେବାରୁ ଗତ ଗୁରୁବାର ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ଶୁକ୍ରବାର କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜରେ ଭର୍ତ୍ତି କରିଥିଲେ। ସେଠାରୁ ଶୁକ୍ରବାର ରାତ୍ରି ଆମ୍ବୁଲାନ୍ସ ଯୋଗେ କଟକ ବଡ ଡ଼ାକ୍ତରଖାନା ନେବା ବାଟରେ ଚିକିଣିଆ ନିକଟରେ ମୃତ୍ୟୁ ଘଟିଥିଲା। ଚିକିତ୍ସା କରିଥିବା ଡ଼ାକ୍ତର ଶୁଭେନ୍ଦୁ ସାଗର ନାଏକଙ୍କ ସୂଚନା ମୁତାବକ, ନାବାଳକଙ୍କ ପରିସ୍ରା ଥଳି ଫୁଲିଥିଲା। ଗୁରୁତର ଥିବାରୁ ମେଡ଼ିକାଲ କଲେଜ ପଠାଯାଇଥିଲା। ସଚେତନତା ଅଭାବ ଯୋଗୁଁ ଜଣେ ନାବାଳକର ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଘର ଭାଙ୍ଗି ଆସବାବପତ୍ର ନଷ୍ଟକଲା ଗୋଠଛଡ଼ା ଦନ୍ତା

**ବାଲିବନ୍ଧ,୧୧।୭ (ସମିସ):** ଚମ୍ପୁଆ ରେଞ୍ଜ ବାଲିବନ୍ଧ ବନାଞ୍ଚଳର କୁଟୁଗାଁରେ ଗୋଠଛଡା ଦନ୍ତା ହାତୀ ପଶି ଗୋଟାଏ ଘର ଭାଙ୍ଗିବା ସହ ଘରର ଆସବାପତ୍ରକୁ ନଷ୍ଟ କରି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ବାଲିବନ୍ଧ ବନାଞ୍ଚଳରେ ଦୀର୍ଘଦିନ ହେଲା ୨୩ ଟିକିଆ ହାତୀପଲ ରହି ଆସୁଛନ୍ତି। ଏହି ବନାଞ୍ଚଳରେ ରହିଥିବା ହାତୀଙ୍କୁ ଅନ୍ୟତ୍ର ଘୋଉଡାଇବା ପାଇଁ ବନ ବିଭାଗ ଶତଚେଷ୍ଟା କରୁଥିଲେ ମଧ୍ୟ ହାତୀ ପଲକୁ ଘୋଉଡାଇବାରେ ସକ୍ଷମ ହୋଇ ପାରୁନାହାନ୍ତି ବାଲିବନ୍ଧ ବନାଞ୍ଚଳର ବନ କର୍ମଚାରୀମାନେ। ହାତୀ ଦଳ ମଧ୍ୟରୁ ଗୋଟାଏ



ଦନ୍ତା ଅନେକ ସମୟରେ ଦଳରୁ ବାହାରି ଆସି ଜଙ୍ଗଲ ପାର୍ଶ୍ୱରେ ରହିଥିବା ଗ୍ରାମରେ ପଶି କ୍ଷୟକ୍ଷତି କରିଥାଏ। ଗତକାଲି ବିଳମ୍ବିତ ରାତିରେ ହାତୀ ଦଳରୁ ଗୋଟାଏ ଦନ୍ତା ହାତୀ ବାହାରି ଆସି କୁଟୁଗାଁ ଗ୍ରାମରେ ପଶି ଭୁକୁନି ବେହେରାଙ୍କ ଘର ଭାଙ୍ଗିବା ସହ ଘର ଭିତରେ ଥିବା ଘରର ଆସବାବପତ୍ରଗୁଡିକୁ ଶୁଣ୍ଢରେ ଘୋଷାରି ଆଣି ପାଦରେ ଦଳି ଚକଟି ନଷ୍ଟ କରି ଦେଇଥିବା ଭୁକୁନି ଅଭିଯୋଗ କରିଛନ୍ତି। ଭୁକୁନିକୁ ସରକାର ତରଫରୁ ଆର୍ଥିକ ସହାୟତା ସହ ରହିବା ପାଇଁ ଅନ୍ତ୍ୟୋଦୟ ଯୋଜନାରୁ ତୁରନ୍ତ ଘର ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପାଣିରେ ବୁଡ଼ି ଜଣେ ମୃତ

**ବାଲିବନ୍ଧ, ୧୧।୭ (ସମିସ):** ଝୁମ୍ପୁରା ଥାନା ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମ ନାଏକସାହିରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପାଣିରେ ବୁଡି ଜଣଙ୍କର ମୃତ୍ୟୁ ହୋଥିବା ଝୁମ୍ପୁରା ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଝୁଲୁ ନାଏକ (୪୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ଘରେ କାହାକୁ କିଛି ନକହି ଝୁଲୁ ନାଏକ ଘରୁ ବାହାରିଥିଲେ। ବେଳ ବୁଡ଼ି ସନ୍ଧ୍ୟାହେଲା ତଥାପି ଘରକୁ ଫେରି ନଥିଲେ ଝୁଲୁ ନାଏକ। ଫଳରେ ସ୍ତ୍ରୀ ସୁଲୋଚନା ନାଏକସାହିରେ ଖୋଜାଖୋଜି କରିବା ସହିତ ବନ୍ଧୁବାନ୍ଧବ ଘରକୁ ଫୋନ କରି ବୁଝାବୁଝି କରିବା ପରେ ମଧ୍ୟ କୌଣସି ଖବର ମିଳି ନଥିଲା। ଅର୍ଶଳା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନୂଆପୋଖରୀକୁ ଶନିବାର ସକାଳେ ଲୋକେ ଶୌଚ ହେବା ପାଇଁ ଗଲା ବେଳେ, ପୋଖରୀ ପାଣିରେ ଏକ ଲୋକର ମୃତଦେହ ଭାସୁଥିଲା। ସଙ୍ଗେ ସଙ୍ଗେ ଝୁମ୍ପୁରା ଦମକଳ କେନ୍ଦ୍ରକୁ ଖବର ଦେବା ସହ ଝୁମ୍ପୁରା ପୁଲିସକୁ ମଧ୍ୟ ଖବର ଦେଇଥିଲେ। ପୁଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ମୃତ ବ୍ୟକ୍ତି ଜଣକ ସ୍ଥାନୀୟ ଝୁଲୁ ନାଏକ ବୋଲି ଲୋକେ ଚିହ୍ନଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ଝୁଲୁଙ୍କୁ ଝୁମ୍ପୁରା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଯାଞ୍ଚକରି ଝୁଲୁ ନାଏକ ମୃତ ବୋଲି ଘୋଷଣା କରିଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଚମ୍ପୁଆ ଡାକ୍ତରଖାନା ପଠାଇଥିବା ପୁଲିସ ସୂଚନା ଦେଇଛି।



## ଚମ୍ପୁଆ ରଥଯାତ୍ରାକୁ ଆସିବେ ବେଦ ବିଦ୍ୟାଳୟର ଛାତ୍ର ଓ ଦୁଇ ଆଚାର୍ଯ୍ୟ

**ଚମ୍ପୁଆ, ୧୧।୭ (ସମିସ):** ଆସନ୍ତା ଚମ୍ପୁଆ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶରେ ପାଳନ କରିବା ପାଇଁ କେନ୍ଦୁଝର ପୁରୁଣା ବଜାରସ୍ଥିତ ସିଦ୍ଧମଠ ବେଦ ବିଦ୍ୟାଳୟର ଛାତ୍ରମାନଙ୍କ ସହ ଦୁଇଜଣ ଆଚାର୍ଯ୍ୟ ମଧ୍ୟ ଯୋଗଦେବେ। ଏହି ଅବସରରେ ଦେବୋତ୍ତର ବିଭାଗର ମୁଖ୍ୟ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସିଦ୍ଧମଠ ବେଦ ବିଦ୍ୟାଳୟକୁ ଯାଇ ଛାତ୍ର ଓ ଆଚାର୍ଯ୍ୟମାନଙ୍କୁ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ସାମିଲ ହେବାକୁ ସାଦର ନିମନ୍ତ୍ରଣ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଚମ୍ପୁଆ ଓ ଆଖପାଖ ଅଞ୍ଚଳର ସମସ୍ତ ଭକ୍ତଙ୍କୁ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ ଲାଭ କରିବା ସହ ଉତ୍ସବକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି। ବେଦ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଦୁଇଜଣ ଆଚାର୍ଯ୍ୟଙ୍କ ଉପସ୍ଥିତି ଏବର୍ଷର ରଥଯାତ୍ରାର ଏକ ବିଶେଷ ଆକର୍ଷଣ ହେବ।


## ବେଆଇନ କାଠ ଚାଲାଣ ବେଳେ ୨ ଗିରଫ, ଟ୍ରକ୍ ଜବତ

**କେନ୍ଦୁଝର,୧୧।୭ (ସମିସ):** କେନ୍ଦୁଝର ବନଖଣ୍ଡ ସଦର ବନାଞ୍ଚଳ ନରଣପୁର ସେକ୍ସନ ଅଞ୍ଚଳରୁ ବେଆଇନ କାଠ ଚାଲାଣ ବେଳେ ବନ ବିଭାଗ ୨ ଜଣକୁ ଗିରଫ କରିଥିବାବେଳେ କାଠ ବୋଝେଇ ଟ୍ରକ ଜବତ ହୋଇଛି। ବକ୍ସିବାରିଗାଁ ଜୁଆଙ୍ଗସାହି ନିକଟ ସରକାରୀ ଜମିରୁ ଗଛ କାଟି ବେଆଇନ ଚାଲାଣ ହେଉଥିବାବେଳେ ବନ ବିଭାଗ ଉକ୍ତ କାଠ ବୋଝେଇ ୧୬ ଚକିଆ ଟ୍ରକ ଡବ୍ଲୁ ବି ୩୩ -ଇ-୨୫୬୪କୁ ଜବତ କରିଛି। ଟ୍ରକ ଡ୍ରାଇଭର ଅସିତ୍ ରକ୍ଷୀତ (୪୨) ଏବଂ ଅଜୟ କୁମାର ମହାନ୍ତ(୩୨) ଗିରଫ ହୋଇଥିବାବେଳେ ଅନ୍ୟ କେତେକ କାଠ ମାଫିଆ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ଅସିତ ରକ୍ଷୀତଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନିପୁର ଏବଂ




ଅଜୟ କୁମାର ମହାନ୍ତଙ୍କ ଘର କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଟୋଲକବାହାଳ ଗ୍ରାମରେ ବୋଲି ଜଣାପଡିଛି। ନରଣପୁର ସେକ୍ସନ ବନପାଳ କାଳନ୍ଦି ଚରଣ ସାମଲ, ବଳଭଦ୍ରପୁର ବିଟ୍ ବନରକ୍ଷୀ ରାଜେଶ୍ୱରୀ ସେଠୀ, ନରଣପୁର ବିଟ୍ ବନରକ୍ଷୀ ସ୍ୱାଗତିକା ପଟ୍ଟନାୟକ, ଗୋପଳପୁର (ପଶ୍ଚିମ) ବିଟ୍ ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତ, ରଘୁନାଥପୁର ବିଟ୍ ବନରକ୍ଷୀ ଚନ୍ଦନ କୁମାର ଚାଟାର୍ଜୀଙ୍କ ସମେତ ସ୍କ୍ୱାଡ କର୍ମଚାରୀ ଚଢଉ କରି ଏହି କାଠ ଗାଡି ଜବତ କରିଛନ୍ତି। ଜବତ୍ ୪ ଟନ କାଠର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ଏହାକୁ ଓଡିଶା ବନ ଉନ୍ନୟନ ନିଗମକୁ ହସ୍ତାନ୍ତର କରାଯିବ ବୋଲି ବନପାଳ ପ୍ରକାଶ କରିଛନ୍ତି। ଏହି କାଠ ବେଆଇନ ଭାବରେ ଆବାଦଯୋଗ୍ୟ ଅନାବାଦି ଜମିରୁ ବନ ବିଭାଗର ବିନା ଅନୁମତିରେ କଟାଯାଉଥିଲା। ମାଫିଆମାନେ କେତେକ ଦୁର୍ନୀତିଗ୍ରସ୍ତ ବନକର୍ମଚାରୀଙ୍କୁ ହାତ କରି ବେଆଇନ ଭାବରେ କାଠ କାଟି ନେଉଥିବାବେଳେ ଅନେକ ସମୟରେ ଧରା ପଡୁନାହାଁନ୍ତି। ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ବନ କର୍ମଚାରୀ ରହିବା ଫଳରେ କାଠ ମାଫିଆଙ୍କ ସହିତ ସୁସମ୍ପର୍କ ଗଢି ଉଠୁଥିବାରୁ ଧରପଗଡ ହେଉନାହିଁ। ୩ ବର୍ଷରୁ ଅଧିକ ଗୋଟିଏ ସେକ୍ସନ କିମ୍ବା ବିଟରେ କାମ କରୁଥିବା ବନପାଳ ଏବଂ ବନରକ୍ଷୀଙ୍କୁ ଅନ୍ୟତ୍ର ବଦଳି କରାଗଲେ ଏହି ଚୋରା କାରବାର ଅନେକାଂଶରେ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟଙ୍କ ନିର୍ଦ୍ଦେଶକୁ ପାଳନ କରି ତୁରନ୍ତ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ଧରି କାମ କରୁଥିବା ବନପାଳ ଏବଂ ବନରକ୍ଷୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି ହୋଇଛି।

## ହାଟଡ଼ିହୀର ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



**ହାଟଡ଼ିହୀ,୧୧।୭ (ସମିସ):** ଶନିବାର ବିଦ୍ୟାଳୟର ସଭାଗୃହରେ ପ୍ରଥମ ବିଦ୍ୟାଳୟ ପରିଚାଳନା କମିଟର ବୈଠକ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ପରିଚାଳନା କମିଟିର ଆଭିମୁଖ୍ୟ, ଉଦ୍ଦେଶ୍ୟ ଏବଂ କର୍ତ୍ତବ୍ୟ ମାନ କହିଥିଲେ। ତତପରେ ଅତି ଶାନ୍ତିଶୃଙ୍ଖଳା, ଭାଇଚାରା ଏବଂ ସହମତି କ୍ରମେ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। ସେହି ନୂତନ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗତଜୀବନ ରାମଗୋଲାମ ଦେବତା, ଉପସଭାପତି ସଂଯୁକ୍ତା ପୁହାଣ, ସଭ୍ୟ/ସଭ୍ୟା ଭାବେ ସୁଶାନ୍ତ କୁମାର ବୈଠା, ସୁମନ୍ତ କୁମାର ଜେନା, ସୁଦାମ ଚରଣ ଯେନା, ଚନ୍ଦ୍ରଧ୍ୱଜ ସାହୁ, ନନ୍ଦକିଶୋର ପତି, ତିଲୋତ୍ତମା ପଣ୍ଡା, ସୁଲୋଚନା ମୁଖି, କାବେରୀ ଦାଶ, ମିନତୀ ନାୟକ, କ୍ଷମାମୟୀ ଜେନା, ରଶ୍ମୀ ନାୟକ, ମିନତୀ ଯେନା, ସୌଦାମିନୀ ନାୟକ ଏବଂ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘଡେଇ ପରିଚାଳନା କମିଟିର ସମ୍ପାଦକ ବରିଷ୍ଠ ଶିକ୍ଷକ ପରମାନନ୍ଦ ପରିଡ଼ା, ଅଙ୍ଗନବାଡ଼ି କର୍ମୀ ସୀତାରାଣୀ ମଣ୍ଡଳ, ୱାର୍ଡମେମ୍ବର ମିନତୀ ଜେନା ଓ ଆଶାକର୍ମୀ ରମାମଣୀ ମହାନ୍ତି ଏହିଭଳି ମୋଟ ୨୦ଜଣଙ୍କୁ ନେଇ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମସ୍ତ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଦ୍ୟାଳୟର ନୂତନ ଭାବେ ୨ଟି ଉପକମିଟି ମଧ୍ୟ କରାଯାଇଛି। ସୂଚନାଯୋଗ୍ୟ ବିଦ୍ୟାଳୟର ସଭାଗୃହରେ ଏହି ବିଦ୍ୟାଳୟର ଅଭିଭାବକ ଓ ଶିକ୍ଷକଙ୍କ ଏକ ସଭାରେ ୧୫ ଜଣ ଅଭିଭାବକଙ୍କ ପ୍ରତିନିଧି ମନୋନୀତ ହୋଇଛନ୍ତି।

### କୁଶେଇ ନଦୀର ଗତି ପରିବର୍ତ୍ତନ

# ଦେଓଗାଁ-ହାତିଶୀଳା ଗ୍ରାମକୁ ବିପଦ

**ଆନନ୍ଦପୁର, ୧୧।୭ (ସମିସ):**

କୁଶେଇ ନଦୀର ଗତି ବାମ ପାର୍ଶ୍ୱକୁ ପରିବର୍ତ୍ତନ ହେଉଥିବାରୁ ଦେଓଗାଁ ଏବଂ ହାତିଶୀଳା ଗ୍ରାମ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ହୋଇଛି। ଜଳସେଚନ ବିଭାଗର ଦୂରଦୃଷ୍ଟିର ଅଭାବ ଏବଂ ହେୟ ମନୋଭାବ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନଥିବା ଅଭିଯୋଗ ହୋଇଛି। ଗତ ୨୦୨୪/୨୦୨୫ ଆର୍ଥିକ ବର୍ଷରେ ୨କୋଟି ୫୦ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲେ ମଧ୍ୟ ଏହି ସମସ୍ୟା ପ୍ରତି ଧ୍ୟାନ ଦିଆଯାଇ ନଥିବାରୁ ଏପରି





ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। କୁଶେଇ ନଦୀର ବନ୍ୟା ଦାଉରୁ ରକ୍ଷା କରିବା ଲାଗି ନିର୍ମିତ ପଥରବନ୍ଧ ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ହୋଇପଡିଛି। ଜଳସେଚନ ବିଭାଗ (ବନ୍ୟା) ପକ୍ଷରୁ ଏହି ବନ୍ଧର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ପଥରବନ୍ଧ ପରିବର୍ତ୍ତେ ମାଟିବନ୍ଧରେ ଏହି ଅର୍ଥ ବିନିଯୋଗ କରାଯାଇଥିଲା। ନଦୀର ଅପର ପାର୍ଶ୍ୱରେ ଆବଶ୍ୟକ ନ ଥିବା ସ୍ଥାନରେ ପଥର ପ୍ୟାକିଂ କରାଯାଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବାପରେ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୪୨ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ତେବେ ନଦୀର ଅପରପାଶ୍ୱର୍ ଦୀପପାଳ ନିକଟରେ ପଥରପ୍ୟାଚିଂ କାର୍ଯ୍ୟ କରାଯାଇଥିଲା। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ନଦୀର ଗତି ପଥ ପରିବର୍ତ୍ତନ ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡିଥିବାରୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।


## କୈରାଲୀ ବିଜ୍ଞାନ ମହାବିଦ୍ୟାଳୟରେ ବନ ମହୋତ୍ସବ




**ଚମ୍ପୁଆ, ୧୦।୭ (ସମିସ):** ଚମ୍ପୁଆସ୍ଥିତ କୈରାଲୀ ବିଜ୍ଞାନ ମହାବିଦ୍ୟାଳୟରେ ସାପ୍ତାହିକ ବନମହୋତ୍ସବ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସଭାପତି ଡଃ ରାଜମୋହନ ପି.ଏସ୍., ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୂରଲିଧରନ କେ.ଏସ୍., କାର୍ଯ୍ୟାଳୟ ସଭାପତି ଦୈତାରୀ ସାହୁ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବି. ରାମାରାଜୁଙ୍କ ମିଳିତ ତତ୍ତ୍ୱାବଧାନରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ସେମାନେ ଗଛ ହିଁ ଜୀବନର ମୂଳ ଆଧାର ବୋଲି କହିବା ସହ ପ୍ରତ୍ୟେକ ମଣିଷ ନିଜ ଜୀବନରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ପରିସରରେ କରଞ୍ଜ, ଶାଳ, ଅର୍ଜୁନ, କଦମ୍ବ, କୁସୁମ, ପିଆଶାଳ, ମହୁଲ, ଶାଗୁଆନ, ପିଜୁଳି ସମେତ ବିଭିନ୍ନ ଔଷଧୀୟ ଓ ବନଜାତୀୟ ଚାରା ରୋପଣ କରାଯାଇଥିଲା। ଆଗାମୀ ଦିନରେ ଏହି ଚାରାଗୁଡ଼ିକର ସୁରକ୍ଷା ଓ ନିୟମିତ ଯତ୍ନ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ସଚେତନ ହେବା ସହ ନିଜ ଘର, ଗାଁ ଓ ଆଖପାଖ ଅଞ୍ଚଳରେ ଅଧିକରୁ ଅଧିକ ଗଛ ଲଗାଇବା ଏବଂ ସେଗୁଡ଼ିକର ସୁରକ୍ଷା କରିବା ପାଇଁ ଶପଥ ନେଇଥିଲେ।

# ମମି

ମୋନାଲିସା ପରିଡ଼ା





ଆଜି ଶେଷ ରଜ। ସଜବାଜ ହେଇ ପସନ୍ଦର ଶାଢ଼ିଟେ ପିନ୍ଧିଲି। ଘରୁ ବାହାରି ଯାଉ ଯାଉ ହଠାତ୍ କାହିଁକି ଇଚ୍ଛା ହେଲା, ଆଉ ଥରେ ନିଜକୁ ଟିକେ ଆଇନାରେ ଦେଖି ନିଅନ୍ତିନି! ଫେରି ଆସିଲି ଆଇନା ସାମ୍ନାକୁ।

ଆରେ ବାଃ! ମୁଁ ତ ଆଜି ବଢ଼ିଆ ଦିଶୁଛି। ମୋବାଇଲ୍‌ଟା କାଢ଼ି କେତେଟା ସେଲ୍‌ଫି ନେଲି। ଧେତ୍! ଗୋଟାଏ ବି ମନକୁ ପାଇଲା ଭଳିଆ ପୋଜ୍ ନଥିଲା। ଭଲ ଫଟୋଟେ ପାଇଁ କସରତ ଚଲେଇଲି।

"ଆରେ ମତେ ଦେ। ମୋ ଗେହ୍ଲୀ ଝିଅର ବଢ଼ିଆ ଫଟୋଟେ ମୁଁ ଉଠାଇ ଦେବି।" ମମିଙ୍କ ସ୍ୱର ଶୁଣି ମୁଁ ଚମକି ପଡ଼ିଲି। ପଛକୁ ବୁଲି ଚାହିଁଲି। ମୁହଁରେ ଧାରେ ସ୍ନେହବୋଳା ହସ ନେଇ ସେ ମୋ ପାଖରେ ଛିଡ଼ା ହୋଇଥିଲେ।

"ମମି, ତମେ ଫଟୋ ଉଠେଇବ? ହଉ ଉଠାଅ।" ତାଙ୍କ ହାତକୁ ଫୋନ୍‌ଟା ବଢ଼ାଇ ଦେଲି। ସେ ଅତି ଆଗ୍ରହରେ ଫଟୋ କେତେଟା ଉଠାଇଲେ। ତା'ପରେ ମୋ ଆଡ଼କୁ ଚାହିଁ ଫିକ୍ କିନା ହସିଦେଲେ।

ପଚାରିଲେ, "ଦେଖିଲୁ, କେମିତି ଉଠିଛି?"

ଆଶ୍ଚର୍ଯ୍ୟ ହେଇଗଲି। ଫଟୋରେ ମୁଁ ଖୁବ୍ ସୁନ୍ଦର ଦିଶୁଥିଲି। "ଆରେ, ବଢ଼ିଆ ଉଠେଇଛ ତ! କିଏ ଶିଖେଇଲା? ବଡ଼ଦି?"

ମୋ ଗାଲକୁ ଚିପିଦେଇ ସେ କହିଲେ, "ଦେଖିଲୁ, ମୁଁ ବି ତମମାନଙ୍କଠୁ କମ୍ ନୁହେଁ।" ଦୁହେଁ ହସି ପକାଇଲୁ।

ତାଙ୍କୁ ଜାବୁଡ଼ି ଧରି କହିଲି, "ଦୁନିଆର ସବୁ କାମ ମୋ' ମମିଙ୍କୁ ଜଣା। ତୁମ ପରି ଆଉ କିଏ ହେବ?"

ରଜ ମଉଜ ଭିତରେ ଦିନଟା କେମିତି କଟିଗଲା ଜଣାପଡ଼ିଲାନି। ଟିକେ ଜଲଦି ଶୋଇପଡ଼ିଲି। ହଠାତ୍ ନିଦଟା ଭାଙ୍ଗିଗଲା। ଘଣ୍ଟା ଉପରେ ନଜର ପଡ଼ିଲା। ଭୋର୍ ୪ଟା। ଖଟ ପାଖରେ ମମିଙ୍କୁ ଦେଖି ଚମକି ପଡ଼ିଲି। ମୋ ମଥା ଆଉଁଷି ଦେଇ କହିଲେ, "ଝିଅ ତତେ ମଶା କାମୁଡୁଛନ୍ତି କି? ମଶାଧୂପ ଲଗାଇ ଦେବି?"

ମୁଁ କହିଲି, "ନାଁ। ତୁମେ ଯାଅ ଶୋଇପଡ଼ିବ।" ମମି ଚାଲିଗଲେ।

"ମା' ଟିକେ ଆସିଲୁ। ଜଲ୍‌ଦି ଆସ!" ବାପାଙ୍କ ଡାକରେ ଧଡ଼ପଡ଼ ହେଇ ଉଠିପଡ଼ିଲି। କ'ଣ ହେଲା? କିଛି ବୁଝି ପାରୁନଥିଲି। ପୁଣି ଥରେ ବାପାଙ୍କ ଡାକ ଶୁଣି ମୁଁ ମମିଙ୍କ ଶୋଇବା ଘରକୁ ଦୌଡ଼ିଗଲି। ଚଟାଣ ଯାକ ପାଣି, ଗିଲାସର କାଚଖଣ୍ଡଗୁଡ଼ା ବିଛାଡ଼ି ହେଇ ତଳେ ପଡ଼ିଥିଲା। ଆଉ ମମି ଖଟ ଉପରେ ନିସ୍ତେଜ ହେଇ ପଡ଼ିଥିଲେ। ବାପା କହିଲେ, "ଦେଖିଲୁ ଟିକେ ମମିକୁ। କ'ଣ ହୋଇଛି ତା'ର।"

"ମନା କରିଥିଲି ନା, ଖରା ହଉଛି ଆମ୍ବ ଖାଅନି। କିନ୍ତୁ ମୋ କଥା କିଏ ଶୁଣୁଛି? ଏବେ ଗ୍ୟାସ୍ ହୋଇଗଲା ନା...ଦେଖିଲ।" ତାଙ୍କ ଅବସ୍ଥା ଦେଖି ଏସବୁ ମୁଁ ବିରକ୍ତିରେ ବକିଗଲି। ହେଲେ ମମି ନିର୍ବିକାର। ଉଁ...ଚୁଁ...କିଛି କରୁ ନଥିଲେ। ଏମିତି କ'ଣ ମଣିଷ ଶୁଅନ୍ତି! ଖଟ ଉପରକୁ ଚଢ଼ିଯାଇ ମୁଁ ତାଙ୍କୁ ଡାକିଲି, ଟିକେ ହଲେଇ ଦେଲି। ହେଲେ ସେ କାଠଟେ ପରି ପଡ଼ିଥିଲେ। କିଛି ବି ପ୍ରତିକ୍ରିୟା ନଥିଲା। ଆଖି ବି ଖୋଲୁ ନଥିଲେ। ବାପା ଆଉ ମୁଁ ପରସ୍ପରକୁ ଚାହିଁଲୁ। ବାପାଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ମୁଁ ତାଙ୍କୁ ସାହସ ଦେଇ କହିଲି, "ମମିଙ୍କର ଗରମରେ ଚେତା ବୁଡ଼ି ଯାଇଥିବ। ଏଇ ଦଶପନ୍ଦର ମିନିଟ୍ ଆଗରୁ ପରା ମୋ ପାଖକୁ ଆସିଥିଲେ। ଚାଲ ଡାକ୍ତରଖାନା ନେଇଯିବା।" ମନଟା କାଇଁ କେଜାଣି ଅଶାନ୍ତ ହୋଇପଡୁଥିଲା। ବାଟ ଯାକ ଏଣୁତେଣୁ କଥା ମନକୁ ଘାଣ୍ଟି ଚାଲିଥିଲା। ନିଜକୁ ଅଟକେଇ ପାରୁ ନଥିଲି ମୁଁ।

ଡାକ୍ତରଖାନାରେ ପହଞ୍ଚୁ ପହଞ୍ଚୁ ମମିକୁ ସିଧା ଆଇସିୟୁକୁ ନେଇଗଲେ। ଡାକ୍ତର କହିଲେ, "ବ୍ରେନ୍ ଷ୍ଟ୍ରୋକ୍ ହୋଇଛି...ବଞ୍ଚିବା ଆଶା କମ୍...ଆମେ ସର୍ଜରି କରିଦେବୁ। କିନ୍ତୁ ସବୁ ଭଗବାନଙ୍କ ହାତରେ।" ଆପେ ଆପେ ଠାକୁରଙ୍କ ଉଦ୍ଦେଶ୍ୟରେ ଦୁଇହାତ ଉପରକୁ ଟେକି ହୋଇଗଲା- "ହେ ପ୍ରଭୁ! ମମିଙ୍କୁ ଭଲ କରିଦିଅ।" ହସକୁରୀ ମଣିଷଟା ମୁହଁରୁ କାହିଁକି ଏମିତି ହସ ଛଡ଼ାଇ ନେଲ! ଅସ୍ତ୍ରୋପଚାର ହେଲା, ମମି ଷ୍ଟ୍ରେଚର୍‌ରେ ବୁହା ହୋଇ ଘରକୁ ଆସିଲେ। ପାଟିରେ ଖାଦ୍ୟନଳୀ, ନାକରେ ଅକ୍ସିଜେନ୍। ଡାକ୍ତର କହିଲେ, "ପରିବାର ସଙ୍ଗେ ରହନ୍ତୁ। ଧୀରେ ଧୀରେ ସେ ସୁସ୍ଥ ହେବେ।" ମମି ଖାଲି ମୋତେ ଚାହୁଁଥିଲେ। କେବେ କେବେ ହାତ ହଲାଉଥିଲେ, ଯେମିତି ଅନେକ କଥା କହିବାକୁ ଅଛି, ସେ କହିପାରୁନାହାନ୍ତି। ବେଳେବେଳେ ତାଙ୍କ ଓଠ ଥରୁଥିଲା, ମୁଁ ଆଶାରେ ପାଖକୁ ଦୌଡ଼ି ଆସୁଥିଲି-ମମି ବୋଧେ କଥା କହିବେ। ବାରମ୍ବାର ନିରାଶ ହେଉଥିଲି। ସେ ଆମ ଭିତରେ ଥିଲେ, କିନ୍ତୁ ନଥିଲେ! ଅସୀମ ଧୈର୍ଯ୍ୟର ସହ ମୁଁ ଅପେକ୍ଷା କରୁଥିଲି ତାଙ୍କ ସୁସ୍ଥତାକୁ। ହେଲେ ଭଗବାନ ତାଙ୍କୁ ଆମ ପାଖରେ ରଖିବାକୁ ଚାହିଁଲେନି।

ବାହାଘରର ପ୍ରାୟ ବର୍ଷକ ପରେ ରଜରେ ଘରକୁ ଆସିଲି। ଘରେ ପଶୁ ପଶୁ ପାଦଟାକୁ ଯେମିତି ତାଙ୍କ ଶୋଇବା ଘର ଆଡ଼କୁ କିଏ ଟାଣିନେଲା। କାନ୍ଥରେ ଲାଗିଥିବା ତାଙ୍କ ଫଟୋକୁ ଚାହିଁଲି।

"ଝିଅ! ଝିଅ!!" ମୋ କାନରେ ବାଜିଲା ମମିଙ୍କ ସ୍ନେହଭରା ସ୍ୱର। ଠିକ୍ ତୃତୀୟ ରଜରେ ଯେମିତି ଶେଷ ଥର ପାଇଁ ସେ ମୋତେ ଡାକିଥିଲେ। ମୁଁ କାନେଇଲି, ଯେଉଁଆଡୁ ତାଙ୍କ ସ୍ୱରଟା ଆସୁଥିଲା।

ଛୋଟ ବେଳେ ମୁଁ ନିଜକୁ ଦୁନିଆର ସବୁଠୁ ଶକ୍ତିଶାଳୀ ମଣିଷଟେ ବୋଲି ଭାବୁଥିଲି। କାରଣ ଟିକିଏ ଅସୁବିଧା ହେଲେ ମମି ମୋ ପଛରେ କାନ୍ଥ ଭଳି ଠିଆ ହେଉଥିଲେ। ଆଉ ମୁଁ ତାଙ୍କ ସ୍ନେହର ଫାଇଦା ଉଠେଇ ଛୋଟ ଛୋଟ କଥାରେ ରୁଷୁଥିଲି। ମୁଁ ବେଙ୍ଗ ପରି ମୁହଁ ଫୁଲାଇ ବସିପଡୁଥିଲି... ଆଉ ତାଙ୍କ ଆସିବା ବାଟକୁ ଅନେଇ ରହୁଥିଲି। ତାଙ୍କ ପାଉଁଜି ଶବ୍ଦ ଶୁଭିବା କ୍ଷଣି ତକିଆରେ ମୁହଁମାଡ଼ି ଶୋଇବାର ଅଭିନୟ କରୁଥିଲି। ସେ ସବୁ ଜାଣୁଥିଲେ, କିନ୍ତୁ ମୋତେ ଅତି ସ୍ନେହରେ ବୁଝାଇ ଦେଉଥିଲେ।

ରୁମ୍‌ଝୁମ୍...ରୁମ୍‌ଝୁମ୍!! ମମିଙ୍କ ପାଉଁଜି ତ ଏମିତି ଶୁଭେ! ପୁଣି କାନେଇଲି, କୋଉଠୁ ଏ ଶବ୍ଦ ଆସିଲା! ମୁଁ ପ୍ରଥମ ଦରମା ପାଇଲା ଦିନ ତାଙ୍କ ପାଇଁ ଏ ପାଉଁଜି ହଳକ କିଣି ଆଣିଥିଲି। ସେ ମୋତେ କହିଥିଲେ, "ମୋ ପାଇଁ କାହିଁକି କିଣି ଆଣିଲୁ? ମୁଁ କ'ଣ ନୂଆ ବୋହୂଟେ?" ହେଲେ ତାଙ୍କ ଆଖିର ଔଜ୍ଜ୍ୱଲ୍ୟରୁ ମୁଁ ପଢ଼ି ପାରୁଥିଲି ସେ କେତେ ଖୁସି!

ପୁରୁଣା ଦିନଗୁଡ଼ାକ ମନେ ପଡୁଥିଲା। ମମି ପାଖରେ ବସି ମଥା ଆଉଁଷି କହୁଥିଲେ, "ଆଜି କ'ଣ ଖାଇବୁ କିଲୋ, କହୁନୁ। ରାନ୍ଧି ଦେବି।" ପୁଣି ଯୁବତୀ ଝିଅଟାକୁ ପାଖରେ ବସେଇ ଖୁଆଇ ଦେଉଥିଲେ। ଅଫିସ୍ ବାହାରିଲା ବେଳେ ପଛେ ପଛେ ଦୌଡ଼ି ଆସୁଥିଲେ, "ଝିଅ ବ୍ୟାଗଟା ନବୁନି କି? ବର୍ଷାତିଟା ବି ନେଇଯା'। ମେଘ ଉଠେଇଛି।" ମୁଁ ଥିଲି ତାଙ୍କର କଥାକୁହା ଚଢ଼େଇ! ମୋର କଥା କୁଆଡ଼େ ଭାରି ମିଠା। ହେଲେ ଆଜି ତାଙ୍କ ଚଢ଼େଇ ଚୁପ୍ ପଡ଼ିଯାଇଛି।

ଚମକି ପଡ଼ିଲି। ମମି ପାଖକୁ ଆସିଲେ ତାଙ୍କ ଶାଢ଼ିଟା ତ ଏମିତି ବାସେ! ମୋ ପାଟିରୁ ସ୍ୱତଃ ବାହାରି ଆସିଲା, "ମମି ! ମମି !!" ଆଖି ମଳି ଘର ଭିତରକୁ ଚାହିଁଲି। ସବୁ କିଛି ନୀରବ, ନିଶ୍ଚଳ। ମମି ଯେମିତି ଏକ ଲୟରେ ଫଟୋ ଭିତରୁ ମୋତେ ଚାହିଁଥିଲେ। ତାଙ୍କ ମୁହଁରେ ଲାଖିଥିବା ଧାରେ ହସ ମିଳେଇ ଯାଉଥିଲା। ମୁଁ ଥରୁଥିଲି। ମୋ ଦେହସାରା ଗମ୍‌ଗମ୍ ଝାଳ।

ଶିଶୁଆ, ବେଣ୍ଟକାର, କଟକ
ମୋ: ୭୦୦୮ ୭୧୯ ୭୧୨

# ଖରାବେଳ

ମମତା ଦାଶ



ଖରା ନିଜ ତାପରେ ନିଜେ ଜଳିବା
କିଏ ଦେଖିଛି କି ମୋ' ଛଡ଼ା?
ଯେଉଁ କୁଆମାନେ ଅମୋକ୍ଷ ଆମ୍ବଗୁଡ଼ିଏ ଭଳି
କା କା କରୁଥାନ୍ତି ଏମିତି ଖରାବେଳେ
ଜଳି ଯାଆନ୍ତି କି ସେ ଭିତରୁ ଗୋଟେ ଯୋଡ଼େ?

ଗରମ ପିଚୁ ତଳା ହେଉଥିବା ରାସ୍ତାରୁ
ଛିଟିକି ପଡୁଥାଏ ହାହାକାର
ବୁଲା କୁକୁର, ଗାଇମାନଙ୍କ ଶୋଷରୁ
ନିଗୁଡୁ ଥାଏ ହାହାକାର
ମୋ' ଛାତ ଉପର ଫୁଲ କୁଣ୍ଡରେ
ଏକୁଟିଆ ଧଳା ଗୋଲାପର
ଲୁହ ମୋ' ଛାତିର ହାହାକାରକୁ ଛୁଏଁ।
ମୁଁ ଖଟ ଉପରେ ଛଟପଟ ହୁଏ।
ସ୍ୱପ୍ନଟିଏ ମୋ ଆଖି ପତାରେ ପାଦ ରଖେ
ଓ ସଙ୍ଗେ ସଙ୍ଗେ ଜଳି ପୋଡ଼ି ଯାଏ।

ପିଲାଦିନେ ବୋଉ ସାନ ଭାଇକୁ
ଛାତିରେ ଜାକି ଧରି ଶୋଇ ଥାନ୍ତି ଖରାବେଳେ
ମୁଁ ତାଙ୍କ ପିଠିର ନାଲି ଜାଇକୁ
ଛୁଇଁବାକୁ ଚାହିଁ ବି ଛୁଇଁ ପାରେନି
କି ଗୋଟାଏ ହାହାକାର ପେଟ ଭିତରେ
ଗୋଳେଇ ଘାଣ୍ଟି ହୁଏ।


ସେଦିନୁ ଆଜି ଯାଏଁ ଗୋଟିଏ
ଲମ୍ବା ଖରାବେଳ, ଚାଲିଛି ତ ଚାଲିଛି
ଆଉ ଗୋଟିଏ ପାଖରେ ଶୀର୍ଣ୍ଣ ଜଳ ପ୍ରବାହ
ବହୁଛି ତ ବହୁଛି, କେବେ ଅଟକି ଯାଇ
ଗଢୁଛି କଇଁ କାଦୁଅ ଶିଉଳି ଦଳ।

ଆଜି ଏ ଖରାବେଳେ
ମୁଁ ଜଣଙ୍କୁ ଫୋନ ଲଗାଉଛି
ସେ ଉଠାଉ ନାହିଁ।
କାଲି ବି ଉଠାଇ ନଥିଲା
ପରଦିନ ବି।
ମୁଁ ତାକୁ କହିଥିଲି ନା ମୋର
ଏ ଖରାବେଳ ଜଞ୍ଜାଳ କଥା?
ମୋର ଏକେଲାପଣର ଛଟପଟ କଥା?
ସେ ଜାଣି ନଜାଣିଲା ଭଳି ହସି ଦେଇଥିଲା
ତା'ର ହସ ଏତେ ଦାନ୍ତୁଆ ଯେ
ମୋ ହାହାକାରକୁ
ଟିକି ଟିକି କାଟି ଦେଇଥିଲା ସେଦିନ,
ରକ୍ତ ପୋଛିବା ବେଳଠୁ ପୁଣି ଥରେ
ହାହାକାରଟେ ଗଢ଼ି ହେବା ଭିତରେ
ନିମିଷଟିଏ।
ନିମିଷଟିଏ
ଭାବିଲି ଯେ ମୁଁ ତାକୁ ଭଲପାଏ।

ମୋ: ୯୪୩୮ ୧୦୬୩୧୭

# ମାଛ

ବାଦଲ ମହାନ୍ତି



ବଡ଼ ନିରୀହ ତା' ଆଖି
ସୁନ୍ଦର ଓ ଢଳଢଳ ବି
ପାଣି ଓ ଲୁହର ରଙ୍ଗ ଏକା ବୋଲି
କେହି ଜାଣନ୍ତିନି, ସେ କାନ୍ଦେ କି ନାହିଁ ।।

ସୁଆଦିଆ ତା' ମାଂସ
ବାସ୍ ଏତିକି ଜଣାପଡ଼ିବା ପରେ
ତେଣ୍ଟା, ବନିଶୀ, ଜାଲ, ପୋହଳ
ତାକୁ ମାରିବାକୁ ବାହାରିଲା
ଜାତିକା ଜାତିକା ଅସ୍ତ୍ର ।

ମୁକ୍ତ ଭାବେ ପହଁରିବାରେ ଥାଏ ତା' ମୃତ୍ୟୁ
ସେ ବୁଝେନା ଏତକ ।

ପାଣି ଶୁଖେ, ପଙ୍କ ବି
ବିଚରା ଲୁଚିବ ତ ଲୁଚିବ କୋଉଠି,
ଲୋଭଠୁ ଲୁଚିବା କ'ଣ ଏତେ ସହଜ?

ବେଳେବେଳେ ମାଛ ଦେଖି
ଲାଳ ବୋହେ ମୋର
ମୋତେ ଦେଖି ଏମିତି ହଉଥିବ କି
ମୋ ପ୍ରିୟ ଶତ୍ରୁମାନଙ୍କର?

ଛଳନାର ଜାଲମାଡ଼ରୁ
ବର୍ତ୍ତି ଯାଇଥିବା ମାଛ
ପୁଣି ଥରେ କୂଳକୁ ଆସେ
ଜୀବନ ଓ ଜୀବିକା ଦାୟରେ
ତା' ନିରୀହପଣ, ତା' ଅସହାୟତା
ତା' ସରଳତା ହିଁ ତା' ମାଛଧର୍ମ ।

ହେଲେ ତା' ମରିବାର ଭାଗ୍ୟ କିନ୍ତୁ
ଯେତିକି ନିର୍ମମ ସେତିକି ବି ସାଧାରଣ
ମାଛ ଜାଣେ ଏ କଥା ।

ତେଣୁ ମାଛ ପହଁରେ
ମୁକ୍ତ ଓ ସ୍ୱଚ୍ଛନ୍ଦରେ
ଆହା, କି ଶାନ୍ତି, ପହଁରିବାରେ?

ପ୍ଲଟ ନଂ-୫୧୩, ନୂଆସାହି
ନୟାପଲ୍ଲୀ, ଭୁବନେଶ୍ୱର-୧୨
ମୋ : ୯୭୭୮ ୦୩୫୭୬୭



# ସରଳା ଦେବୀଙ୍କ ସାହିତ୍ୟରେ ଦେଶପ୍ରେମର ସ୍ୱର

ମିନାକ୍ଷୀ ଦ୍ୱିବେଦୀ



ଓଡ଼ିଶାର ସାରସ୍ୱତ ଜଗତରେ ସରଳା ଦେବୀ ଏକ ଅନନ୍ୟ, ଅନୁପମ ଓ ଉଜ୍ଜ୍ୱଳ ନକ୍ଷତ୍ର। ଯେଉଁ ସମୟରେ ନାରୀର ଅସ୍ତିତ୍ୱ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିଲା, ସେହି ସମୟରେ ସରଳା ଦେବୀ କେବଳ କଲମ ଧରି ନଥିଲେ, ସେହି କଲମକୁ ସମାଜ ସଂସ୍କାର, ନାରୀ ଜାଗରଣ ଏବଂ ଜାତୀୟଚେତନାର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିଥିଲେ। ଏକାଧାରରେ ସେ ଥିଲେ ଜଣେ ପ୍ରତିଭାସମ୍ପନ୍ନ ଲେଖିକା, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଅଗ୍ରଣୀ ନେତ୍ରୀ। ତାଙ୍କ ସାହିତ୍ୟରେ କେବଳ ଭାଷାର ମାଧୁର୍ଯ୍ୟ କିମ୍ବା କଳ୍ପନାର ବିଳାସ ନଥିଲା। ଥିଲା ସମାଜର ନିପୀଡ଼ିତ ମଣିଷ ପାଇଁ ଗଭୀର ସହାନୁଭୂତି, ଅନ୍ୟାୟ ବିରୁଦ୍ଧରେ ଦୃଢ଼ ପ୍ରତିବାଦ ଏବଂ ମାନବିକ ମୂଲ୍ୟବୋଧ ପ୍ରତି ଅଟଳ ବିଶ୍ୱାସ। ତାଙ୍କ ସମଗ୍ର ସାହିତ୍ୟ ଜୀବନ ଥିଲା ସମାଜକୁ ଜାଗ୍ରତ ଓ ସଚେତନ କରିବାର ଏକ ନିରନ୍ତର ପ୍ରୟାସ।

ସରଳା ଦେବୀ ଅଳ୍ପବୟସରୁ ସାହିତ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ମାସିକ ପତ୍ରିକା 'ପରିଚାରିକା'ରେ ତାଙ୍କ ରଚିତ 'ଧୈର୍ଯ୍ୟଶାଳୀ ସାମ୍ରାଜ୍ଞୀ- ଶୈବ୍ୟା', 'କଳ୍ପିତ ମୃତ୍ୟୁ', 'ପ୍ରତୀକ୍ଷା' ଆଦି ଲେଖା ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ସେହିପରି ଅଳକା ଆଶ୍ରମରୁ ପ୍ରକାଶିତ ହାତଲେଖା ପତ୍ରିକା 'ଅଳକା'ଠାରୁ ଆରମ୍ଭ କରି 'ସହକାର', 'ନବ ଭାରତ' ଆଦି ଓଡ଼ିଶାର ପ୍ରସିଦ୍ଧ ପତ୍ରପତ୍ରିକାରେ ତାଙ୍କର ଲେଖାଗୁଡ଼ିକ ପ୍ରକାଶ ପାଇ ପାଠକମାନଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲା। 'ଭାରତୀୟ ମହିଳା ପ୍ରସଙ୍ଗ' ଓ 'ନାରୀ ଜଗତ' ହେଉଛି ତାଙ୍କର ଦୁଇଟି ଉଚ୍ଚକୋଟୀର ପ୍ରବନ୍ଧ ପୁସ୍ତକ। ଏଥିରେ ବିଭିନ୍ନ ରାଷ୍ଟ୍ରରେ ଦେଖା ଦେଇଥିବା ନାରୀ ଜାଗରଣ ସଂପର୍କରେ ଆଲୋଚନା କରାଯାଇଛି। ସେ ନାରୀକୁ କେବଳ ପୂଜାର ଦେବୀ କିମ୍ବା ପୁରୁଷର ଅଧୀନସ୍ଥ ଭାବରେ ଦେଖିବା ପ୍ରଥାର ଘୋର ବିରୋଧ କରିଥିଲେ। ତାଙ୍କ ମତରେ ନାରୀ ପ୍ରଥମେ ଜଣେ ମଣିଷ, ତେଣୁ ତାହାର ଶିକ୍ଷା, ସ୍ୱାଧୀନତା ଓ ସମ୍ମାନର ଅଧିକାର ପୁରୁଷ ସହ ସମାନ ହେବା ଉଚିତ। ସେହିପରି ତାଙ୍କର କାଳଜୟୀ ପ୍ରବନ୍ଧ ସଂକଳନ 'ନାରୀର ଦାବି' ଓଡ଼ିଆ ସାହିତ୍ୟରେ ଏକ ମାଇଲଖୁଣ୍ଟ ସ୍ୱରୂପ। ଏହି ଗ୍ରନ୍ଥରେ ସେ ନାରୀର ଅର୍ଥନୈତିକ ସ୍ୱାବଲମ୍ବନ, ଶିକ୍ଷାର ସମାନ ସୁଯୋଗ, ବିବାହରେ ସମାନ ମର୍ଯ୍ୟାଦା ଏବଂ ପିତୃ ସମ୍ପତ୍ତି ଉପରେ ଅଧିକାର ସମ୍ବନ୍ଧରେ ଅତ୍ୟନ୍ତ ପ୍ରଗତିଶୀଳ ମତ ପ୍ରକାଶ କରିଥିଲେ। ତାଙ୍କ ବିଚାରରେ ସମାଜର ଅଧା ଜନସଂଖ୍ୟା ଯଦି ଅବହେଳିତ ରୁହନ୍ତି, ତେବେ କୌଣସି ଜାତି ପ୍ରକୃତ ଅର୍ଥରେ ଉନ୍ନତି କରିପାରିବ ନାହିଁ । ସରଳା ଦେବୀଙ୍କ ଅନ୍ୟତମ ଉଲ୍ଲେଖନୀୟ ଗ୍ରନ୍ଥ 'ବିଶ୍ୱ ବିପ୍ଳବିଣୀ'। ଏହି ପୁସ୍ତକରେ ସେ ବିଶ୍ୱର ବିଭିନ୍ନ ଦେଶର ସାହସୀ, ସଂଗ୍ରାମୀ ନାରୀମାନଙ୍କ ଜୀବନ ଓ କାର୍ଯ୍ୟର ପରିଚୟ ଦେଇ ଓଡ଼ିଆ ନାରୀମାନଙ୍କ ମନରେ ଆତ୍ମବିଶ୍ୱାସ ଓ ସାହସ ସଞ୍ଚାର କରିବାକୁ ପ୍ରୟାସ କରିଥିଲେ।

ସରଳା ଦେବୀଙ୍କ ସାହିତ୍ୟିକ ଜୀବନର ଅନ୍ୟ ଏକ ଉଜ୍ଜ୍ୱଳ ଦିଗ ହେଉଛି ତାଙ୍କର ଦେଶାତ୍ମବୋଧ ଏବଂ ସ୍ୱାଧୀନତା ସଂଗ୍ରାମ ପ୍ରତି ସକ୍ରିୟ ସମର୍ଥନ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। 'ଉତ୍କଳ ସାହିତ୍ୟ', 'ସହକାର' ଓ 'ନବଭାରତ' ପରି ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାଗୁଡ଼ିକ ତତ୍କାଳୀନ ଯୁବ ସମାଜକୁ ସ୍ୱଦେଶପ୍ରେମ ଓ ଆତ୍ମତ୍ୟାଗର ଆଦର୍ଶରେ ଉଦ୍‌ବୁଦ୍ଧ କରିଥିଲା। ତାଙ୍କ ରଚିତ ଐତିହାସିକ ଗ୍ରନ୍ଥ 'ବୀର ରମଣୀ' ଭାରତୀୟ ଇତିହାସର ବୀରାଙ୍ଗନାମାନଙ୍କ ଜୀବନଗାଥାକୁ ସଜୀବ ଭାବରେ ଉପସ୍ଥାପନ କରି ନାରୀ ଶକ୍ତିର ଗୌରବକୁ ପ୍ରତିଷ୍ଠା କରିଛି। ସେହିପରି ତାଙ୍କର 'ବାଲ୍ୟ ବିବାହ' ପୁସ୍ତିକା ତତ୍କାଳୀନ ସମାଜରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା। ତାଙ୍କ ଗଳ୍ପ ଓ ପ୍ରବନ୍ଧ ଗୁଡ଼ିକରେ ବାଲ୍ୟ ବିଧବାମାନଙ୍କ ଦୁଃଖ, ସମାଜର ଦ୍ୱିଚାରିତା ଏବଂ ନିପୀଡ଼ିତ ଶ୍ରେଣୀର ଜୀବନ ସଂଗ୍ରାମର ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବେ ଚିତ୍ରଣ କରାଯାଇଛି।

ସରଳା ଦେବୀ ଓଡ଼ିଆ ସମାଲୋଚନା ସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଥିଲେ। ତାଙ୍କର 'ରବିନ୍ଦ୍ର ପୂଜା' ପୁସ୍ତକ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ସାହିତ୍ୟ ଓ ଦର୍ଶନ ଉପରେ ଏକ ଉଚ୍ଚକୋଟୀର ସମାଲୋଚନାମୂଳକ କୃତି। ତାଙ୍କର ଭାଷା ଥିଲା ସରଳ, ସ୍ୱଷ୍ଟ, ଯୁକ୍ତିନିଷ୍ଠ ଓ ଆବେଗପୂର୍ଣ୍ଣ। ସେ ସାହିତ୍ୟକୁ ସମାଜ ପରିବର୍ତ୍ତନର ଏକ ପ୍ରଭାବଶାଳୀ ଶକ୍ତି ଭାବେ ଦେଖୁଥିଲେ। ତାଙ୍କ ରଚନା ମାଧ୍ୟମରେ ସମାଜରେ ନବଜାଗରଣ ଆଣିବାକୁ ସେ ଚେଷ୍ଟା କରିଥିଲେ।


ସରଳା ଦେବୀ ଓଡ଼ିଆ ସାହିତ୍ୟର ଏଭଳି ଏକ ବ୍ୟକ୍ତିତ୍ୱ, ଯାହାଙ୍କୁ କୌଣସି ଗୋଟିଏ ପରିଚୟରେ ସୀମିତ କରାଯାଇ ପାରିବ ନାହିଁ। ସେ ଥିଲେ ସାହିତ୍ୟିକା, ସମାଜ ସଂସ୍କାରକ, ନାରୀ ଜାଗରଣର ପଥ ପ୍ରଦର୍ଶିକା, ଜାତୀୟତାବାଦୀ ଚିନ୍ତକ ଓ ମାନବିକ ମୂଲ୍ୟବୋଧର ଦୃଢ଼ ପ୍ରବକ୍ତା। ତାଙ୍କ ଲେଖାଗୁଡ଼ିକରେ ଦେଶପ୍ରେମର ସ୍ୱର ବେଶ୍ ଶକ୍ତିଶାଳୀ ଭାବେ ଫୁଟି ଉଠିଛି। ସରଳା ଦେବୀଙ୍କ ଆଦର୍ଶ, ଚିନ୍ତାଧାରା ଓ ସାରସ୍ୱତ ସାଧନା ଆଜି ମଧ୍ୟ ପ୍ରାସଙ୍ଗିକ ଓ ପ୍ରେରଣାଦାୟକ।

ଗୁରୁ ଗ୍ରାମ, ହରିୟାଣା
ମୋ: ୭୯୭୮୦୮୨୮୩୪

# ପୁସ୍ତକ ଓ ପତ୍ରିକା ପରିଚୟ

## ମୌନ ଯୋଗୀ

### ପୁଷ୍ପାରାଣୀ ପଟେଲ



ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର- ୨୪
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୩୫୦ ଟଙ୍କା

"ପ୍ରେମ ତ ମନର, ଆତ୍ମାର ବିଶ୍ୱାସ! ସରିଗଲେ ବିଶ୍ୱାସ, ପ୍ରେମ ହାରିଯାଏ; ମରିଯାଏ। ଥିବା ଯାଏ ବିଶ୍ୱାସ ପ୍ରେମ ଜୀଇଁଥାଏ, ବଞ୍ଚିଥାଏ।" ସତରେ ପ୍ରେମକୁ ବୁଝି ହୁଏ, କିନ୍ତୁ ବୁଝାଇ ହୁଏନା। ପ୍ରେମର ନିବିଡ଼ ଅନୁଭବ ଅତି ମାର୍ମିକ ଭାବେ ପ୍ରକାଶ ପାଇଛି ପୁଷ୍ପାରାଣୀ ପଟେଲଙ୍କ 'ମୌନ ଯୋଗୀ' ଉପନ୍ୟାସରେ। କରୋନା ମହାମାରୀର ପୃଷ୍ଠଭୂମି ଉପରେ ଆଧାରିତ ଏହା ଏକ ପ୍ରେମମୂଳକ ଉପନ୍ୟାସ। ଜଣେ ବିବାହିତ ମହିଳା। କାହାର ସେ ପତ୍ନୀ। ଆଉ କାହାର ମାଆ। ସେମାନଙ୍କ ପ୍ରତି କେବେ ବି କମିନି ତା'ର ଭଲ ପାଇବା। ପରିବାର ପ୍ରତି କୌଣସି ଅବହେଳା କରିନି। ତଥାପି ତା' ହୃଦୟରେ ପୂଜା ପାଉଛି ଆଉ ଜଣେ ପୁରୁଷ। ସମାଜର ସ୍ୱୀକୃତି ବିନା କେତେ ମୂଲ୍ୟହୀନ, କେତେ ତୁଚ୍ଛ ସତରେ ପ୍ରେମ ସଂପର୍କ! ଏକଥାକୁ ପାଠକମାନେ ଉପଲବ୍ଧି କରିପାରିବେ ଏହି ଉପନ୍ୟାସରେ। ସ୍ନିଗ୍ଧା, ପୂରବୀ ପ୍ରମୁଖ ଚରିତ୍ରମାନେ କାହାଣୀକୁ ଗତିଶୀଳ କରାଇଛନ୍ତି। ପ୍ରେମ, କରୋନାକାଳର ଅନ୍ତର୍ଦ୍ୱନ୍ଦ୍ୱ, ମାନସିକ ଅସନ୍ତୁଳନତାର ନିଚ୍ଛକ ଚିତ୍ର ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି। ନିଆରା କାହାଣୀ, ସରଳ ଓ ବୋଧଗମ୍ୟ ଭାଷା, ସଫଳ ଚରିତ୍ର ଚିତ୍ରଣ ଉପନ୍ୟାସଟିକୁ ସୁଖପାଠ୍ୟ କରିଛି।

## ଶୂନ୍ୟଗର୍ଭା

### ଭାଗୀରଥି ବେହେରା




ପଶ୍ଚିମା ପବ୍ଲିକେଶନ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୧୯ ଟଙ୍କା

ସାଂପ୍ରତିକ ସମାଜରେ ପ୍ରତ୍ୟହ ଘଟୁଥିବା ନାନା ଘଟଣା, ଦୁର୍ଘଟଣାକୁ ନେଇ ତାଙ୍କ ଗଳ୍ପର ପରିଧି। ସାମାଜିକ ବାସ୍ତବତାକୁ ନେଇ ପ୍ରକାଶ ପାଇଛି ଭାଗୀରଥି ବେହେରାଙ୍କ 'ଶୂନ୍ୟଗର୍ଭା' ଗଳ୍ପ ପୁସ୍ତକ। ଏହି ପୁସ୍ତକରେ ୨୨ଟି ଗଳ୍ପ ସଂକଳିତ ହୋଇଛି। 'ଅବତାରୀ', 'ଅନ୍ୟପକ୍ଷ', 'ବନ୍ଧନୀ', 'ଛାଇ', 'ଦୃଶ୍ୟ', 'ମନମନ୍ଦିର', 'ମତ୍ସ୍ୟଗନ୍ଧା', 'ନିର୍ଜନ ଦ୍ୱୀପର ନିଃସଙ୍ଗ ନାୟିକା', 'ପାଖଲୋକ', 'ପରଜୀବୀ', 'ପ୍ରତ୍ୟାବର୍ତ୍ତନ', 'ଫଟୋଗ୍ରାଫ୍', 'ଶୂନ୍ୟଗର୍ଭା', 'ତାରାକାମ୍ୟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରେମ ଓ ଜାତିପ୍ରଥାକୁ ନେଇ 'ଅବତାରୀ' ଗପ ଆଧାରିତ। ପ୍ରେମ ଆଗରେ ଜାତି, ଅଭିଜାତ୍ୟ ସବୁ କିଛି କିଭଳି ମୂଲ୍ୟହୀନ ତାହା ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଛି ଏହି ଗପରେ। ଏହି ପୁସ୍ତକର ଅନେକ ଗପରେ ମାନବୀୟ ପ୍ରେମ, ସାମାଜିକ ସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ସଂଘାତର ଚିତ୍ର ପ୍ରତିଫଳିତ ହୋଇଛି। ଛୋଟ ଛୋଟ ଘଟଣା, ସାମାଜିକ ପ୍ରସଙ୍ଗ, ସାଧାରଣ ଚରିତ୍ର ଭିତରେ ଗାଳ୍ପିକ ଦେଖାଇଛନ୍ତି ଜୀବନ ଓ ସମାଜର ଅନ୍ତର୍ଦ୍ୱନ୍ଦ୍ୱ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

## ଜପକୁଦ ଜ୍ୟୋତି

### ସଂପାଦକ: ଅନନ୍ତ ଗୋପାଳ ପଣ୍ଡା



ବୈକୁଣ୍ଠନାଥ ସ୍ମୃତି ସଂସଦ
ଜପକୁଦ, ସାଲେପୁର
କଟକ- ୭୫୪୨୦୧
ମୂଲ୍ୟ: ୧୫୦ ଟଙ୍କା

କଟକ ଜିଲ୍ଲା ଜପକୁଦସ୍ଥିତ ବୈକୁଣ୍ଠନାଥ ସ୍ମୃତି ସଂସଦର ବାର୍ଷିକ ମୁଖପତ୍ର 'ଜପକୁଦ ଜ୍ୟୋତି' ପ୍ରକାଶ ପାଇଛି। ମୁଖ୍ୟ ସଂପାଦକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା ଓ ସଂପାଦକ ଅନନ୍ତ ଗୋପାଳ ପଣ୍ଡାଙ୍କ ସଂପାଦନାରେ ପ୍ରକାଶିତ 'ଜପକୁଦ ଜ୍ୟୋତି'ର ଚଳିତ ସଂଖ୍ୟାଟି ଓଡ଼ିଶାର ବହୁ ବିଶିଷ୍ଟ ଲେଖକଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି। ଡକ୍ଟର ଭାସ୍କର ମିଶ୍ରଙ୍କ 'ପ୍ରେମାବତାର ମହାପୁରୁଷ ଶ୍ରୀଚୈତନ୍ୟ', ଡକ୍ଟର ଶରତ ଚନ୍ଦ୍ର ପରିଡ଼ାଙ୍କ 'ମହର୍ଷି ଭରଦ୍ୱାଜ', ତ୍ରିଦଣ୍ଡୀସ୍ୱାମୀ ସଚ୍ଚିଦାନନ୍ଦ ମହାରାଜଙ୍କ 'ସପ୍ତକଳ୍ପଜୀବୀ ମାର୍କଣ୍ଡେୟ', ଅଧାପିକା କମଳ କୁମାରୀ ଦାଶଙ୍କ 'ନଚିକେତା', ଡକ୍ଟର ସୁଷମା ମିଶ୍ରଙ୍କ 'ସ୍ୱାମୀ ଶ୍ରୀଚିଦାନନ୍ଦ', ପ୍ରଭାତ କୁମାର ନନ୍ଦଙ୍କ 'ସ୍ୱାମୀ ବିବେକାନନ୍ଦ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି। 'ଜପକୁଦ ଜ୍ୟୋତି'ରେ କେତେ ଜଣ ମହାପୁରୁଷ, ସନ୍ନ୍ୟାସୀଙ୍କ ଜୀବନ, ତ୍ୟାଗ ଓ ସମାଜ ପ୍ରତି ସେମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରାଯାଇଛି। ସେହିପରି କେତୋଟି ପ୍ରବନ୍ଧରେ ପୌରାଣିକ ଚରିତ୍ରଗୁଡ଼ିକର ମହନୀୟତା ସଂପର୍କରେ ବର୍ଣ୍ଣନା କରାଯାଇଛି। 'ଜପକୁଦ ଜ୍ୟୋତି'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।

# ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ବେଆଇନ୍!

■ ବିନା ଏନ୍‌ଓସିରେ ଦିଆଯାଇଛି ନିଯୁକ୍ତି
■ ସ୍ପଷ୍ଟିକରଣ ମାଗିଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୧୧।୭ (ସମିସ): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍)ରେ ପରୀକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ୫୨ରୁ ଅଧିକ ସେମିଷ୍ଟାରର ପରୀକ୍ଷା ଏବେଯାଏଁ ହୋଇପାରିନି। ଏହାରି ମଧ୍ୟରେ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କ ନିଯୁକ୍ତିକୁ ନେଇ ଖୋଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଶ୍ନ ଉଠାଇବା ସହ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ସ୍ପଷ୍ଟିକରଣ ମାଗିଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ପାଇଁ ୨୦୨୪ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍ (ଏସ୍ଆର୍‌ଏମ୍-ଏମ୍‌ସିଏଚ୍)ରେ ଫାର୍ମାକୋଲୋଜି ବିଭାଗର ପ୍ରାଧ୍ୟାପକ ଥିବା ଡ. ୱାଇ ରୋଜା ରମଣୀ ନିଯୁକ୍ତି ପାଇବାକୁ ଚୟନ ହୋଇଥିଲେ। ପରୀକ୍ଷା ନିୟନ୍ତ୍ରକ ପଦରେ ଯୋଗ ଦେବା ପୂର୍ବରୁ ସରକାରଙ୍କ ଠାରୁ ନୋ ଅବଜେକସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା। ମାତ୍ର ପରୀକ୍ଷା ନିୟନ୍ତ୍ରକ ଭାବେ ଯୋଗଦେଇଥିବା ଡ. ରମଣୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନ୍‌ଓସି ପ୍ରଦାନ କରାଯାଇନାହିଁ। ଏହାସତ୍ତ୍ୱେ ଭବାନୀପାଟଣା ଏସ୍ଆର୍‌ଏମ୍-ଏମ୍‌ସିଏଚ୍‌ର ଅଧ୍ୟକ୍ଷ ତାଙ୍କୁ କିପରି ରିଲିଭ୍ କଲେ ଏବଂ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ ତାଙ୍କୁ ବିନା ଏନ୍‌ଓସିରେ କିପରି ନିଯୁକ୍ତି ପ୍ରଦାନ କଲେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କଠୋର ଆଭିମୁଖ୍ୟ ପୋଷଣ କରିଛି। ବିନା ଏନ୍‌ଓସିରେ ତାଙ୍କୁ କିପରି ନିଯୁକ୍ତି ଦିଆଗଲା ବୋଲି ସ୍ପଷ୍ଟିକରଣ ରଖିବାକୁ ଗତ ମେ ମାସ ୨୫ ତାରିଖରେ ନିର୍ଦ୍ଦେଶ ଦେଇଛି। ଅପରପକ୍ଷରେ ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ପରୀକ୍ଷା ନିୟନ୍ତ୍ରକଙ୍କ ଦକ୍ଷତା ଓ ନିଯୁକ୍ତି ଉପରେ ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିବା ସହ ତାଙ୍କୁ ବହିଷ୍କାର କରିବାକୁ ରଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି।

## ଦଳ ବିରୋଧୀ କାର୍ଯ୍ୟ

# ବିଜେଡିରୁ ନିଲମ୍ବିତ ହେଲେ କ୍ରିଷ୍ଣା ଗୋପାଳ ଓ ହିତେଶ

ଭୁବନେଶ୍ୱର,୧୧।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲଟି ୬ ନମ୍ବର ୱାର୍ଡର କାଉନସିଲର କ୍ରିଷ୍ଣା ଗୋପାଳ ସିତାନୀ ଏବଂ ବେଲପାହାଡ ମ୍ୟୁନିସିପାଲଟିର ହିତେଶ ଠକ୍କରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିରରେ ଖଳିଲାଗି ଏକାଦଶୀ

# ଦାରୁଦିଅଁଙ୍କୁ ଲାଗି ହେଲା ପୁଷ୍ପ, ତୁଳସୀ

ଆଜି ରାଜପ୍ରସାଦ ବିଜେ

ପୁରୀ,୧୧।୭ (ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆୟୁର୍ବେଦିକ ପଦ୍ଧତିରେ ଉପଚାର। ଗୁପ୍ତ ସେବା କରୁଛନ୍ତି ଦଇତାପତି ସେବକ। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାଷିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ଏଥିସହ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ରବିବାର ତ୍ରୟୋଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି।

ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟବିଜୟ ଦ୍ୱାର ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।

# ରଥଯାତ୍ରା ଆରମ୍ଭ ପୂର୍ବରୁ ସିସିଟିଭି ବଦ୍‌ନାମ

## ଗଳିପଡ଼ିଲା ଖୁଣ୍ଟି; ପ୍ରସ୍ତୁତିକୁ ନେଇ ଉଠିଲା ପ୍ରଶ୍ନ



ପୁରୀ,୧୧।୭ (ସମିସ): ଗତବର୍ଷ ରଥଯାତ୍ରାରେ ଦଳାଚକଟା ଘଟି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଯାଇଥିଲା। ଏହି ଦୁଃଖଦ ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ତଦନ୍ତ ରିପୋର୍ଟରେ ଆଇସିସିସି (ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଠିକ୍ ଭାବେ କାମ ନ କରିବା, ଆବଶ୍ୟକ ସ୍ଥାନରେ ସିସିଟିଭି ନ ଲାଗିବା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଡ୍ରୋନ୍ ବ୍ୟବହାର ଅଭାବ ଦାୟୀ କରାଯାଇଥିଲା। ହେଲେ ଚଳିତ ବର୍ଷ ରଥଯାତ୍ରା ଆରମ୍ଭରୁ ପୁଣି ସିସିଟିଭି ଖୁଣ୍ଟି ଗଳିପଡ଼ିବା ଘଟଣା ସମଗ୍ର ପ୍ରସ୍ତୁତିକୁ ପ୍ରଶ୍ନବାଚୀ ଘେରରେ ଛାଡ଼ିଦେଇଛି। ଚଳିତ ବର୍ଷ ରଥଯାତ୍ରାକୁ ସୁରକ୍ଷିତ କରିବା ପାଇଁ ପ୍ରାୟ ୪୭୦ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ କିଛି ଖୁଣ୍ଟି ତରବରିଆ ଭାବେ ସ୍ଥାପନ ହୋଇଥିବା ଅଭିଯୋଗ ହୋଇଛି। ଏହାର ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଛି ଷ୍ଟର୍ଲିଂ ଛକରେ। ଏଠାରେ ଲଗାଯାଇଥିବା ସିସିଟିଭି ଖୁଣ୍ଟି ଶନିବାର ଗଳିପଡ଼ିଛି। କେବଳ ଏହି ଗୋଟିଏ ନୁହେଁ, ପୁରୀ ସହରର ବିଭିନ୍ନ ସ୍ଥାନରେ ନବନିର୍ମିତ ଲାଇଟ୍ ଓ ସିସିଟିଭି ଖୁଣ୍ଟି ବଙ୍କା ହୋଇ ରହିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସହରର ବୁଦ୍ଧିଜୀବୀ।

ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର କହିଛନ୍ତି, "ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଯେମିତି ତରବରିଆ କାମ ହେଉଛି ତାହା ସୁରକ୍ଷା ପାଇଁ ବିପଦ। ସିସିଟିଭି ଖୁଣ୍ଟି ଗଳିପଡ଼ିବା ପ୍ରମାଣ କରୁଛି ଯେ କାମର ଗୁଣବତ୍ତା ଉପରେ କେହି ନଜର ରଖୁନାହାନ୍ତି। ଏହା ସରକାରଙ୍କ ଠିକାଦାର ପ୍ରୀତି ବୋଲି ପ୍ରମାଣିତ କରୁଛି। କ୍ୟାମେରା ବାବଦ ଯାହା କ୍ଷତି ଘଟିଲା ଏହାକୁ ଭରଣା କରିବ କିଏ? ତୁରନ୍ତ ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟରୁ ହଟାଯାଉ। ସେହିପରି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ରଥଯାତ୍ରା ପାଇଁ ରାସ୍ତାଘାଟ ମରାମତି, ସଫେଇଠାରୁ ଆରମ୍ଭ କରି ସିସିଟିଭି ପର୍ଯ୍ୟନ୍ତ ସବୁ କାମ ଶେଷ ମୁହୂର୍ତ୍ତରେ ହେଉଛି। ବର୍ଷା ଯୋଗୁଁ ରାସ୍ତା କାମ ଅଟକିଛି, ସିସିଟିଭି ଖୁଣ୍ଟି ଗଳିପଡ଼ିଲାଣି। ଏହା ସରକାରଙ୍କ ପ୍ରସ୍ତୁତିର ବାସ୍ତବତାକୁ ପଦାରେ ପକାଇଦେଇଛି। ଲୋକଙ୍କ ଜୀବନ ସହ ଖେଳ ହେଉଛି। ଯଦି ଏହି ଖୁଣ୍ଟି କାହା ଉପରେ ପଡ଼ିଥା'ନ୍ତା ତେବେ ଏଥିପାଇଁ କିଏ ଦାୟୀ ହୋଇଥା'ନ୍ତା। ରଥଯାତ୍ରା ଆରମ୍ଭ ପୂର୍ବରୁ ଏଭଳି ଘଟଣା ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହୃଦ୍‌ରୋଗ ଇଞ୍ଜେକ୍‌ସନ୍...

କରିବାକୁ ପଡିବ। ତାହାକୁ ଦୋକାନର ସେହି ସ୍ଥାନରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛି, ଯେଉଁଠାରେ ଗ୍ରାହକମାନେ ସହଜରେ ନୂତନ ମୂଲ୍ୟସବୁକୁ ଦେଖିପାରିବେ। ଯଦି କୌଣସି ନିର୍ମାତା କିମ୍ବା ମାର୍କେଟିଂ କମ୍ପାନୀ ଗ୍ରାହକଙ୍କଠାରୁ ସ୍ଥିର ମୂଲ୍ୟଠାରୁ ଅଧିକ ମୂଲ୍ୟ ଆଦାୟ କରନ୍ତି, ତେବେ ସେମାନଙ୍କୁ ଡିପିସିଓ ୨୦୧୩ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ୧୯୫୫ର ବ୍ୟବସ୍ଥା ଅନୁଯାୟୀ ସୁଧ ସହିତ ଅତିରିକ୍ତ ପରିମାଣ ଜମା କରିବାକୁ ପଡିବ।

## ଚାକିରି ଛାଡୁଛନ୍ତି...

ତେବେ ମାତ୍ର ସ୍ୱଳ୍ପ ଦିନ ବ୍ୟବଧାନ ମଧ୍ୟରେ ଓଡ଼ିଶା କ୍ୟାଡର୍‌ର ଦୁଇ ଆଇପିଏସ୍‌ଙ୍କ ଏଭଳି ରହସ୍ୟଜନକ ଇସ୍ତଫା ଏବେ ଚର୍ଚ୍ଚାର ମୁଖ୍ୟ କାରଣ ପାଲଟିଛି। ପ୍ରକୃତରେ ବ୍ୟକ୍ତିଗତ କାରଣ ଯୋଗୁଁ ଏମାନେ ଚାକିରି ଛାଡୁଛନ୍ତି, ନା' ଅନ୍ୟ କୌଣସି କାରଣ ଯୋଗୁଁ ଏହି ଆଇପିଏସ୍ ମାନେ ଓଡ଼ିଶାରେ ରହିବାକୁ ପସନ୍ଦ କରୁ ନାହାନ୍ତି, ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ସାପ କାମୁଡ଼ାରେ...

ସେଠାରେ ଚିକିତ୍ସିତ ହେଉଥିବାବେଳେ ଶନିବାର ସକାଳେ ସପନଙ୍କର ମୃତ୍ୟୁ ଘଟିଥିଲା। ଛାତ୍ରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶତାଧିକ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ସେଠାରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଘେରଉ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣମଞ୍ଜରୀ ଭୂୟାଁଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ କରି ଲୋକେ ପ୍ରବଳ ପାଟିତୁଣ୍ଡ କରିବା ସହ ତାଙ୍କ ବହିଷ୍କାର ଦାବି କରିଥିଲେ। ଏହାସହିତ ମୃତ ଛାତ୍ରଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଲୋକେ ଅଡ଼ି ବସିଥିଲେ। ସ୍ଥିତି ବିଗିଡ଼ିବା ଦେଖି ସ୍ଥାନୀୟ ସରପଞ୍ଚ ବବିତା ସିଂ ଓ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ପରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ଓ ଅତିରିକ୍ତ ତହସିଲଦାର ହିତେଶ କୁମାର ଜେନା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାସହିତ ସରକାର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବନ (ସସପେଣ୍ଡ) କରିଥିବା ସୂଚନା ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ଏବେ ମଧ୍ୟ ବିଦ୍ୟାଳୟ ପରିସରରେ ପୁଲିସ ମୁତୟନ ହୋଇ ରହିଛନ୍ତି।

## କୋର୍ଟରେ ଆରମ୍ଭ...

ନିର୍ଯ୍ୟାତିତ ହୋଇଥିବା ଅଭିଯୋଗ କରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରିକି ଅଭିଯୋଗ ଥିବା ଅଧ୍ୟାପକଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ରାଜଧାନୀର ଛାତି ଉପରେ ଥିବା ବିଜେବି କଲେଜର ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଧ୍ୟାପକ ଶ୍ରୀ ବେହେରାଙ୍କ ବିରୋଧରେ ଗତ ସେପ୍ଟେମ୍ବରରେ ଅଭିଯୋଗ ହେବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆରଡିଇ) ତଦନ୍ତ କରିଥିଲେ। ଅଧ୍ୟାପକ ଜଣକ ଛାତ୍ରୀଙ୍କୁ ବ୍ୟାଡ୍ ଟଚ୍ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା, ଦ୍ୱିଅର୍ଥ ବୋଧକ ଶବ୍ଦ କହିବା, ଛାତ୍ରୀଙ୍କ ଅଙ୍ଗଭଙ୍ଗୀକୁ ଇଙ୍ଗିତ କରୁଥିବା ଅଭିଯୋଗର ସତ୍ୟତା ରହିଥିବା ରିପୋର୍ଟରେ ଦର୍ଶାଇଥିଲେ। କେବଳ ଏତିକି ନୁହେଁ, ଛାତି ଥରାଇ ଦେବା ଭଳି ଛାତ୍ରୀଙ୍କ ଲିଖିତ ମନ୍ତବ୍ୟକୁ ସଂଲଗ୍ନ କରି ଉଚ୍ଚଶିକ୍ଷା ବିଭାଗକୁ ପଠାଇଥିଲେ। ଛାତ୍ରୀଙ୍କ ପ୍ରତି ଅଧ୍ୟାପକଙ୍କ ବ୍ୟବହାର ସଠିକ୍ ନୁହେଁ ଏବଂ ସେ ଜଣେ ନିୟମିତ ଏପରି କାର୍ଯ୍ୟ କରନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଚିଠି ଲେଥି ଚୁପ୍ ବସିଛି। ଫଳରେ ଏକାଧିକ ନିର୍ଯ୍ୟାତିତା ଛାତ୍ରୀ ଆଜି ମଧ୍ୟ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଅନୁରୂପ ଭାବେ ରମାଦେବୀ +୨ ମହିଳା କଲେଜର ପୂର୍ବତନ ଅର୍ଥନୀତି ଅଧ୍ୟାପକ ଦୀପ୍ତି ରଞ୍ଜନ ନନ୍ଦଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅବଶ୍ୟ ଏହି ସମୟରେ ଫକୀର ମୋହନ କଲେଜର ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ନିର୍ଯ୍ୟାତନା ଅଭିଯୋଗ ଆସିବା ପରେ ସରକାର ତାଙ୍କୁ ବଦଳି କରିଛନ୍ତି। ଶିକ୍ଷାନୁଷ୍ଠାନରୁ ଆସୁଥିବା ସମସ୍ତ ନିର୍ଯ୍ୟାତନା ଅଭିଯୋଗ ଉପରେ ସରକାର ନରମ ଆଭିମୁଖ୍ୟ ପୋଷଣ ନ କରି କଠୋର ହେବା ଆବଶ୍ୟକ ବୋଲି ଅଭିଭାବକ ଓ ଶିକ୍ଷାବିତମାନେ ମତପ୍ରକାଶ କରିଛନ୍ତି।

## ଶସ୍ତା ହେବ...

ଉଦାହରଣ ସ୍ୱରୂପ, ବର୍ତ୍ତମାନ ୩୦୦ ଟଙ୍କା ମୂଲ୍ୟର ଏକ ପ୍ଲାନ ୧୦୦ ଟଙ୍କାରେ ଉପଲବ୍ଧ ହେବ। ଏହି ପଦକ୍ଷେପ ଫିଚର ଫୋନ୍ ବ୍ୟବହାରକାରୀ, ଡାଟା ବ୍ୟବହାର କରୁ ନ ଥିବା ବୟସ୍କ ବ୍ୟକ୍ତି, କେବଳ କଲ୍ ପାଇଁ ଦ୍ୱିତୀୟ ସିମ୍ ରଖୁଥିବା ବ୍ୟକ୍ତି ଏବଂ ଘରେ ୱାଇ-ଫାଇ ସୁବିଧା ରଖିଥିବା ବ୍ୟକ୍ତିଙ୍କୁ ଲାଭ ଦେବ। ବର୍ତ୍ତମାନ ଟେଲିକମ କମ୍ପାନୀଗୁଡିକ ସୀମିତ ସମୟ ପାଇଁ ମାତ୍ର 'କେବଳ କଲ୍ ଓ ଏସଏମଏସ' ପ୍ଲାନ ଉପଲବ୍ଧ କରାଉଛନ୍ତି। ଫଳରେ ଅନେକ ଗ୍ରାହକ ବାଧ୍ୟ ହୋଇ ଡାଟା ଥିବା ଦାମୀ ରିଚାର୍ଜ ପ୍ଲାନ କିଣୁଛନ୍ତି। ହେଲେ ଟ୍ରାଇର ନୂଆ ପ୍ରସ୍ତାବ ଅନୁସାରେ, ଟେଲିକମ କମ୍ପାନୀଗୁଡିକ ଯେତେ ଦିନର ବୈଧତା ସହ ଡାଟା ପ୍ଲାନ ଦେଉଛନ୍ତି, ସେହି ସମାନ ଅବଧି ଯଥା ୭ ଦିନ, ୨୮ ଦିନ, ୫୬ ଦିନ କିମ୍ବା ୮୪ ଦିନ ପାଇଁ ସେମାନେ କେବଳ କଲ୍ ଓ ଏସ୍‌ଏମ୍‌ଏସ୍ ସୁବିଧା ଥିବା ଅଲଗା ପ୍ଲାନ୍ ଆଣିବେ।


**AFFIDAVIT**

By virtue of an affidavit sworn before The Executive Magistrate Bhubaneswar, C.F. No. 6 on dated 10/07/2026, I **ABHAYA SRICHANDAN**, S/o Chaturbhuja Pradhan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my name from **PRASANTA SRICHANDAN (Old Name)** to **ABHAYA SRICHANDAN (New Name)**. Henceforth, I shall be known as **ABHAYA SRICHANDAN** for all purposes.
Sd- **ABHAYA SRICHANDAN**

**AFFIDAVIT**

I, Santosh Sulochana Debasish Barik (former name), aged about 19 years, S/o- Santosh Kumar Barik, At-Alada, Po/Ps-Khaira, Dist-Balasore-756048, Odisha, declared by this Affidavit No.830/2026 dated.11.07.2026, That now onwards I shall be Known as **S.S. DEBASIS BARIK** that for all future purposes.

**ପଶ୍ଚିମ ରେଳପଥ – ରତଲାମ**

**ସଂଶୋଧନ**

ପଶ୍ଚିମ ରେଳପଥ, ରତଲାମ ମଣ୍ଡଳ ପକ୍ଷରୁ ଟେଣ୍ଡର ନଂ. SnT_RTM_PSSA_25_01_R ସମ୍ବନ୍ଧୀୟ ଏକ ସଂଶୋଧନ ଜାରି କରାଯାଇଛି। ଏହି ସଂଶୋଧନ ଅନୁଯାୟୀ ନିବିଦା ଦାଖଲ କରିବାର ଶେଷ ତାରିଖ ଓ ସମୟ ଏବଂ ବୈଷୟିକ (Technical) ନିବିଦା ଖୋଲିବାର ତାରିଖ ଓ ସମୟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ନିବିଦା ଦାଖଲର ଶେଷ ସମୟ 27 ଜୁଲାଇ 2026 ଅପରାହ୍ନ 3:00ଟା (15:00 ଘଣ୍ଟା) ଏବଂ ବୈଷୟିକ ନିବିଦା ଖୋଲିବାର ସମୟ 27 ଜୁଲାଇ 2026 ଅପରାହ୍ନ 3:30ଟା (15:30 ଘଣ୍ଟା) ନିର୍ଦ୍ଧାରିତ ଥିବାବେଳେ, ବର୍ତ୍ତମାନ ଏହାକୁ ସଂଶୋଧନ କରି 03 ଅଗଷ୍ଟ 2026 ଅପରାହ୍ନ 3:00ଟା (15:00 ଘଣ୍ଟା) ଏବଂ 03 ଅଗଷ୍ଟ 2026 ଅପରାହ୍ନ 3:30ଟା (15:30 ଘଣ୍ଟା) କରାଯାଇଛି। ଟେଣ୍ଡର ନୋଟିସର ଅନ୍ୟ ସମସ୍ତ ସର୍ତ୍ତ ଓ ନିୟମ ଅପରିବର୍ତ୍ତିତ ରହିବ। ଏହି ସଂଶୋଧନ ସମ୍ବନ୍ଧୀୟ ବିସ୍ତୃତ ସୂଚନା IREPS ଇ-ଟେଣ୍ଡର ପୋର୍ଟାଲ (www.ireps.gov.in) ରେ ଉପଲବ୍ଧ ରହିଛି। 0150

**AFFIDAVIT**

By virtue of an affidavit sworn before Executive Magistrate, Aska, vide Sl. No.1209 dated 08.7.2026, I, K. Ram Krishna, S/o- K. Tateya resident of Village/ Post- Debabhumi, Ps.- Aska, Dist.- Ganjam, Odisha, PIN- 761115 state that, I am the father guardian of the minor son K Om Rao. Now I have changed the name of my son from **K Om Rao** to **K. Hrusikesh**. Henceforth he will be known as **K. Hrusikesh** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar I Satvik Sahu, S/o- Sanjay Kumar Sahu resident of MIG-176, Kalinga Vihar, Patrapada, Bhubaneswar, Dist.- Khordha, PIN- 751019, Odisha state that, my father's correct and actual name is **SANJAY KUMAR SAHU** but in my 10th Certificate bearing Regd. No.- C121/20434/0085 issued by Central Board Secondary Education and in my +2 Certificate bearing Regd. No.- D223/27131/0064 issued by Central Board of Secondary Education my father's name has been wrongly mentioned as SANJAY KUMAR. That, **SANJAY KUMAR** and **SANJAY KUMAR SAHU** is same and one person.

**AFFIDAVIT**

By virtue of an affidavit sworn before Notary Public, Bargarh, vide Sl. No.421 dated 08.7.2026, I, Suprava Meher, W/o- Rabindra Nath Meher residing at House No.23, Balaji City, Bargarh, Po.- Bargarh, Ps./Tah- Bargarh, Dist.- Bargarh, Odisha, Pin- 768028 declare that, my actual name is **SUPRAVA MEHER** but in my son Saswat Subhankar's CBSE Board Mark-statement-cum-certificate my name has been mentioned as SUPRABHA MEHER. That **Suprava Meher** and **Suprabha Meher** is same and one person. Henceforth my son will be known as **Saswat Subhankar**, S/o- **Rabindra Nath Meher** (Father) and **Suprava Meher** (Mother) for all purposes.

**ପଶ୍ଚିମ ରେଳବାଇ – ରତଲାମ**

କ୍ରମିକ ସଂଖ୍ୟା: 1, ବିବରଣୀ, କାର୍ଯ୍ୟର ନାମ ଏବଂ ସ୍ଥାନ: ଡଃ ବି. ଆର୍. ଆମ୍ବେଦକର ନଗର ଏବଂ ଇନ୍ଦୋର ଆଧାରିତ ପ୍ରାଥମିକ ଟ୍ରେନଗୁଡ଼ିକର ବାତାନୁକୂଳିତ (ଏସି) କୋଚ୍‌ମାନଙ୍କ ପାଇଁ BOOT ମଡେଲ୍ ଅନୁଯାୟୀ 10 ବର୍ଷ ଅବଧି ପାଇଁ ଯାନ୍ତ୍ରିକ ଲଣ୍ଡ୍ରୀ ସ୍ଥାପନା। ଏଥିରେ ପ୍ଲାଣ୍ଟ/ଉପକରଣ/ମେସିନରୀ ଏବଂ ସମ୍ବନ୍ଧିତ ଭିତ୍ତିଭୂମି ସୁବିଧାର ଯୋଗାଣ ଓ ସ୍ଥାପନା, ସଞ୍ଚାଳନ, ଡଃ ଆମ୍ବେଦକର ନଗର ଓ ଇନ୍ଦୋର ଆଧାରିତ ପ୍ରାଥମିକ ଟ୍ରେନର ଏସି କୋଚରୁ ମଇଳା ଲିନେନ ସଂଗ୍ରହ, ଯାନ୍ତ୍ରିକ ଧୋଇବା, ଶୁଖାଇବା, ଇସ୍ତ୍ରି କରିବା, ପ୍ୟାକିଂ, ପରିବହନ ଏବଂ ଅନବୋର୍ଡ ଲିନେନ ବିତରଣ ପାଇଁ ACCA କର୍ମଚାରୀଙ୍କ ମାନବଶକ୍ତି ଆଧାରିତ ନିଯୁକ୍ତି କାର୍ଯ୍ୟ ସାମିଲ ରହିଛି। 2. କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.3104.89 ଲକ୍ଷ। 3. ଅମାନତ ରାଶି (EMD): ଟ.10,00,000/-। 4. ସମୟ ସୀମା :10 ବର୍ଷ 10 ମାସ (LOA ଜାରି ହେବାର ତାରିଖଠାରୁ)। 5. ନିବିଦା ଫର୍ମ ଦାଖଲ ଏବଂ ଖୋଲିବାର ସମୟ: ନିବିଦା ଦାଖଲର ଶେଷ ସମୟ: 18.08.2026 ତାରିଖ ଅପରାହ୍ନ 3:00 (15:00 Hrs.), ନିବିଦା ଖୋଲିବାର ସମୟ: 18.08.2026 ତାରିଖ ଅପରାହ୍ନ 3:30 (15:30 Hrs.)। 6. ୱେବସାଇଟ ଏବଂ ନୋଟିସ ବୋର୍ଡ (ଯେଉଁଠାରେ ନିବିଦା ସମ୍ବନ୍ଧୀୟ ସମସ୍ତ ସୂଚନା ମିଳିପାରିବ): ନିବିଦାଗୁଡ଼ିକ GeM ୱେବସାଇଟ https://gem.gov.in ରେ ଦେଖାଯାଇପାରିବ। ଏହା ସହିତ, ଏହି ନିବିଦା ସମ୍ବନ୍ଧୀୟ ଅଧିକ ସୂଚନା କାର୍ଯ୍ୟାଳୟ ବରିଷ୍ଠ ମଣ୍ଡଳୀୟ ବାଣିଜ୍ୟ ପ୍ରବନ୍ଧକ, ଇନ୍ଦୋର / ରତଲାମ ମଣ୍ଡଳଙ୍କ (ପ.ରେ.) ଠାରୁ ସମସ୍ତ କାର୍ଯ୍ୟଦିବସରେ ପ୍ରାପ୍ତ କରାଯାଇପାରିବ। 0149

Like us on: facebook.com/WesternRly • Follow us on: x.com/WesternRly

**ପୂର୍ବ ତଟ ରେଳପଥ**

**ଚିକିତ୍ସାଳୟ ଏବଂ ପ୍ୟାଥୋଲୋଜିକାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ସୂଚୀବଦ୍ଧ କରିବା ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ଆମନ୍ତ୍ରଣ**

ପୂର୍ବ ତଟ ରେଳପଥ ର ରାୟଗଡ଼ା ମଣ୍ଡଳରେ ରେଳବାଇ ହିତାଧିକାରୀମାନଙ୍କୁ ଚିକିତ୍ସା ଏବଂ ରକ୍ତରେ ଆଲକୋହଲର ମାତ୍ରା ଯାଞ୍ଚ ନିମନ୍ତେ ନିମନ୍ତେ **CGHS, ECHS** ଏବଂ **ESIC** ସୂଚୀବଦ୍ଧ / ଅଣ-ସୂଚୀବଦ୍ଧ ଚିକିତ୍ସାଳୟ ଓ **NABL** ଦ୍ୱାରା ମାନ୍ୟତାପ୍ରାପ୍ତ ପ୍ୟାଥୋଲୋଜିକାଲ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡ଼ିକୁ ମାନ୍ୟତା ଦେବା / ସୂଚୀବଦ୍ଧ କରିବା ନିମନ୍ତେ 'ଆଗ୍ରହର ଅଭିବ୍ୟକ୍ତି' (EOI) ଆମନ୍ତ୍ରଣ କରାଯାଉଛି।

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ପୂର୍ବ ତଟ ରେଳପଥ, ଭୁବନେଶ୍ୱରର ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ, CGHS/ECHS/ ESIC ଦ୍ୱାରା ସୂଚୀବଦ୍ଧ ଚିକିତ୍ସାଳୟ, ଅନ୍ୟ ଆଗ୍ରହୀ ଘରୋଇ ଚିକିତ୍ସାଳୟ ତଥା NABL, ଅଣ-NABL ଦ୍ୱାରା ମାନ୍ୟତାପ୍ରାପ୍ତ ପ୍ୟାଥୋଲୋଜିକାଲ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡ଼ିକ ଠାରୁ ନିର୍ଦ୍ଧାରିତ ଫର୍ମାଟରେ 'ଆଗ୍ରହର ଅଭିବ୍ୟକ୍ତି' (EOI) ଆମନ୍ତ୍ରଣ କରାଯାଉଛି। ଏହି ଚିକିତ୍ସାଳୟ ରାୟଗଡ଼ା ମଣ୍ଡଳର **KK ଲାଇନ୍:** କୋରାପୁଟ - କିରନ୍ଦୁଲ, **KR ଲାଇନ୍:** କୋରାପୁଟ - ରାୟଗଡ଼ା ଏବଂ **RV ଲାଇନ୍:** ରାୟଗଡ଼ା – ବିଜୟନଗରମ୍ ସେକ୍ସନରେ କିମ୍ବା ଏହାର ନିକଟରେ ହୋଇଥିବା ଆବଶ୍ୟକ। ଏହି ସେଣ୍ଟର ରେଳବାଇ ହିତାଧିକାରୀଙ୍କୁ କ୍ୟାସଲେସ୍ କ୍ରେଡିଟ୍ ସିଷ୍ଟମରେ ଚିକିତ୍ସା ପ୍ରଦାନ କରିବେ, ଯେଉଁଥିରେ CGHS ଦର କିମ୍ବା ଚିକିତ୍ସାଳୟର ଟାରିଫ୍ ଦର (ଯେଉଁଟି କମ୍) ସେହି ଅନୁଯାୟୀ ସେବା ପ୍ରଦାନ କରାଯିବ, ଯାହା ପ୍ରାରମ୍ଭିକ ଭାବେ ଦୁଇ (02) ବର୍ଷର ଅବଧି ନିମନ୍ତେ ଏବଂ ସନ୍ତୋଷଜନକ ପ୍ରଦର୍ଶନ ଭିତ୍ତିରେ ପ୍ରତି ବର୍ଷ ନବୀକରଣ କରାଯିବ।

ସମସ୍ତ ଚିକିତ୍ସାଳୟ ଏବଂ ପ୍ୟାଥୋଲୋଜିକାଲ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡ଼ିକୁ ପରାମର୍ଶ ଦିଆଯାଉଛି ଯେ, ସେମାନେ ନିର୍ଦ୍ଦେଶାବଳୀକୁ ସତର୍କତା ସହ ପଢ଼ନ୍ତୁ ଏବଂ ଆବେଦନ ପତ୍ର ସହିତ ସମସ୍ତ ଆବଶ୍ୟକ କାଗଜପତ୍ର ସଂଲଗ୍ନ କରନ୍ତୁ। ଅସମ୍ପୂର୍ଣ୍ଣ ଥିବା ଆବେଦନ କିମ୍ବା ନିର୍ଦ୍ଧାରିତ ସମୟ ସୀମା ପରେ ପ୍ରାପ୍ତ ହୋଇଥିବା ଆବେଦନଗୁଡ଼ିକୁ ଖାରଜ କରାଯିବ। ବାଛିବାଲାଗି ହେବା ପାଇଁ ଆବେଦନକୁ ଏକ ସିଲ୍ କରା ଲଫାପାରେ ଜମା କରିବା ଆବଶ୍ୟକ। ଲଫାପାରେ ସ୍ପଷ୍ଟ ଭାବରେ **'Application for Empanelment of Hospitals / Pathological & diagnostic centre'** ଲେଖା ହୋଇଥିବା ଆବଶ୍ୟକ। ଏହି ଆବେଦନ ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପୂର୍ବ ତଟ ରେଳପଥ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶାଙ୍କ କାର୍ଯ୍ୟାଳୟରେ ତା.**01.08.2026**ରିଖ **1500** ଘଟିକା ପୂର୍ବ କିମ୍ବା ତା'ପୂର୍ବରୁ ଜମା ହେବା ଆବଶ୍ୟକ।

| ଅଧିସୂଚନା ତାରିଖ | ଆବେଦନ ପତ୍ର ଡାଉନଲୋଡ କରିବା ତାରିଖ | ଆବେଦନ ପତ୍ର ଜମା କରିବା ଅନ୍ତିମ ତାରିଖ | EOIs ଖୋଲାହେବା ତାରିଖ |
|---|---|---|---|
| 08.07.2026 | 08.07.2026 | 10.08.2026 | 11.08.2026 |

ଆବେଦନ ଫର୍ମ, ବିସ୍ତୃତ ବିବରଣୀ ଏବଂ ସଂଲଗ୍ନ ହୋଇଥିବା ଆବଶ୍ୟକ ଦଲିଲର ସୂଚୀ **www.eastcoastrail.indianrailways.gov.in**ରୁ ଡାଉନଲୋଡ କରାଯାଇପାରିବ।

PR-291/R/26-27 — ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଭୁବନେଶ୍ୱର

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 720, dated 07.07.2026, I, ARJUN PANKA, Son of- Bishukh Panka, permanent resident of Village- Badagumuda, PO - Badagumuda, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from ARJUN PANAKA to ARJUN PANKA. Henceforth, I shall be known as **ARJUN PANKA** for all purposes.
Sd/- Arjun Panka

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1032, dated 06-07-2026, I, DEBENDRA KACHIM, S/o - Tularam Kachim, permanent resident of Village - Pakhanaguda, PO - Taragam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from PUJA SRABANI HARIJAN to SRABANI KACHIM. Henceforth, she shall be known as **SRABANI KACHIM** for all purposes.
Sd/- Debendra Kachim

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1046, dated 06-07-2026, I, FULA BHATRA, W/o - Mukunda Bhatra, permanent resident of Village - Deodara, PO - Chatahandi, PS - Kodinga, Dist- Nabarangpur, Odisha, Pin - 764075, declare that I have changed the name of my Daughter from SASWATI BHATRA to SARASWATI BHATRA. Henceforth, she shall be known as **SARASWATI BHATRA** for all purposes.
Sd/- Fula Bhatra

**AFFIDAVIT**

By virtue of an affidavit no- 2198, dated- 16/6/2026 sworn before Executive Magistrate, Banpur, declare that I, Pratima Sethi, aged about- 53 years, W/o- Niranjan Sethi of Address At / Po- Badahantuada, Ps- Banpur, Dist- Khurdha, Odisha, Pin-752031, declare that I have changed my name from Sukanti Sethi to Pratima Sethi. Henceforth, I Pratima Sethi & Sukanti Sethi both are one and same person. But now onwards I shall be known as **Pratima Sethi**, for all future purposes.
Pratima Sethi

**ODISHA HYDRO POWER CORPORATION LTD.,** 4001/197/2627

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

**No. HHEP/Tech-W-126/4(Vol-I)/5318** **Date : 09.07.2026**

**TENDER CALL NOTICE NO. HHEP-56/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed Firms / Service Contractors / Agencies for the following work as mentioned below

| Name of work | Cost of tender paper (Non-Refundable) in Rs. | EMD in Rs. |
|---|---|---|
| Job contract for operation of canteen service & caretaking of Erectors' Hostel, canteen service of Power House canteen, cafeteria of Administrative Building of HHEP, Burla. | Rs. 7080/- (Rs. 6000 /- + GST 18%) | 21000/- |

- Sale of tender paper: **13.07.2026 (10.00AM) to 27.07.2026 upto 01.00PM**
- Receipt of tender paper : **27.07.2026 upto 01.30 PM**
- Date & time of opening of tender: **27.07.2026 at 04.00PM**
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in.

Sd/-
C&P Head, HHEP, Burla

OIPR-4001/4007/1/26-27/0016

**AFFIDAVIT FOR MINOR**

By virtue of an affidavit no- 2551, dated- 8/7/2026 sworn before Executive Magistrate, Banpur, declare that I, Dillip Pradhan, aged about- 38 years, S/o- Gauranga Pradhan of Address At- Balipadar, Po- Banpur, PS- Banpur, Dist-Khordha, Odisha, Pin-752031, declare that I have changed the name of my minor son from Santanu Pradhan to Santunu Pradhan. Henceforth, he shall be known as **Santunu Pradhan** for all purposes.
Santunu Pradhan

24001/282/2627

**ପଞ୍ଚାୟତ ସମିତି, ମାଲକାନଗିରି**

**PANCHAYAT SAMITI, MALKANGIRI**

Dist: MALKANGIRI
Pin : 764048
Ph No. : 06861 – 231219
Fax : 06861 – 231219
E-mail : ori-bmalkangiri@nic.in

**TENDER CALL NOTICE NO – 02/ 2026-27**

The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D (R&B) / Water Resources / Rural Works / M.I. / C.P.W.D for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the work | Amount put to tender (in Rs) | Cost of tender paper (in Rs) | E.M.D. | Time for completion of work (in months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Pandripani | Construction of Market shed (complex) at Pandripani (Serpalli Chowk) | 10,65,273/- | 6000/- | 1% of Tender value | 04(Four) Months | "D" & "C" |
| 2 | Sikhpalli | Construction of Market complex at MV 17 chowk near SBI | 14,98,227/- | 6000/- | 1% of Tender value | 04(Four) Months | "D" & "C" |

*Note- The amount put to Tender is excluding the GST. GST applicable on works/contracts shall be paid over the bill amount at the time of payment of bill.*

1. **Cost of Tender Paper** :- Bids Must be accompanied with amount specified towards paper cost of the work as mentioned in the table (Col No. 5) above in shape of Demand Draft ( non-refundable) drawn in any Nationalized Bank/ Scheduled Bank in favour of **Block Development officer, Malkangiri.**
2. **Sale of Tender papers**:- The Tender documents can be accessed in the Govt./ Malkangiri website https://malkangiri.odisha.gov.in only from **10.07.2026 to 23.07.2026.** No tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. https://malkangiri.odisha.gov.in from **10.07.2026 to 23.07.2026.**
3. **Date of receipt and mode of submission tender paper:** - The Tenderers have to submit the sealed tender papers in complete shape through Registered Post /Speed Post only. The last date of receipt of tender paper is 23.07.2026 (5.00 PM). The undersigned will not be responsible for postal delay if any or non receipt of the paper in time. The name of the project for which tender paper is filled should be written legibly on the cover in which all the required papers are kept and sealed.
4. **Date of Opening of Tender Paper:** The tender papers shall be opened on 24.07.2026 at 11.00 AM in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the Tender Committee.

*N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.*

Block Development Officer
Malkangiri.

OIPR-24001/24532/1/26-27/0001

8001/202/2627

**Interview for Engagement of Wildlife Veterinarian for Puri Wildlife Division**

Divisional Forest Officer, Puri Wildlife Division, invites Applications from the Interested Candidates for engagement of **One Wildlife Veterinarian** in Puri Wildlife Division. The scheduled date of interview shall be communicated to the shortlisted candidates through email/contact number provided in the application form. The application form along with detailed terms and conditions shall be available on the website: www.puri.odisha.gov.in / www.puri.nic.in / www.odishaforest.in From 10.07.2026 to 20.07.2026.

Candidates interested in contractual engagement as **Wildlife Veterinarian** for **Mobile Veterinary Unit** in Puri Wildlife Division may avail the opportunity through applying for the interview to be conducted at Divisional Forest Office, Puri Wildlife Division, Puri. Engagement for this post is purely contractual and the engagement can be terminated at any time in case of unsatisfactory performance, non-availability of funds, or any other reasons. Initial engagement shall be for **06 months.**

The candidates need to send all these documents to the office of the undersigned by **e-mail/Registered Post/Speed Post/Courier** on or before **20th July, 2026.** Tentative date of interview will be communicated to the shortlisted candidates through the email/contact number provided in the Application Form.
**E-mail ID:** dfo.puriwl@odisha.gov.in
**Post/Courier Address:** O/o the Divisional Forest Officer, Puri Wildlife Division, Chakratirtha Road, Puri, Odisha – 752002.

Sd/- Divisional Forest Officer
Puri (WL) Division, Puri

OIPR-8001/8140/1/26-27/0006

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 974, dated 19-06-2026, I, USHABATI BHATRA, W/o - Tulasi Bhatra, permanent resident of Village - Kusumiguda, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Son from BHAGBAN BHATRA to SHIVA BHATRA. Henceforth, he shall be known as **SHIVA BHATRA** for all purposes.
Sd/- Ushabati Bhatra

**AFFIDAVIT**

I, Iswara Meher, aged about 32 years, S/o- Tejraj Meher, resident of Vill: Jamala, PO: Jamala, PS: Padampur, Dist: Bargarh, pin-768049,Odisha declared by this affidavit No. 17, date- 10.07.2026 that now onwards I shall be known as **ISWAR MEHER** for all future purposes.

ସକାଳ THE SAKALA



### ବିଦ୍ୟୁତ୍ ସେବାରୁ ବଞ୍ଚିତ କୁମ୍ଭିଟାଙ୍ଗିରୀର ୧୫୦ ପରିବାର

# ୨୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ



ଶରତ/ହରିଚନ୍ଦନପୁର ୧୧।୭(ସମିସ); କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡ଼ପଟା ପଞ୍ଚାୟତ କୁମ୍ଭିଟାଙ୍ଗିରୀ ଗ୍ରାମର ପ୍ରାୟ ୧୫୦ଟି ହୋ' ଜନଜାତି ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ଅଛନ୍ତି। ଶଗଡ଼ପଟା ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡରେ ଥିବା ଏହି ଗାଁରେ ଚାରୋଟି ସାହି କୁମ୍ଭିଟାଙ୍ଗିରୀ, ବଡ଼ଘାଇ, କାଦକିଳା ଓ ଗୋରାସାହି ଥିବାବେଳେ ଏଥିରେ ପାଖାପାଖି ୮୦୦ ଲୋକ ବସବାସ କରୁଛନ୍ତି। ସ୍ୱାଧୀନତାକୁ ୭୯ ବର୍ଷ ପୂରିଥିଲେ ମଧ୍ୟ ଗ୍ରାମକୁ ଏଯାବତ୍ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ବିଜୁଳି ଆଲୁଅ ନ ଥିବାରୁ ଗ୍ରାମବାସୀ ଅନ୍ଧକାରରେ କାଳାତିପାତ କରୁଛନ୍ତି। ରାତି ହେଲେ ଗାଁରେ ବନ୍ୟଜନ୍ତୁଙ୍କ କରାଳ ଶବ୍ଦ ଶୁଣାଯିବା ସହ, ଅନ୍ଧାର ହେତୁ ରାତ୍ରିରେ ବିଷାକ୍ତ ସାପ କାମୁଡ଼ାରେ ଅନେକ ଲୋକ ମୃତ୍ୟୁବରଣ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। କେନ୍ଦ୍ରସରକାରଙ୍କ ଯୋଜନା ଏମାନଙ୍କ ପାଇଁ ସତେ ଯେମିତି ସାତସପନ। ଆଜି ବି ଏମାନେ ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ। ଅନ୍ଧାରୀ ମୂଳକରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରଛାତ୍ରୀମାନେ ରାତ୍ରି ସମୟରେ ପାଠପଢ଼ି ପାରୁନାହାଁନ୍ତି। ଆଦିମ ଆଦିବାସୀମାନେ ଗ୍ରାମ ନିକଟରୁ ପ୍ରାୟ ୨ କିଲୋମିଟର ଦୂରତାରେ ଥିବା ନୂଆସାହି ଗ୍ରାମକୁ ମୋବାଇଲ ଚାର୍ଜ କରିବା ପାଇଁ ଯାଉଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ବିଦ୍ୟୁତ୍‌ସେବା ଯୋଗାଣ ନିମନ୍ତେ କେନ୍ଦୁଝର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ବାରମ୍ବାର ନିବେଦନ ପତ୍ର ଦାଖଲ ସତ୍ତ୍ୱେ, ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇବା ଦିଗରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏହା ସହିତ କୁମ୍ଭିଟାଙ୍ଗିରୀ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ବାରମ୍ବାର ଦାବି ହେଉଥିଲେ ମଧ୍ୟ, ତାହା ପୂରଣ ହୋଇ ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ନିକଟସ୍ଥ ପାଲବଣୀ ଗ୍ରାମରେ ୯ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ବସୁଧା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସରିପାରୁନି। ଫଳରେ ଗ୍ରାମବାସୀ ପାନୀୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀଙ୍କୁ ବିଦ୍ୟୁତ ସେବା ଯୋଗାଇବା ସହ କୁମ୍ଭିଟାଙ୍ଗିରୀକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ଏବଂ ଗ୍ରାମର ବସୁଧା ନିର୍ମାଣ ସଂପୂର୍ଣ୍ଣ କରାଯିବା ସମୂହ ଦାବିରେ ଗ୍ରାମବାସୀ ଚଳିତ ମାସ ଜୁଲାଇ ୨୧ ତାରିଖରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିବେ। ଏଥିପାଇଁ ଗ୍ରାମବାସୀ ଶନିବାର ଗାଁରେ ଏନେଇ ଏକ ପ୍ରସ୍ତୁତି ବୈଠକ କରିଥିଲେ। ଏହି ବୈଠକରେ ଗ୍ରାମର ମାଣିକ ପିଙ୍ଗୁଆ, ରାଜେଶ ବାନ୍ଦିଆ, ଲାଦୁରା ହେମ୍ବ୍ରମ୍, ସାମାଜିକ କର୍ମୀ ଗାମାଏ ରୀମିଲ ସିଂ ଗୋଇପାଇ, ପିଣ୍ଟୁ ହେମ୍ବ୍ରମ୍, ଜମାଦାର ବାଲମୁଚୁ, ରାମ ସିଂ ବୁଲିଉଲି, ମୋହନ ପୂର୍ତ୍ତି, ଚନ୍ଦ୍ରମୋହନ ହେମ୍ବ୍ରମ୍, ରଶ୍ମିତା ଦେଓଗାମ , କୁନି ହେସାଃ, କଂସଲା ହେମ୍ବ୍ରମ, ସୁରେନ୍ଦ୍ର ହେସା, ଛତିଶ ହେମ୍ବ୍ରମ, ଲଛମୋହନ ହେସା ଏବଂ ଗଣେଶ ଜେରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକ ଅମରେନ୍ଦ୍ରଲାଲଙ୍କ ସ୍ମୃତିରେ ରକ୍ତଦାନ ଶିବିର



ବାରିପଦା, ୧୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକତାର 'ଭୀଷ୍ମ ପିତାମହ' ଭାବେ ପରିଚିତ ସ୍ୱର୍ଗତଃ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମ୍ବାଦିକ ପରିବାର ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସଏ ଉଦଘାଟନ କରି ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇ ନିଜେ ରକ୍ତଦାନ କରି ଦିବଂଗତ ବୋଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁଦ୍ୟାଙ୍କ ଉପସ୍ଥିତିରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କଳିଙ୍ଗ କେଶରୀ ଜେନା, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ, ସୁକାନ୍ତ କୁମାର ଜିଉ, ସମାଜସେବୀ ଅମରସେଠୀ ଓ ସୁବ୍ରତ ସାହୁ, ବିଜୟ କୁମାର ଦାସ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର କୋଣ ଅନୁକୋଣରୁ ସାମ୍ବାଦିକ ଓ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତ ଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶିବିରରେ ମୋଟ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ରକ୍ତଦାତା କାର୍ଡ ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଜିତ ମହାନ୍ତି, ଦେବାଶିଷ ପାତ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସୌମରଞ୍ଜନ ମିଶ୍ର, ରାଜା ଖାନ୍, ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁନୀଲ ନାୟକ ପ୍ରମୁଖ ମହତ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ସୌମରଞ୍ଜନ ନାୟକ ଓ ବୈଷୟିକ ଟିମ୍ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ଏବଂ ଶିବିର ପରିଚାଳନାରେ ସୋମନାଥ ସିଂ, ନିରୋଜ ଲୋଚନ ପୁଥାଳ ଓ ଅସୀମ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ୨୦୨୭ ଜାନୁଆରୀ ୧୭ ତାରିଖରେ ଜିଲ୍ଲାର ଅନ୍ୟତମ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

● କରଞ୍ଜିଆରେ ପୁଲିସର ସ୍ୱତନ୍ତ୍ର ଚଢ଼ଉ

## ୪ ମଦ୍ୟପ ଚାଳକଙ୍କ ନାମରେ ମାମଲା

କରଞ୍ଜିଆ, ୧୧।୭(ସମିସ): ରାଇରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ବିଦେଶୀ ମଦ ଦୋକାନଗୁଡ଼ିକରେ ସ୍ୱତନ୍ତ୍ର ଯାଞ୍ଚ ଓ ଚଢ଼ଉ ଅଭିଯାନ ଚାଲିଥିଲା। ଏହି ଅଭିଯାନ ସମୟରେ ମଦ୍ୟପ ଅବସ୍ଥାରେ ବାଇକ୍ ଚଳାଉଥିବା ୪ ଜଣ ଚାଳକଙ୍କୁ ଧରି ସେମାନଙ୍କ ବିରୋଧରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ଗୋଲେଇ ଛକ, ମାଣିକା ଛକ, ବାଇପାସ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଡୋଲା ମେଳଣ ପଡ଼ିଆ, ଟାଟୋ ଅଞ୍ଚଳରେ ଥିବା ସମସ୍ତ ଠିପି ବନ୍ଦ ଓ ଠିପି ଖୋଲା ମଦ ଦୋକାନରେ ଯାଞ୍ଚ କରାଯାଇଥିଲା। ଦୋକାନ ମାଲିକଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦୋକାନ ବନ୍ଦ କରିବା, ଦୋକାନ ଭିତରେ କିମ୍ବା ବାହାରେ କୌଣସି ବ୍ୟକ୍ତିଙ୍କୁ ମଦ୍ୟପାନ କରିବାକୁ ଅନୁମତି ନ ଦେବା, ସର୍ବସାଧାରଣ ସ୍ଥାନରେ ମଦ ବୋତଲ ନ ଫିଙ୍ଗିବା ସହ ଆଇନ ମାନି ବ୍ୟବସାୟ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ବେଳେ ମଦ୍ୟପ ଅବସ୍ଥାରେ ବାଇକ୍ ଚଳାଉଥିବା ୪ ଜଣ ଚାଳକଙ୍କୁ ପୁଲିସ ଧରିଥିଲା। କଙ୍କଡ଼ା ଗ୍ରାମର ଯୁଗଳ ନାୟକ, କରଞ୍ଜିଆର ମନିର ହୁସେନ, ଟାଟୋର ପ୍ରଶାନ୍ତ ନାୟକ, ପାଟଣାର ସଞ୍ଜୟ ବେହେରା ଧରାପଡ଼ିଥିଲେ ଓ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସମସ୍ତଙ୍କୁ କରଞ୍ଜିଆ ଥାନାକୁ ଆଣି ନୋଟିସ ପ୍ରଦାନ, ଫିଙ୍ଗର ପ୍ରିଣ୍ଟ ସଂଗ୍ରହ ଓ ଭବିଷ୍ୟତରେ ଏପରି ଅପରାଧ ନ କରିବାକୁ ଲିଖିତ ପ୍ରତିଶ୍ରୁତିନାମା ନେବା ପରେ ପରିବାର ସଦସ୍ୟଙ୍କ ଜିମାରେ ଛାଡ଼ି ଦିଆଯାଇଥିଲା। ଅଗଷ୍ଟ ମାସରୁ ହେଲମେଟ ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯିବ। ଏହି ସ୍ୱତନ୍ତ୍ର ଅଭିଯାନରେ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଆଇଆଇସି, ଏସ୍‌ଆଇ ଭାରତୀ ବାରିକ, ଏଏସ୍‌ଆଇ ସାଲଖାନ ହେମ୍ବ୍ରମ, ସନ୍ତୋଷ ନାୟକ ଓ ଅନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ।

## ଧଳାପଥର ବୋଝେଇ ଟ୍ରକ୍ ଜବତ



ସାରସକଣା, ୧୧।୭(ସମିସ): ଝାରପୋଖରିଆ ଟୋଲ ଗେଟ୍ ନିକଟରୁ ଏକ ଧଳାପଥର ବୋଝଇ ଟ୍ରକ୍‌କୁ ଗତକାଲି ରାତିରେ ଜବତ କରାଯାଇ ଥାନାରେ ଅଟକ ରଖାଯାଇଛି। ଝାରପୋଖରିଆ ଥାନା ନୂତନ ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଗୁରୁବାର ରାତିରେ ଏକ ଧଳାପଥର ବୋଝେଇ ଟ୍ରକ୍ ଆସୁଥିବା କୌଣସି ସୂତ୍ରରୁ ଖବର ପାଇଥିଲେ ଏବଂ ଏହାକୁ ଝାରପୋଖରିଆ ଟୋଲ ଗେଟ୍ ନିକଟରୁ ଜବଦ କରି ଥାନାରେ ଅଟକ ରଖିଛନ୍ତି। ଜବତ ହୋଇଥିବା ଟ୍ରକ ନଂ ହେଉଛି WB ୪୯-୫୩୪୫। ତେବେ ଥାନାଧିକାରୀ ପାଟ୍ରୋଲିଂରେ ଯାଇଥିବା ବେଳେ ଡବ୍ଲ୍ୟୁବି ନଂ ବିଶିଷ୍ଟ ଉକ୍ତ ଟ୍ରକ୍ ଗ୍ରାମାଞ୍ଚଳ ରାସ୍ତାରେ ଯାଉଥିବା ସନ୍ଦେହ ହେବାରୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଧଳାପଥର ବୋଝେଇ ହୋଇଥିବା ଜାଣିବାକୁ ପାଇଲେ। ଟ୍ରକ୍‌କୁ ଜବତ କରିବା ସହିତ କେସ୍ ନଂ ୨୦୨/୨୦୨୬ରେମାମଲାରୁଜୁକରିଅଟକଥିବାଡ୍ରାଇଭରକୁଜାମିନରେଛଡ଼ାଯାଇଥିବା ଥାନାଧିକାରୀ କହିଛନ୍ତି। ନୂତନ ଅଧିକାରୀଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ଖଣିଜ ପରିବହନ ଉପରେ ପୋଲିସର କଡା ନଜର ରହିଥିବା ସ୍ପଷ୍ଟ ସଙ୍କେତ ମିଳିଛି। ଏ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଝାରପୋଖରିଆ ନୂତନ ପୋଲିସ ଅଧିକାରୀଙ୍କ ଉକ୍ତ ପଦକ୍ଷେପକୁ ସାଧାରଣ ଲୋକେ ସ୍ୱାଗତ ଜଣାଇଛନ୍ତି।

● ରୋଟାରୀ ହେରିଟେଜର ୯ମ ଅଧିଷ୍ଠାନ ଉତ୍ସବ

## ତରଣୀସେନ ସଭାପତି, ସଞ୍ଜୀବ ସମ୍ପାଦକ



ବାରିପଦା, ୧୧।୭(ସମିସ): ରୋଟାରୀ କ୍ଲବ୍ ଅଫ୍ ବାରିପଦା ହେରିଟେଜର ୯ମ ଅଧିଷ୍ଠାନ ଉତ୍ସବ ପାଲବଣୀ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ସଭାପତି ରୋଟାରିୟାନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱ ରୋଟାରିୟାନ ସନ୍ତୋଷ କୁମାର କାସ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପିଡିଜି ଶାନ୍ତନୁ କୁମାର ପାଣି, ମୁଖ୍ୟବକ୍ତା ଭାବେ ବାରିପଦା କ୍ଲବର ପିପି ରାକେଶ ସିଂ, ସମ୍ମାନିତ ଅତିଥି ଭାବେ ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର କ୍ଲବ୍ର ଏଜି ମୋହନ ବର୍ଣ୍ଣୱାଲ ଯୋଗଦେଇଥିଲେ। ସଭାପତି ଶ୍ରୀ ପ୍ରଧାନ ତାଙ୍କ କାର୍ଯ୍ୟକାଳରେ ସମ୍ପାଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପ ଅନ୍ନପୂର୍ଣ୍ଣା ଦିବସ, ବୃକ୍ଷରୋପଣ, ଦାନ୍ତ ଏବଂ ଚକ୍ଷୁ ପରୀକ୍ଷା, ଜାତି ନିର୍ମାତା ପୁରସ୍କାର, କମ୍ବଳ ବଣ୍ଟନ, ବିଭିନ୍ନ ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା ଇତ୍ୟାଦି ବିଷୟରେ ରିପୋର୍ଟ ପ୍ରଦାନ କରିଥିଲେ। ତତ୍‌ପରେ ରୋଟାରିୟାନ ଇଞ୍ଜିନିୟର ତରଣୀସେନ ଧଳଙ୍କୁ ପ୍ରେସିଡେଣ୍ଟ କଲର ପ୍ରଦାନ ପୂର୍ବକ ୨୬-୨୭ ବର୍ଷ ପାଇଁ ସଭାପତି ଏବଂ ସଂଜୀବ କୁମାର ଦଣ୍ଡପାଟଙ୍କୁ ସମ୍ପାଦକ ଦାୟିତ୍ୱ ଅର୍ପଣ କରିଥିଲେ। ନୂତନ ସଭାପତି ସମ୍ପାଦକ ତାଙ୍କ କାର୍ଯ୍ୟକାଳରେ କଣ ପଦକ୍ଷେପ ହାତକୁ ନିଆଯିବ ସେ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ପାଣି ମୁଖ୍ୟବକ୍ତା ଶ୍ରୀ ସିଂ ରୋଟାରୀର ଆଦର୍ଶକୁ ଦୃଷ୍ଟିରେ ରଖି ସମାଜର ତୃଣମୂଳ ସ୍ତରରେ ଥିବା ଲୋକମାନଙ୍କ ପାଖରେ କିପରି ରୋଟାରୀ ପହଞ୍ଚିପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଆବଶ୍ୟକ ସମୟରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ଶ୍ରୀ ପାତ୍ର ଓ ଶ୍ରୀ ବର୍ଣ୍ଣୱାଲ ପ୍ରତିଶୃତି ଦେଇଥିଲେ। ତାପରେ ସୋସିଆଲ ୱେଲଫେୟାର ଫୋରମର ସଂଯୋଜକ ତଥା ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ମ୍ୟାନେଜର ବିଶ୍ୱଜିତ ନାୟକଙ୍କୁ ସମାଜସେବା ପାଇଁ ପୁଷ୍ପତାରା ସହ ଉତ୍ତରୀୟଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ରୋଟାରୀ କ୍ଲବ ବାରିପଦା, ମୟୂର, ଇନରହୁଇଲ, ଉଦଳା, ବେତନଟୀ ଏବଂ ଶାଶ୍ୱତର ସଭ୍ୟ ସଭ୍ୟାମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ରୋଟାରୀର ଇତିହାସ ଓ କାର୍ଯ୍ୟକଳାପ ଉପରେ ସଭ୍ୟ ରାଜେଶ କୁମାର ପଢ଼ିଆରୀ ବକ୍ତବ୍ୟ ଓ ସଭ୍ୟ ଜ୍ୟୋତିପ୍ରକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ। କ୍ଲବ୍ର ସଭ୍ୟ ଅନିରୁଦ୍ଧ ପୃଷ୍ଟି, ଅମିତାଭ ପଟ୍ଟନାୟକ, ପ୍ରଦୀପ ନାୟକ, ଶୈବାଳକାନ୍ତ ନାୟକ, ନଳିନ କୁମାର ଚୌଧୁରୀ, ଚିତ୍ତରଞ୍ଜନ ପଳତା, ଶୁଭେନ୍ଦୁ ସାହୁ, ସୁବ୍ରତ ଦାଶ, ଡାକ୍ତର ଚନ୍ଦ୍ରମୋହନ ସିଂ ତଥା ସେଣ୍ଟ ଜାଭିୟରର କର୍ମଚାରୀମାନେ ଆନ୍ତରିକତାର ସହ ସହଯୋଗ ଦେଇ ଉତ୍ସବକୁ ସଫଳ କରିଥିଲେ।

## ମା' କିଚକେଶ୍ୱରୀ ବିଦ୍ୟାଳୟରେ ଚାରା ରୋପଣ

ଖିଚିଂ, ୧୧।୭(ସମିସ): ଖିଚିଂସ୍ଥ ମା' କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ସୁଧାକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନନ୍ତ କୁମାର ମହାକୁଡ଼, ରାଧୁ ମହାକୁଡ଼, ଅଜୟ କୁମାର ସି, ଶୈଳେଶ ଭୋଇ, ମହେନ୍ଦ୍ର ନାଏକ, ଚିତ୍ତରଞ୍ଜନ ସି, ଅଜୟ କୁମାର ବାରିକ ପ୍ରମୁଖ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ଏ ଅବସରରେ ପ୍ରଧାନଶିକ୍ଷକ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ, ସମ୍ପ୍ରତି ପରିବେଶର ସନ୍ତୁଳନ ରକ୍ଷା ପାଇଁ ବୃକ୍ଷ ରୋପଣ ଓ ବନ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବାରୁ ଛାତ୍ରଛାତ୍ରୀ ନିଜେ ଉଦାହରଣ ସୃଷ୍ଟି କରିବା ସହିତ ଏହି କାର୍ଯ୍ୟକ୍ରମକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିବା ଏକାନ୍ତ ଆବଶ୍ୟକ। ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଗଡ଼ଶିମିଳିପାଳ ହାଇସ୍କୁଲରେ ବନ ମହୋତ୍ସବ

ଯଶିପୁର,୧୧।୭(ସମିସ): ଶିମିଳିପାଳ ଜୈବମଣ୍ଡଳ ଅନ୍ତର୍ଗତ ଗଡ ଶିମିଳିପାଳ ହାଇସ୍କୁଲ୍ ଏବଂ ନଅଣା ବନାଞ୍ଚଳର ମିଳିତ ସହଯୋଗରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଧୁସୂଦନଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ



ମୁଖ୍ୟ ଅତିଥି ଭାବେ ଅସ୍ତକୁଅଁର, ଗ୍ରାମପଞ୍ଚାୟତର ସରପଞ୍ଚ ପ୍ୟାରୀ ଟୁଡ଼ି, ସମ୍ମାନିତ ଅତିଥି ୱାର୍ଡମେମ୍ବର କେର୍ସ ବାନରା, ସମାଜସେବୀ ସିକନ୍ଦର ଦେବଗାଉଁ, ମୁଖ୍ୟବକ୍ତା ଭାବେ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡକ୍ଟର ରମାକାନ୍ତ ମହାନ୍ତ, ଫରେଷ୍ଟ ଗାର୍ଡ ଅର୍ଚ୍ଚନା ବେହେରା, ଦୀପିକା ବାର୍ଲା, ଶିମିଳିପାଳ ବିକାଶ ପରିଷଦର ଆଞ୍ଚଳିକ ସଭାପତି ସଞ୍ଜୟ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ବନମହୋତ୍ସବ ପାଳନର ଲକ୍ଷ୍ୟ ଓ ତାତ୍ପର୍ଯ୍ୟ, ପ୍ରକୃତି ତଥା ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା କହିଥିଲେ। ଏଥିସହ ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କହିବା ସହ ପ୍ରକୃତି, ପରିବେଶ, ବୃକ୍ଷଲତା ଜୀବଜନ୍ତୁଙ୍କର ସେବା, ସୁରକ୍ଷା ଓ ବିକାଶ ପାଇଁ ଶପଥପାଠ କରାଇଥିଲେ। ଶେଷରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ସହିତ ମିଶି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ସାମାଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଧନ୍ୟବାଦ ଅର୍ପଣ କରିଥିଲେ ସୌଦାଗର ପାତ୍ର। ବନମହୋତ୍ସବ କାର୍ଯ୍ୟକ୍ରମକୁ ଆୟୋଜନ ଏବଂ ସଂଯୋଜନା କରିଥିଲେ କ୍ରୀଡା ଶିକ୍ଷକ ତଥା ଜୁନିଅର ରେଡକ୍ରସ ମାର୍ଗଦର୍ଶକ ଦିଲ୍ଲୀପ କୁମାର କୁଣ୍ଡୁ। ଏଥିରେ ଗଡ଼ ଶିମିଳିପାଳ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥଲେ।

## ଡିଭାଇନ୍ ନର୍ସିଂ କଲେଜ୍ ଓ ଉତ୍କଳ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବାରିପଦା, ୧୧।୭(ସମିସ): ବାରିପଦା ସହର ଉପକଣ୍ଠସ୍ଥ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ସରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥ ଉତ୍କଳ ହସପିଟାଲ, ଶାନ୍ତି ଚ୍ୟାରିଟେବୁଲ ଟ୍ରଷ୍ଟ, ବାରିପଦାର ରୋଟାରୀ କ୍ଲବ୍ ଓ ଇନର୍ ହୁଇଲ୍ କ୍ଲବ୍ ତଥା ଡିଭାଇନ୍ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଓ ରିସର୍ଚ୍ଚର ମିଳିତ ଉଦ୍ୟମରେ ଏହି ବୃହତ୍ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରଆୟୋଜିତ ହୋଇଥିଲା। ଏହି ବିଶାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟଟନ କରିଥିଲେ ବାରିପଦାର ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା। ସେହିପରି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା ବିଜୟ କୁମାର ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ରୋଟାରୀ କ୍ଲବ୍ର ସଭାପତି ତିମିର କୁମାର ଘୋଷ, ସମ୍ପାଦକ ସନ୍ଦିପ କୁମାର ଚାନ୍ଦ ଓ ସ୍ୱତନ୍ତ୍ର ଅତିଥି ଭାବେ ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଡା. ଅରୁଣ ମହାନ୍ତି ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସୁରେଶ ନାରାୟଣନ, ମାନବ ସମ୍ବଳ ଅଧିକାରୀ ସନ୍ଦିପ ନାୟକ, ବିପଣନ ମୁଖ୍ୟ ସୁବାସ ପତି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ଏବଂ ଉତ୍କଳ ହସ୍ପିଟାଲରୁ ଆସିଥିବା ସମସ୍ତ ଅଧିକାରୀ, ସମସ୍ତ ଚିକିତ୍ସକଙ୍କୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରିଥିଲେ ଡିଭାଇନର ପ୍ରତିଷ୍ଠାତା ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ। ଏଥିରେ ଉତ୍କଳ ହସ୍ପିଟାଲରୁ ଆସିଥିବା ସ୍ତ୍ରୀ ଓ ପ୍ରସୂତି, ଭେଷଜ, କର୍ଣ୍ଣ-ନାସା-ଗଳା, ଅସ୍ଥିଶଲ୍ୟ, ହୃଦରୋଗ, କର୍କଟ ଓ ଶିଶୁ ରୋଗ, ବୃକ୍କ ରୋଗ ବିଭାଗର ବରିଷ୍ଠ ଚିକିତ୍ସକ ସମୂହ ଉପସ୍ଥିତ ରହି ବାରିପଦା ସହର ଓ ସନ୍ନିକଟ ଅଞ୍ଚଳରୁ ୩୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ପ୍ରଦାନ କରିଥିଲେ। ଏହା ସହ ବିଭିନ୍ନ ରକ୍ତ ପରୀକ୍ଷା, ଇସିଜି ଇତ୍ୟାଦି ମାଗଣାରେ କରାଯାଇ ଥିଲା। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱନାଥ ଦାସ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ତେବେ ଉତ୍କଳ ହସପିଟାଲର ଅଧ୍ୟକ୍ଷ ଡା ଆଦିତ୍ୟ ସାମଲ ସୁଦୂର ଆମେରିକାରୁ ଏବଂ ନିର୍ଦ୍ଦେଶକ ଡା. ନିତ୍ୟାନନ୍ଦ ଉପଧ୍ୟାୟ ସୁଦୂର ଦୁବାଇରେ ରହି ଏହି




ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ। ଡିଭାଇନ୍‌ର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଅନୁଷ୍ଠାନକୁ କୃତଜ୍ଞତା ଜ୍ଞାପନ କରିବା ସହ ସ୍ୱାସ୍ଥ୍ୟ ଶିବିରର ଆବଶ୍ୟକତା ସମ୍ପର୍କରେ ନିଜ ମତ ରଖିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ସଫଳ ପରିଚାଳନା କରିବାରେ ଡିଭାଇନ୍ ଗ୍ରୁପର ସମସ୍ତ ଅଧାପକ-ଅଧାପିକା, କର୍ମଚାରୀ ଏବଂ ବିଶେଷ ଭାବେ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ବିଏସସି ଓ ଜିଏନ୍‌ଏମ୍ ଛାତ୍ର-ଛାତ୍ରୀଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ବନ ମହୋତ୍ସବ



ମୋରଡ଼ା, ୧୧।୭(ସମିସ): ମୋରଡ଼ା ବ୍ଲକ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ମହୁଲବଣିସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ମନୁଷ୍ୟ ସମାଜରେ ବୃକ୍ଷର ଉପକାରିତା ବାବଦରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏ ଅବସରରେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ଜାମୁ ଓ ବିଭିନ୍ନ ପ୍ରକାର ଫୁଲଗଛ ଲଗାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ଦାସ, ଅମାର୍ତ୍ତ ପାଳ, ସସ୍ମିତା ବାରିକ, ଅବିନାଶ ମହାନ୍ତ, ଦୁଲାରୀ ହାଁସଦା, ରିତାରାଣୀ ସାହୁ, କବିତା ସେଠୀ, ମଦନ ମାଝୀ, ସୁମନ୍ତ ମହାନ୍ତ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପଞ୍ଚାୟତ ସୋସିଆଲ ଅଡିଟ୍ ଖୋଲିଲା ଗୁମର

# ବଡ଼ସାହି ବ୍ଲକରେ ଫାର୍ମ ପଣ୍ଡ ଖୋଲିବା ନାମରେ ଦୁର୍ନୀତି ଅଭିଯୋଗ

ବଡ଼ସାହି, ୧୧।୭(ସମିସ): ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରିଥିବାବେଳେ ମନରେଗା ଯୋଜନାରେ ବଡ଼ସାହି ବ୍ଲକରେ ବହୁ ଫାର୍ମପଣ୍ଡ ଖୋଳାଯାଇଛି। ମାତ୍ର ପ୍ରକୃତ ହିତାଧିକାରୀ

■ ତରବରିଆ ଭାବେ ବ୍ୟାଙ୍କରେ ଜମାହେଲା ଟଙ୍କା

ଚୟନଠାରୁ ଆରମ୍ଭ କରି କାମରେ ବହୁ ଅନିୟମିତତା ହେଉଥିବାବେଳେ ବଡ଼ସାହି ବ୍ଲକ ପାଇଁ ଏହି ଯୋଜନା ଦୁଧିଆଳି ଗାଇ ସଦୃଶ ହୋଇଛି। ମିଥ୍ୟା ଶ୍ରମିକ ଦିବସ ସୃଷ୍ଟି କରି ଜାଲ ମାଷ୍ଟର ରୋଲ ପ୍ରସ୍ତୁତ କରି ଏହି ହରିଲୁଟ ଅଭିଯାନ ଚାଲୁ ରହିଛି। ଏପରିକି ହିତାଧିକାରୀ ମଧ୍ୟ ଏହାର ଟେର ପାଉନାହାନ୍ତି। ଏଭଳି ଏକ ଘଟଣା ତାଳପଦା ପଞ୍ଚାୟତ ମୈତ୍ରାପୁର ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ହିତାଧିକାରୀ ବିନୋଦ ଚନ୍ଦ୍ର ପାତ୍ରଙ୍କ ନାମରେ ୨୦୨୩-୨୪ ଆର୍ଥିକ ବର୍ଷରେ ଏକ ଫାର୍ମ ପଣ୍ଡ ଖୋଳିବା ପାଇଁ ପଞ୍ଚାୟତ ପକ୍ଷରୁ ହୋଇଥିବା ଗ୍ରାମ ସଭାରେ ମଞ୍ଜୁର ହୋଇ ଅନୁମୋଦନ ଲାଭ କରିଥିଲା। ଶ୍ରୀ ପାତ୍ର ନିଜର ଆର୍ଥିକ ସମସ୍ୟା ପାଇଁ ଏହା କରିପାରି ନ ଥିଲେ। ଏହାର ୨ ବର୍ଷ ପରେ ୨୦୨୬ ଜୁଲାଇ ୨ ତାରିଖରେ ପଞ୍ଚାୟତର ସାମାଜିକ ସମୀକ୍ଷା (ସୋସିଆଲ ଅଡିଟ)ରୁ ବିନୋଦ ପାତ୍ରଙ୍କ ନାମରେ ମଞ୍ଜୁର ହୋଇଥିବା ଫାର୍ମ ପଣ୍ଡ ଖୋଳାଯାଇ ନ ଥିଲେ ମଧ୍ୟ ଏହା ଖୋଳାଯାଇଥିବା ଦର୍ଶାଇ ୧ ଲକ୍ଷ ୫୫ ହଜାର ୬୧୦ ଟଙ୍କାର ମିଥ୍ୟା ବିଲ କରି ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଓ ମିଳିତ ଭାବେ ହରିଲୁଟ କରିଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ହିତାଧିକାରୀ ବିନୋଦ ପାତ୍ର ବଡ଼ସାହି ବିଡିଓ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ



ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ତେବେ ଉକ୍ତ ଦୁର୍ନୀତିର ଖବର ପ୍ରସାରିତ ହେବା ପରେ ସୋସିଆଲ ଅଡିଟ ରିପୋର୍ଟରେ ଲେଖାଯାଇ ତରବରିଆ ଭାବେ ବ୍ୟାଙ୍କ ଅଫ ଇଣ୍ଡିଆରେ ୫୫୦୧୧୦୧ ୧୦୦୨୪୦୬୫ ଆକାଉଣ୍ଟ ନମ୍ବରରେ ସମୁଦାୟ ୧ ଲକ୍ଷ ୫୫ ହଜାର ୬ ଶହ ୧୦ ଟଙ୍କା ଜମା କରାଯାଇଥିବା ଜଣାଯାଇଛି। ହଠାତ୍ ଏହି ଟଙ୍କା କେଉଁଠୁ ଆସିଲା ଓ କିଏ ଏତେ ଶୀଘ୍ର ନେଇ ବ୍ୟାଙ୍କରେ ଜମା କଲେ, ଏହାକୁ ନେଇ ପ୍ରଶ୍ନ ଉଠିଛି। ଏହାକୁ ଚାପି ଦେବା ପାଇଁ ରାଜନୈତିକ ତଥା ଠିକାଦାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କେବଳ ତାଳପଦା ପଞ୍ଚାୟତରେ ନୁହେଁ, ବହୁ ପଞ୍ଚାୟତରେ ମନରେଗା ଯୋଜନାରେ ସରକାର ଦୁର୍ନୀତି ରୋକିବାକୁ ଯେତେ ପ୍ରୟାସ କଲେ ମଧ୍ୟ ଅଧିକାରୀ ଓ ଠିକାଦାର ନୂଆ ନୂଆ ତାରିକା ଆପଣେଇ ଏହି ଯୋଜନାକୁ ଲୁଟ କରି ଚାଲିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

# ଏମ୍ଡିଏମ୍ ଚାଉଳରେ ବିଷ ମିଶିବା ଘଟଣାରେ ବଦଳିଲେ ପ୍ରଧାନଶିକ୍ଷୟିତ୍ରୀ

ଖଇରା,୧୧।୭ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ କଳକୁଆ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳରେ ବିଷ ମିଶିବା ଘଟଣାରେ ଶିକ୍ଷା ବିଭାଗ ତରଫରୁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କ ପକ୍ଷରୁ ସହକାରୀ ଶିକ୍ଷୟିତ୍ରୀ କଳ୍ପନା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ଥାନାରେ ଲିଖିତ ଅଭିଯୋଗ ପରେ ଖଇରା ପୁଲିସ ଜୁନ ୩୦ ତାରିଖରେ ଏକ ମାମଲା(୧୬୩/୨୬) ରୁଜୁ କରିଛି ଏବଂ ଗିରଫ ପାଇଁ ପ୍ରଚେଷ୍ଟା ଜାରି ରହିଥିବା ନେଇ ଖଇରା ପୋଲିସ କହିଛି। ସେହିଭଳି ପ୍ରଧାନଶିକ୍ଷୟିତ୍ରୀ ରଜନୀ ପ୍ରଧାନଙ୍କୁ ଜୁଲାଇ ୭ତାରିଖରେ ସୋର ବ୍ଲକ କାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ସେପଟେ କଳମଚୁଆ ପ୍ରାଥମିକ ବିଦ୍ୟାଳୟର ସରକାରୀ ଶିକ୍ଷକ କୈଳାସ ଚନ୍ଦ୍ର ହାତୀଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଉକ୍ତ ବିଦ୍ୟାଳୟରେ ଗଚ୍ଛିତ ଥିବା ୭ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳରେ ବିଷ ମିଶାଯିବା ନେଇ ରୋଷେଇ ଦାୟିତ୍ୱରେ ଥିବା ମହିଳା ଗ୍ରାମବାସୀଙ୍କୁ ଜଣାଇବା ପରେ ସମୂହ ଅଭିଭାବକ ଗତ ଜୁନ ୧୭ତାରିଖରେ ବିଦ୍ୟାଳୟରେ ତାଲାଦେଇ ଧାରଣାରେ ବସିଥିଲେ। ଏବିଓ ଲକ୍ଷ୍ମୀଧର ସିଂ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଏଆଇଡିଓ୍ୱାଇଓ ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର(ଉତ୍ତର), ୧୧।୭ (ସମିସ): ଏନଟିଏକୁ ବାତିଲ କରି ପରୀକ୍ଷା ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଏବଂ ବେକାର ମାନଙ୍କୁ ନିଯୁକ୍ତି ଦାବିରେ ଏଆଇଡିଓ୍ୱାଇଓ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୋଗରାଇ ବିଡ଼ିଓ ଙ୍କୁ ଏକ ସ୍ମାରକପତ୍ର ଭୋଗରାଇ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଘରୋଇ ସଂସ୍ଥା ଏନ ଟି ଏ କୁ ନହେଁ ସରକାର ନିଜେ ନିଯୁକ୍ତି ପରୀକ୍ଷା ଗୁଡିକୁ ପରିଚାଳନା କରି ସ୍ୱଚ୍ଛତା ବଜାୟ ରଖିବା, ସରକାରୀ ଦପ୍ତରରେ ଖାଲି ପଡିଥିବା ପଦବୀରେ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେଇ ପଦବୀ ପୂରଣ କରିବା, ମଦ ଓ ଅଶ୍ଳୀଳ ୱେବ ସାଇଟ ବନ୍ଦ କରିବା,ତ୍ରୁଟି ପୂର୍ଣ୍ଣ ଓ ଅବୈଜ୍ଞାନିକ ପାଠ୍ୟ ପୁସ୍ତକକୁ ବାତିଲ କରି ନୂତନ ପୁସ୍ତକ ଅବିଳମ୍ବେ ଯୋଗାଇ ଦେବା ଓ ଚଳିତ ବର୍ଷ ପୁରୁଣା ବହିରେ ପଢ଼ାଇବା ଇତ୍ୟାଦି ଦାବି ରହିଛି। ସଙ୍ଗଠନ ତରଫରୁ ତାରିଜେଣ୍ଡିଆ ପ୍ରତିନିଧିଦଳ ଭୋଗରାଇ ବିଡିଓ ପ୍ରଶାନ୍ତ ମହାରଣାଙ୍କୁ ଭେଟି ତାଙ୍କ ସହିତ ସମସ୍ତ ବିଷୟ ଉପରେ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏ ଆଇ ଡି ୱାଇ ଓ ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ସସ୍ମିତା ମହାନ୍ତି ଏହି ଆଲୋଚନାରେ କହିଥିଲେ ଯେ ସରକାର ଯଦି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନର ଯୁବ ଅସନ୍ତୋଷ ପାଇଁ ସରକାର ଦାୟୀ ରହିବେ। ଅନ୍ୟମାନଙ୍କ ମଧ୍ୟରେ ଗୌରମ ମହାନ୍ତି ପ୍ରମୁଖ ସଙ୍ଗଠନ ର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ବାଲେଶ୍ୱର,୧୧।୭ (ସମିସ): ନିର୍ମାଣ ଶ୍ରମିକ ପଞ୍ଜୀକରଣ, ନବୀକରଣ ଓ ସହାୟତା ରାଶି ପ୍ରଦାନରେ ଜନସେବା କେନ୍ଦ୍ର ପକ୍ଷରୁ ଅନିୟମିତତା କାର୍ଯ୍ୟ କରୁଥିବା ନେଇ ବିଭିନ୍ନ କେନ୍ଦ୍ରୀୟ ଓ ସ୍ଥାନୀୟ ଶ୍ରମିକ ସଂଗଠନ ପକ୍ଷରୁ ଏହାକୁ ସଠିକ ଭାବେ ପରିଚାଳନା କରିବା ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଜନସେବା କେନ୍ଦ୍ର ଗୁଡିକରେ ନିର୍ମାଣ ଶ୍ରମିକ କାର୍ଡ ପଞ୍ଜିକୃତ କରାଯିବ ନାହିଁ, ପଞ୍ଜିକୃତ ଶ୍ରମିକ ସଂଗଠନ ମାନେ ସଠିକ ତଦନ୍ତ କରି ଜିଲ୍ଲାଶ୍ରମ କାର୍ଯ୍ୟାଳୟ କୁ ପଠାଇବେ, ଯଦି କିଛି ଭୁଲ ତଥ୍ୟ ପ୍ରଦାନ କରନ୍ତି ସେଥିପାଇଁ ଶ୍ରମିକ ସଂଗଠନ ଦାୟୀ ରହିବେ, ପ୍ରତି ୟୁନିୟନରୁ ଜଣେ କରି କର୍ମକର୍ତ୍ତା ଅଫିସରେ କାର୍ଯ୍ୟ କରିବେ ଆଦି ଦାବିଗୁଡିକ ସମ୍ପର୍କରେ ଆଲୋଚନା କରାଯିବା ସହିତ ଆଗାମୀ ଦିନରେ କାର୍ଯ୍ୟାଳୟ ପକ୍ଷରୁ ଦାବିଗୁଡିକ ପ୍ରତି ଧ୍ୟାନ ନଦିଆଗଲେ ଶ୍ରମିକ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନରେ କୋର୍ଡିନେସନ କମିଟି ସଭାପତି ପିତାମ୍ବର ମାଝୀ, ସମ୍ପାଦକ ବିଜୟ କୁମାର ପାତ୍ର,ସଞ୍ଜୟ କୁମାର ସାମଲ, ବିରଞ୍ଚି ପ୍ରଧାନ, ବାସନ୍ତୀ ସାମଲ,ପ୍ରଶାନ୍ତ ମିଶ୍ର, କୈଳାସ ଚନ୍ଦ୍ର ଲେଙ୍କା, ମିନତୀ ବେହେରା, କୃଷ୍ଣଚନ୍ଦ୍ର ଜେନା ପ୍ରଭୃତି ଉପସ୍ଥିତ ରହିଥିଲେ।

# ଆଇନଗତ ସଚେତନତା କର୍ମଶାଳା

କାଳିପଦା, ୧୧।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ଶନିବାର ମହାବିଦ୍ୟାଳୟର ସଭା ଗୃହରେ ଆଇନଗତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରିଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବରେ ସିଂଲା ଥାନାଧିକାରୀ ସୁଚନ୍ଦ୍ର ମହାଲିକ, ମୁଖ୍ୟବକ୍ତା ଭାବରେ ଅଧାପିକା ତନୁଶ୍ରୀ ନାୟକ, ସମ୍ମାନିତ ଅତିଥି ଭାବରେ ପ୍ରଧାପକ ସଂଗ୍ରାମ କେଶରୀ ନାୟକ, ଶକ୍ତିଶ୍ରୀ ସାଥୀ ପ୍ରଜ୍ଞା ପ୍ରିୟ ଦର୍ଶିନୀ ପରିଡା, ରିସୋର୍ସ ପର୍ସନ ଭାବେ ସାବିତ୍ରୀ ଗିରି ପ୍ରମୁଖ ଯୋଗ ଦେଇ ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମଞ୍ଚ ଆହ୍ୱାନ ବିବରଣୀ ଶକ୍ତିଶ୍ରୀ ସଂଯୋଜିକା ଅଧାପିକା ସ୍ୱାଗତିକା ଜେନା କରିଥିବା ବେଳେ ପଦାର୍ଥ ବିଜ୍ଞାନ ବିଭାଗ ଅଧାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁକୁ ନାହିଁ ପକ୍କା ରାସ୍ତା, ବର୍ଷା ହେଲେ ମରଣଯନ୍ତା

ବାଲେଶ୍ୱର,୧୧।୭ (ସମିସ)



ସ୍ୱାଧୀନତାର ଦଶନ୍ଧି ପରେ ମଧ ଗୋଟିଏ ଗାଁକୁ ଚଳନଯୋଗ୍ୟ ରାସ୍ତା ଯୋଗାଇବାରେ ପ୍ରଶାସନର ବିଫଳତା ପୁଣିଥରେ ପଦାକୁ ଆସିଛି। ସଦର ବ୍ଲକର ପରିଖି ପଞ୍ଚାୟତ ଅଧୀନ ୧୫ ନମ୍ବର ୱାର୍ଡର ମାଝିଚକ ଗ୍ରାମକୁ ସଂଯୋଗ କରୁଥିବା ପ୍ରାୟ ଏକ କିଲୋମିଟର ମାଟି ରାସ୍ତା ଲଗାତାର ବର୍ଷା ପରେ କାଦୁଅ ଓ ପାଣିରେ ବୁଡ଼ି ଯାଇଛି। ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାବେଳେ ସେଥିରେ ପାଣି ଜମି ରହିଛି। ଫଳରେ ସାଇକଲ, ବାଇକ୍ ତ ଦୂରର କଥା, ପାଦରେ ଚାଲିବା ମଧ ବିପଦପୂର୍ଣ୍ଣ ହୋଇପଡ଼ିଛି। ବର୍ଷା ଜାରି ରହିଲେ ଗାଁ ସହ ବାହାର ଜଗତର ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତା ଉପରେ ନିର୍ଭର କରି ସ୍କୁଲ, ଅଙ୍ଗନବାଡ଼ି, ବଜାର, ସ୍ୱାସ୍ଥ୍ୟକେନ୍ଦ୍ର ଓ ଦୈନନ୍ଦିନ କାମକୁ ଲୋକମାନେ ଯାତାୟାତ କରୁଛନ୍ତି। ହେଲେ ବର୍ଷା ହେଲେ ଏହି ରାସ୍ତା ମରଣଯନ୍ତାରେ ପରିଣତ ହେଉଛି। ଛାତ୍ରଛାତ୍ରୀମାନେ କାଦୁଅରେ ପଡ଼ି ଘରକୁ ଫେରୁଛନ୍ତି, ଅନେକ ପିଲା ସ୍କୁଲ ଓ ଟ୍ୟୁସନ୍ ଯାଇପାରୁ ନାହାନ୍ତି। ରୋଗୀଙ୍କୁ ହସ୍ପିଟାଲକୁ ନେବା ମଧ କଷ୍ଟକର ହୋଇପଡ଼ିଛି। ପାଣି ଆଣିବା ପାଇଁ ମହିଳାମାନେ ମଧ ନାହିଁନଥିବା ହଇରାଣ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବର୍ଷ ବର୍ଷ ଧରି ନେତା ଓ ପ୍ରଶାସନ ପ୍ରତିଶ୍ରୁତି ଦେଉଥିଲେ ମଧ ରାସ୍ତାର ସ୍ଥାୟୀ ସମାଧାନ ହୋଇନାହିଁ। ପ୍ରାୟ ୧୫ ବର୍ଷ ତଳେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ଗତବର୍ଷ ୱାର୍କ ଅର୍ଡର ମଧ ଆସିଥିଲା, କିନ୍ତୁ କାମ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନ ନିଆଯିବାରୁ ଗ୍ରାମବାସୀଙ୍କ ମଧରେ କ୍ଷୋଭ ବଢ଼ିଛି।

## ମରାମତି ନ ହେଲେ ଭୋଟ ବର୍ଜନ ଚେତାବନୀ ଦେଲେ ଗ୍ରାମବାସୀ

ସ୍ଥାନୀୟ ବାସିନ୍ଦା ସରୋଜ କହିଛନ୍ତି, ରାସ୍ତା ପ୍ରତି ପ୍ରଶାସନର କୌଣସି ନଜର ନାହିଁ। ବର୍ଷ ବର୍ଷ ଧରି କେବଳ ପ୍ରତିଶ୍ରୁତି ମିଳୁଛି, କାମ କିଛି ହେଉନାହିଁ। ତୁରନ୍ତ ରାସ୍ତା ପିଚୁ ନ କରାଗଲେ ଆଗାମୀ ନିର୍ବାଚନରେ ଗ୍ରାମବାସୀ ମିଳିତ ଭାବେ ଭୋଟ ବର୍ଜନ କରିବେ। ଅନ୍ୟପଟେ ସ୍ଥାନୀୟ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ରାଉତ କହିଛନ୍ତି, ପଞ୍ଚାୟତରେ ୧୭ ଟି ୱାର୍ଡ ଥିବାରୁ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ହେଉନାହିଁ। ଏହି ରାସ୍ତା ପାଇଁ ପ୍ରତିବର୍ଷ କିଛି ଅର୍ଥ ବ୍ୟୟ ହେଉଥିଲେ ମଧ ସ୍ଥାୟୀ ସମାଧାନ ସମ୍ଭବ ହେଉନାହିଁ। ଏନେଇ ବିଡିଓ, ଜନଶୁଣାଣି ଓ ସମିତି ବୈଠକରେ ବାରମ୍ବାର ଅବଗତ କରାଯାଇଥିବା ସେ କହିଛନ୍ତି। ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ରାସ୍ତାର ତୁରନ୍ତ ମରାମତି ଓ ପିଚୁ ରାସ୍ତା ପାଇଁ ଦାବି ଜଣାଇବାକୁ ମନସ୍ଥ କରିଛନ୍ତି। ପ୍ରଶାସନ ଏବେ ମଧ ନିଦ ଭାଙ୍ଗିବ କି ନାହିଁ, ନା ମାଝିଚକ ବାସୀ ଆହୁରି ଦିନ କାଦୁଅରେ ଜୀବନ ବିତାଇବେ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଜଳେଶ୍ୱର ସହରର ମୁଖ୍ୟ ସଡ଼କ ଯାତ୍ରୀଙ୍କ ପାଇଁ ସାଜିଛି ବିପଦ

ଜଳେଶ୍ୱର, ୧୧।୭ (ସମିସ): ଜଳେଶ୍ୱର ସହରର ମୁଖ୍ୟ ସଡକ ବଡ ବଜାର ବିଜୁଛକ ନିକଟରୁ ଷ୍ଟେସନ ବଜାର ବସଷ୍ଟାଣ୍ଡ, ବ୍ଲକ ରୋଡ ଓ ନୂଆବଜାର ପର୍ଯ୍ୟନ୍ତ ରାସ୍ତାରେ ଯାତାୟତ ବିପଦପୂର୍ଣ୍ଣ ହୋଇଉଠିଛି। ରାସ୍ତାର ବିଭିନ୍ନ ଜାଗାରେ ଛୋଟବଡ ଗର୍ତ ସୃଷ୍ଟି ହୋଇଥିବା ବେଳେ ତାହା ବର୍ଷାପାଣିରେ ବନ୍ଧୁରହି ଯାତ୍ରୀମାନଙ୍କ ପାଇଁ ମରଣ କୁଆଁ ସାଜିଛି। ଜଳେଶ୍ୱର ପୂର୍ତ୍ତ ବିଭାଗ ଦ୍ୱାରା ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ବର୍ଷା ଦିନ ପୂର୍ବରୁ ପେଚିଂ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ କିଛିଦିନ ବର୍ଷାରେ ପିଚ ସହିତ ଚିପ୍ସ ଧୋଇହୋଇ ଯାଇଥିବାର ଦେଖିବାକୁ ମିଳୁଛି।



ବିଭାଗୀୟ କର୍ମଚାରୀଙ୍କ ଠିକାଦାର ମାନଙ୍କ ପ୍ରତି ଅତ୍ୟଧିକ ଅନୁକମ୍ପା ଓ ନିଜ ସ୍ୱାର୍ଥ ଯୋଗୁଁ ଅଳ୍ପଦିନରେ ଲକ୍ଷଲକ୍ଷ ଟଙ୍କା ବର୍ଷା ପାଣିରେ ଧୋଇଯିବାକୁ ନେଇ ଜଳେଶ୍ୱର ସହରବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଏସବୁର ତଦନ୍ତ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ଓ ଦୁର୍ଗାପୂଜା ପୂର୍ବରୁ ରାସ୍ତା ରିପିୟାରିଂକୁ ନେଇ ଲକ୍ଷ ଲକ୍ଷ ଟଙ୍କା ବିଭାଗ ଦ୍ୱାରା ଖର୍ଚ୍ଚ କରାଯାଇଥିବାର ଦେଖିବାକୁ ମିଳେ ମାତ୍ର ନିମ୍ନ ମାନର କାମ ଯୋଗୁଁ କିଛିଦିନ ପରେ ଯଥା ପୂର୍ବ ତଥା ପର ହୋଇଯାଇଥିବାର ଦେଖିବାକୁ ମିଳେ। ଏହା ଦ୍ୱାରା ବିଭାଗୀୟ କର୍ମଚାରୀ, ଠିକାଦାର ଓ ନେତାଙ୍କ ପକେଟ ଗରମ ହେବା ଛଡା ଜନସାଧାରଣଙ୍କ କୌଣସୀ କାର୍ଯ୍ୟରେ ଆସେନାହିଁ ବୋଲି ଜଳେଶ୍ୱର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହିତ ଏହିସବୁ କାର୍ଯ୍ୟର ତଦନ୍ତ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳ ଓ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାବୀ କରିଛନ୍ତି।

# ବିଶ୍ୱ ଜନସଂଖ୍ୟା ଦିବସ



ବାଲେଶ୍ୱର,୧୧।୭ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ଏହି ସମାରୋହ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ - "ପିଲାଙ୍କ ଜନ୍ମରେ ରଖନ୍ତୁ ଉଚିତ ବ୍ୟବଧାନ, ସୁସ୍ଥ ଏବଂ ସୁଖୀ ହେବ ପାରିବାରିକ ଜୀବନ'। ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ସହରାଞ୍ଚଳର ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପିଲା ଜନ୍ମ ମଧ୍ୟରେ ବ୍ୟବଧାନ ରଖିବା ଅତ୍ୟନ୍ତ ଜରୁରୀ, ଫଳରେ ଉଭୟ ମା ଏବଂ ଶିଶୁ ସୁରକ୍ଷିତ ରହିବେ। ଏଥିପାଇଁ ଉପଲବ୍ଧ ଅସ୍ଥାୟୀ ପଦ୍ଧତି ଯଥା ଅନ୍ତରା, କଣ୍ଡୋମ, ମାଲା ଏନ ବଟିକା, କପର ଟି, ଇଜି ପିଲ ଇତ୍ୟାଦି ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ। ଜିଲ୍ଲା ମେଡିକାଲ ଅଧିକାରୀ ଡାକ୍ତର ଅମୂଲ୍ୟ କୁମାର ଦାସ ଏହି ଅଭିଯାନ ଆଜିଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଥିଲେ। ଏହି ମଧରେ ଯେଉଁ ସ୍ୱାମୀ ଏବଂ ସ୍ତ୍ରୀ ଙ୍କର ପରିବାର ସମ୍ପୂର୍ଣ୍ଣ ହୋଇ ସାରିଥିବା ସେମାନଙ୍କୁ ସ୍ଥାୟୀ ପଦ୍ଧତି ଯଥା ପୁରୁଷ ବନ୍ଧ୍ୟା କରଣ ଏବଂ ମହିଳା ବନ୍ଧ୍ୟାକରଣ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ ଡାକ୍ତର ସଂଜୀବ ପ୍ରଧାନ ଶିଶୁ ମୃତ୍ୟୁ ଏବଂ ମାତୃତ୍ୱକୁ ରୋକିବା ପାଇଁ ସ୍ଥାୟୀ ଏବଂ ଅସ୍ଥାୟୀ ପଦ୍ଧତି ଉପରେ ଲୋକଙ୍କୁ ସଚେତନତା କରିବା ଉପରେ ଆଲୋକ ପାତ କରିଥିଲେ। ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡିଏମଆରସିଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଚିନ୍ମୟ ଅମୃତ ଯାତ୍ରାକୁ ବାଲେଶ୍ୱରରେ ସ୍ୱାଗତ




ବାଲେଶ୍ୱର,୧୧।୭ (ସମିସ): 'ଚିନ୍ମୟ ମିଶନ'ର ଅମୃତ ମହୋତ୍ସବ ଅବସରରେ 'ଚିନ୍ମୟ ଅମୃତ ଯାତ୍ରା' କାର୍ଯ୍ୟକ୍ରମ କୁରୁଡ଼ା ସ୍ଥିତ ବାଲେଶ୍ୱର ଚିନ୍ମୟ ସତ୍ସଙ୍ଗ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅମୃତଯାତ୍ରାକୁ ବାଲେଶ୍ୱରରେ ସ୍ୱାଗତ କରାଯାଇଛି। ଗାନ୍ଧୀସ୍ମୃତି ଭବନ ଠାରୁ ମୋଟର ସାଇକେଲ୍ ଶୋଭାଯାତ୍ରାରେ ଏକ ସୁସଜ୍ଜିତ ଘୋଡ଼ାଗାଡ଼ିରେ ଚିନ୍ମୟ ମିଶନ ପର୍ଯ୍ୟନ୍ତ ହରିନାମ ସଂକୀର୍ତ୍ତନ ସହ ଅଣାଯାଇ ଥିଲା। ଚିନ୍ମୟ ମିଶନର ୭୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ 'ଚିନ୍ମୟ ଅମୃତଯାତ୍ରା' ୨୦୨୫ ଡିସେମ୍ବର ୩୧ ରୁ ଚିନ୍ମୟ ବିଭୁତି ପୁନେ ଠାରୁ ବାହାରି ବାହାରି ଦୀର୍ଘ ୩୫୦୦୦ ରୁ ରୁ ଊର୍ଦ୍ଧ୍ୱ ଊର୍ଦ୍ଧ୍ୱ କିଲୋମିଟର ଦେଶବ୍ୟାପୀ ଭ୍ରମଣ କରି ୧୯୪ ଦିନ ପରେ ଓଡ଼ିଶାର ବାଲେଶ୍ୱରଠାରେ ପହଞ୍ଚିଛି। ଏହି ଅବସରରେ ସର୍ବସାଧାରଣଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମିଶନର 'ସତ୍ସଙ୍ଗ ହଲ୍'ରେ ଏକ ଆଧାତ୍ମିକ କାର୍ଯ୍ୟକ୍ରମରେ ବାଲେଶ୍ୱର ଶାଖାର ସଭାପତି ସଭାପତି ଡ. କ୍ଷିତୀଶ୍ୱର ଦାଶ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦିବାକର ମହାପାତ୍ର ମିଶନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ମିଶନର କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି, ଡ. ବେଣୁମାଧବ ଶତପଥୀ, ହରିଶ୍ଚନ୍ଦ୍ର ସାହୁ, ବିଜୟ କୁମାର ଦାସଅଧିକାରୀ, ରଜନୀକାନ୍ତ ବେହେରା, ରବି ନାରାୟଣ ଭୋଳ, ତ୍ରିଲୋଚନ ଦାସ ମହାପାତ୍ର, ପ୍ରଫୁଲ୍ଲ କୁମାର ଦାସ, ମାନସ ରଞ୍ଜନ ମହାଳିକ, ଅନିରୁଦ୍ଧ ବେହେରା, ଅମୂଲ୍ୟ ସେଠୀ, ପ୍ରଦୀପ କୁମାର ସେଠୀ ପ୍ରମୁଖ ସହ ସହଯୋଗ କରିଥିଲେ। ଉପସଭାପତି ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଆଜି ସକାଳ ୮ଟାରେ ଅମୃତଯାତ୍ରା ବାହିନୀ କଲିକତା ଅଭିମୁଖେ ଯାତ୍ରା କରିଛନ୍ତି।

# ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଉଦ୍ଯାପିତ

ବାଲେଶ୍ୱର(ଉତ୍ତର), ୧୧।୭ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ୟୁଜି(ଶାସ୍ତ୍ରୀ) ୪ର୍ଥ ସେମିଷ୍ଟାର୍ ଛାତ୍ରଛାତ୍ରୀଙ୍କ ୩୫ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପଙ୍କଜ ଦେବାନ୍ଦା ଯୋଗଦାନ କରି ଗୋଷ୍ଠୀଗତ ସେବାର ଗୁରୁତ୍ୱ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ପ୍ରଶିକ୍ଷଣାର୍ଥୀମାନେ ବିଭିନ୍ନ ଆଧାତ୍ମିକ ପୀଠ, ଚିକିତ୍ସାଳୟ, ମନ୍ମଥ-ମନୋଜ ସ୍ମାରକୀ ଓ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ନୂତନ ଅନୁଭୂତି ଲାଭ କରିବା ସହ ମହାବିଦ୍ୟାଳୟର ପାଠାଗାରରେ ପୁସ୍ତକ ସଜ୍ଜୀକରଣ କରିଥିଲେ। ସଭା ଆରମ୍ଭରେ ଅଧାପକ ସମୀର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଗାୟତ୍ରୀ ହେମ୍ବ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାପକ ଦେବବ୍ରତ ମିଶ୍ର ପ୍ରଶିକ୍ଷଣର ସଫଳତା ବିଷୟରେ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷଣାର୍ଥୀ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ। ଛାତ୍ର ସୁବ୍ରତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଗଣ୍ଡିବେଡ ହାଇସ୍କୁଲରେ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖଇରା,୧୧।୭ (ସମିସ): ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ୫ଶହ ନମ୍ବରରୁ ଊର୍ଦ୍ଧ୍ୱ ରଖି ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଅରୁଣ କୁମାର ପାଢୀ ପୌରହିତ୍ୟ କରିଥିଲେ। ପ୍ରଥମେ ଗଣ୍ଡିବେଡ ହାଇସ୍କୁଲର ଗୌରବ ତଥା ସର୍ବୋଚ୍ଚ ନମ୍ବର ଧାରୀ ଛାତ୍ରଛାତ୍ରୀ ଅନନ୍ୟା ମଲ୍ଲିକ,ଦୀପକ କୁମାର ବେହେରା, ମାନସୀ ଶିଅଳ ଓ ମୋନାଲିସା ପୋଥାଳଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ମଦନ ମୋହନ ମହଲା,ସମ୍ପାଦକ ଡଃ ଅଭୟ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ହାଁସଦା, ପଳାସପୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଫଳ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଂସଦର ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବାଲେଶ୍ୱର ଜୋନ୍ସ୍ତରୀୟ ସ୍କେଟିଂ ଟୁର୍ଣ୍ଣାମେଣ୍ଟ



ଜଳେଶ୍ୱର ବ୍ଲକ, ୧୧।୭ (ସମିସ): ଜଳେଶ୍ୱର ସେଣ୍ଟ ଜେମ୍ସ କନଭେଣ୍ଟ ସ୍କୁଲ ଓ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଜାତୀୟ ରାଜପଥ ସନ୍ନିକଟ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ନିକଟରେ ଆଜି ବାଲେଶ୍ୱର ଜୋନ୍ସ୍ତରୀୟ ସ୍କେଟିଂ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। ସ୍କୁଲ ପରିସରରେ ପ୍ରିନ୍ସିପାଲ ସିଷ୍ଟର ପ୍ରୀତି ଭରଗିଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ସ୍କେଟିଙ୍ଗ ଟୁର୍ଣ୍ଣ।ମେଣ୍ଟର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଜୋନାଲ ସ୍ପୋର୍ଟସ କର୍ଡିନେଟର ତଥା କରଞ୍ଜିଆ ବିକାଶ ସଦନ କନଭେଣ୍ଟ ସ୍କୁଲ ପ୍ରିନ୍ସିପାଲ ସିଷ୍ଟର୍ ଏଞ୍ଜେଲା,ଏକାଡେମୀ ସଭାପତି ସୁକୁମାର ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ କୋର୍ଡିନେଟର ଭୂପତି ଭୋଇ, କୋଚ୍ ସୁଶାନ୍ତ କୁମାର ସାହୁ ବିଜୟ କୁମାର ବେହେରା ଓ ରୋହିତ ଭୋଇ ପ୍ରମୁଖ ପରିଚାଳନା କରିଥିଲେ। ଏକାଡେମୀ ସଭାପତି ସୁକୁମାର ରଣାଙ୍କ ପୌରହିତ୍ୟରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସ୍କେଟିଙ୍ଗ ଆସୋସିଏସନ୍ ଉପସଭାପତି ଡ. ପ୍ରଦ୍ୟୁମ୍ନ କେଶରୀ ପ୍ରହରାଜ ଯୋଗଦେଇ ଆଗାମୀ ଦିନରେ ଜଳେଶ୍ୱରରେ ରାଜ୍ୟ ସ୍ତରୀୟ ସ୍କେଟିଙ୍ଗ ପ୍ରତିଯୋଗିତା ଆୟୋଜନ କରିବାର ପ୍ରସ୍ତାବ ରହିଛି ବୋଲି ଘୋଷଣା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରିନ୍ସିପାଲ ସିଷ୍ଟର ପ୍ରୀତି ଭରଗିଜ,ଏକାଡେମୀ ଉପସଭାପତି ଗୀତାଶ୍ରୀ ଦେ, ସହ ସମ୍ପାଦକ ରାନୁ ପରିଡ଼ା, ଯୁଗ୍ମ ସମ୍ପାଦକ ପଦ୍ମିନୀ ଦାଶ, କେନ୍ଦୁଝର ବେବିସଡେନ୍ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ସଙ୍ଗୀତା ବାରିକ ଓ ଶିକ୍ଷକ ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଦେଇଥିଲେ। ଶେଷରେ ଶିକ୍ଷକ ଶ୍ରୀକାନ୍ତ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।ଜୋନ୍ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଆସନ୍ତା ଅଗଷ୍ଟ ୮ ତାରିଖରେ ଜଳେଶ୍ୱରଠାରେ ହେବାକୁ ଥିବା ରିଜିଓନାଲ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେବେ ବୋଲି ଘୋଷଣା କରଯାଇଥିଲା।

# ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଣା କୋଠା ଭଙ୍ଗାକୁ କେନ୍ଦ୍ରକରି ଉତ୍ତେଜନା

କାଳିପଦା, ୧୧।୭ (ସମିସ)



ଦୁଇ ଦିନ ଧରି କଷାଫଳ ଗ୍ରାମସ୍ଥିତ କଷାଫଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନ୍ୟୁ) ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ ଥିବା ଡାକ୍ତରଙ୍କ ପୁରୁଣା କ୍ୱାର୍ଟର କୋଠାକୁ ଭଙ୍ଗା ଯାଇ ନୂତନ କୋଠା ନିର୍ମାଣ ନିମନ୍ତେ ଯେଉଁ ଠିକାଦାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଉକ୍ତ କାର୍ଯ୍ୟ କରିବା ପୂର୍ବରୁ କାହାର ଅନୁମତିରେ ଉକ୍ତ କ୍ୱାର୍ଟର କୋଠାକୁ ଜେସିବି ଦ୍ୱାରା ଭାଙ୍ଗି ୩/୪ ଟି ଟ୍ରାକ୍ଟରକୁ ଲଗାଇ କୋଠାର ସମସ୍ତ ଇଟା, ଲୁହା ଇତ୍ୟାଦି ଠିକାଦାର ନିଜର ଘରକୁ ନେଇଯାଇଛନ୍ତି। ଏହା ଗ୍ରାମବାସୀମାନେ ଜାଣିବା ପରେ ଗତ ୦୮ ତାରିଖ ଦିନ ଦିବା ୦୯ରୁ ୧୦ ଘଟିକା ସମୟରେ ଡାକ୍ତରଙ୍କ ଉପସ୍ଥିତିରେ ଉକ୍ତ ଭଙ୍ଗା ସାମଗ୍ରୀ ଟ୍ରାକ୍ଟରରେ ଲୋଡ଼ ବେଳେ ଗ୍ରାମବାସୀ ଡାକ୍ତରଙ୍କୁ ପଚାରିଥିଲେ ଯେ ଏହି ଇଟା ଗୁଡିକ କିଏ ନେଇ ଯାଉଛି ଏବଂ କାହା ଅନୁମତିରେ ଡାକ୍ତରଖାନା ପରିସରରୁ ନେଇଯାଉଛନ୍ତି ଆପଣ ଜାଣିଛନ୍ତି କି ? ପ୍ରତି ଉତ୍ତରରେ ଡାକ୍ତରବାବୁ କହିଲେ କି ଆପଣ କିଏ ଏବଂ ଏବାବଦରେ ଆପଣଙ୍କର ଜାଣିବା କିଛି ଦରକାର ନାହିଁ ଏବଂ ଡାକ୍ତରବାବୁ ଧମକ ଦେଇଛନ୍ତି ସେହି ଲୋକଙ୍କୁ ଯେ ତୁମର ଏହି ବିଷୟରେ ମୁଣ୍ଡ ପୂରାଇବା ଆବଶ୍ୟକ ନାହିଁ। ଯଦି ମୁଣ୍ଡ ପୂରେଇବ ତାହେଲେ ଗୁଣ୍ଡା ଲଗେଇ କଷାଫଳରୁ ଉଠେଇ ନେଇଯିବି। ମୋର କେହି କିଛି କରିପାରିବ ନାହିଁ। ଏହାକୁ କେନ୍ଦ୍ର କରି ଡାକ୍ତର ଓ ଗ୍ରମବାସୀଙ୍କ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇ ଥିଲା। ଏ ନେଇ ଗ୍ରାମବାସୀ ବିଡ଼ିଓ, ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରମୁଖଙ୍କ ନିକଟରେ ଏହି ଅଭିଯୋଗ ରଖିଛନ୍ତି କି ଯେ, ବର୍ତ୍ତମାନ ଡାକ୍ତରଖାନାରେ ଅବସ୍ଥାପିତ ଥିବା ଡାକ୍ତର ଜଣଙ୍କ ପ୍ରଥମତଃ ଏଠାରେ ନିଯୁକ୍ତି ପରଠାରୁ ସପ୍ତାହରେ ମାତ୍ର ୨ ରୁ ୩ ଦିନ ଡ୍ୟୁଟିକୁ ଆସନ୍ତି ଏବଂ ଯେଉଁ ୨ ରୁ ୩ ଦିନ ଆସନ୍ତି ସେହି ଦିନମାନଙ୍କରେ ୨ ରୁ ୩ ଘଣ୍ଟା ରୁହନ୍ତି ଏବଂ ଘରେ ବସି ଦରମା ନିଅନ୍ତି। ଯଦି କେହି ଡାକ୍ତରଙ୍କର ଅନୁପସ୍ଥିତି ବିଷୟରେ ପଚାରନ୍ତି ତାହେଲେ ଡାକ୍ତର ଜଣଙ୍କ ତାଙ୍କୁ କୁହନ୍ତି ଯେ ମୋ ଇଚ୍ଛା ଆସିବି ନହେଲେ ନାହିଁ। ଡାକ୍ତର ଜଣକ ରୋଗୀମାନଙ୍କୁ ଅଯଥା ଦୁର୍ବ୍ୟବହାର କରନ୍ତି, ତତସହିତ ଗାଳିଗୁଲଜ ମଧ କରନ୍ତ। ଗ୍ରାମବାସୀମାନେ ଏହି ଡାକ୍ତରଙ୍କ ଏହି ପ୍ରବୃତ୍ତି ଦେଖି ଏହି ଉପଲବ୍ଧ କରିଛନ୍ତି ଯେ ଡାକ୍ତର ଜଣକ ଡାକ୍ତରଖାନାକୁ ବିକ୍ରି କରିଦେବା ଲକ୍ଷ୍ୟରେ ଅଛନ୍ତି। ଏ ବାବଦରେ ସରଜମିନ ତଦନ୍ତ କରାଯାଇ ଡାକ୍ତର ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୋଗର ସରଜମିନ ତଦନ୍ତ କରାଯାଇ ଡାକ୍ତରଖାନାର ପରିସରରୁ ପୁରୁଣା କ୍ୱାର୍ଟର କୋଠାକୁ ଭଙ୍ଗା ଯାଇ ତାହାର ସମସ୍ତ ଇଟାକୁ ଡାକ୍ତର ସମ୍ପୃକ୍ତ ଠିକାଦାରଙ୍କୁ କୌଣସି ଉଚ୍ଚ ଅଧିକାରୀଙ୍କ ବିନା ଅନୁମତି କିମ୍ବା ଡାକ୍ତରଖାନା କମିଟିର ସଦସ୍ୟ ସଦସ୍ୟା ତଥା ଚେୟାରମ୍ୟାନ ଯିଏ କି ବର୍ତ୍ତମାନ ଜିଲ୍ଲା ପରିଷଦ ସଭାପତି ଅଛନ୍ତି ତାଙ୍କର ଅନୁମତି ନେଇ କରନ୍ତୁ। ଏହାର ଏକ ବିଧିବଦ୍ଧ ତଦନ୍ତ କରା ଯାଇ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବୈକୁଣ୍ଠ ଦଳାଇ, ଦିଲ୍ଲୀପ କୁମାର ପାତ୍ର, ଶିବାନନ୍ଦ ପାତ୍ର, ଅନ୍ତର୍ଯ୍ୟାମୀ ପୃଷ୍ଟି, ତରୁଣ କୁମାର ଖଟୁଆ, ନାରାୟଣ ବେହେରା ପ୍ରମୁଖ ଦାବି କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଡାକ୍ତର ଗ୍ରାମବାସୀଙ୍କ ଅଭିଯୋଗକୁ ଅମୂଳକ ବୋଲି କହିଛନ୍ତି। ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଆନ୍ତଃରାଜ୍ୟ ଏଟିଏମ୍ ଠକେଇର ପର୍ଦ୍ଦାଫାସ୍; ୪ ଗିରଫ




କେନ୍ଦୁଝର,୧୧।୭(ସମିସ)

କେନ୍ଦୁଝର ଟାଉନ ପୁଲିସ ଏକ ଆନ୍ତଃରାଜ୍ୟ ଏଟିଏମ ଠକେଇର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗାଡ଼ି, ନଗଦ ଅର୍ଥ, ଏଟିଏମ କାର୍ଡ ଜବତ ହୋଇଛି। କେନ୍ଦୁଝର ଟାଉନ ଥାନାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ସଦର ଉପଖଣ୍ଡ ପୁଲିସ ଅଧିକାରୀ ସୁଦର୍ଶନ ଗଙ୍ଗୋଇ ଏବଂ ଟାଉନ ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି ଯେ ଟାଉନ ଥାନା ମାମଲା ନଂ ୨୮୪ ତାରିଖ ୧୨.୦୫.୨୦୨୫ ଅନ୍ତର୍ଗତ ୩୦୩(୨)/୩୧୮(୪) ବିଏନ୍‌ଏସ୍, ଧାରା ୬୬(ସି) ଓ ୬୬(ଡି)ରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬(ଡି) ରେ ଏହି ଅଭିଯାନ କରାଯାଇଥିଲା, ଯାହା କେନ୍ଦୁଝରର ବଡମନୋହରପୁର ଗ୍ରାମ ନିବାସୀ ରମେଶ ଚନ୍ଦ୍ର ମହାନ୍ତ (୫୮)ଙ୍କ ଅଭିଯୋଗ ଉପରେ ପଞ୍ଜିକୃତ ହୋଇଥିଲା। ଅଭିଯୋଗକାରୀ ରିପୋର୍ଟ କରିଥିଲେ ଯେ ୧୧.୦୫.୨୦୨୫ରେ ମଣ୍ଡୁଆରେ ଏକ ଏଟିଏମରୁ ୫,୦୦୦ ଟଙ୍କା ଉଠାଉଥିବା ସମୟରେ, ଜଣେ ଅଜଣା ବ୍ୟକ୍ତି ଗୁପ୍ତ ଭାବରେ ତାଙ୍କ ଏଟିଏମ୍ ପିନ୍ ଦେଖିଲେ, ଜାଲିଆତି କରି ତାଙ୍କ ଏଟିଏମ୍ କାର୍ଡ ବଦଳାଇଲେ ଏବଂ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୪, ୧୦୦ ଟଙ୍କା ଉଠାଇଲେ। ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲାର ନେମାଳ ଥାନା ଜାମରା ଗ୍ରାମର ଲିଟୁ ଓରଫ ବଳରାମ ସାହୁ(୩୪), ମୃତ୍ୟୁଞ୍ଜୟ ମହାପାତ୍ର(୩୯), କୋଇଲିଙ୍ଗି ଗ୍ରାମର ମାନସ ରଞ୍ଜନ ପାଣି (୩୦), ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୨୫)। ଏମାନଙ୍କ ନିକଟରୁ ଓଡି-୦୫-ସିକେ-୭୨୨୮ ପଞ୍ଜିକରଣ ନଂ ବିଶିଷ୍ଟ ଏକ ଧଳା ମାରୁତି ସ୍ୱିଫ୍ଟ କାର, ବିଭିନ୍ନ ବ୍ୟାଙ୍କର ବିଭିନ୍ନ ଆକାଉଣ୍ଟଧାରୀଙ୍କ ୩୩ଟି ଏଟିଏମ/ଡେବିଟ୍ କାର୍ଡ, ୯ଟି ମୋବାଇଲ ଫୋନ୍ (୭ଟି କିପ୍ୟାଡ୍ ଫୋନ୍ ଏବଂ ୨ଟି ସ୍ମାର୍ଟଫୋନ), ୧୨,୨୬୦ ଟଙ୍କା ନଗଦ ଜବତ କରାଯାଇଛି। ଜବତ ଏଟିଏମ୍ କାର୍ଡଗୁଡ଼ିକ ଏସବିଆଇ, ୟୁକୋ ବ୍ୟାଙ୍କ, ପିଏନବି, ବ୍ୟାଙ୍କ ଅଫ୍ ବରୋଦା, ଏଚଡିଏଫସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, କାନାରା ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସମେତ ବହୁ ବ୍ୟାଙ୍କ ଗ୍ରାହକଙ୍କର। ପ୍ରକୃତ କାର୍ଡଧାରୀ ଏବଂ ଠକେଇ କାରବାର ସମ୍ପର୍କରେ ଯାଞ୍ଚ ଜାରି ରହିଛି। ଏହି ଗ୍ୟାଙ୍ଗ ବିଶେଷ ଭାବରେ ବୟସ୍କ ଏବଂ ସନ୍ଦେହହୀନ ଏଟିଏମ ବ୍ୟବହାରକାରୀଙ୍କୁ ଟାର୍ଗେଟ କରିଥିଲା। ଜଣେ ସଦସ୍ୟ ଏଟିଏମ ପିନ ପ୍ରବେଶ କରିବା ସମୟରେ ନିକଟରୁ ନିରୀକ୍ଷଣ କରୁଥିଲେ, ଅନ୍ୟ ଜଣେ ସଦସ୍ୟ ପୀଡିତଙ୍କୁ ଧ୍ୟାନ ହଟାଇ ଦେଉଥିଲେ ଏବଂ ଚତୁରତାର ସହିତ ସମାନ ଦେଖାଯାଉଥିବା କାର୍ଡ ସହିତ ଏଟିଏମ କାର୍ଡ ବଦଳ କରୁଥିଲେ। ପୀଡିତ ବ୍ୟକ୍ତି ବିନିମୟ ବୁଝିବା ପୂର୍ବରୁ ଏହି ଗ୍ୟାଙ୍ଗ ତୁରନ୍ତ ବିଭିନ୍ନ ଏଟିଏମ କିଓସ୍କରୁ ଟଙ୍କା ଉଠାଇ ନେଉଥିଲେ। ଅଭିଯୁକ୍ତମାନେ ସହଜରେ ଚିହ୍ନଟ ନ ହେବା ପାଇଁ ସାରା ଓଡ଼ିଶାରେ ନିଜ ଗାଡ଼ିରେ

## ଏଟିଏମ୍ କାର୍ଡ ସମେତ ବହୁ ସାମଗ୍ରୀ ଓ କାର୍ ଜବତ

ଭ୍ରମଣ କରୁଥିଲେ ଏବଂ ବିଭିନ୍ନ ଜିଲ୍ଲାରେ ସମାନ ଅପରାଧ କରୁଥିଲେ। ଅନୁସନ୍ଧାନରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଅଭ୍ୟାସଗତ ଏବଂ ସଂଗଠିତ ଅପରାଧୀ। ମାଷ୍ଟରମାଇଣ୍ଡ ଲିଟୁ ବଳରାମ ସାହୁଙ୍କ ନାମରେ କଟକ, ଯାଜପୁର, ଜଗତସିଂହପୁର, ସୁନ୍ଦରଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଅନ୍ୟାନ୍ୟ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଥାନାରେ ପଞ୍ଜିକୃତ ୫୦ରୁ ଅଧିକ ମାମଲାରେ ଅପରାଧିକ ପୂର୍ବବର୍ତ୍ତୀ ମାମଲା ରହିଛି, ଯେଉଁଥିରେ ଏଟିଏମ୍ କାର୍ଡ ସ୍ୱାପିଂ, ଠକେଇ, ଚୋରି, ପରିବେଶ ଚୋରି, ସାଇବର ଠକେଇ, ଡକାୟତି ଏବଂ ଅନୁସନ୍ଧାନ ଅପରାଧ ଅନ୍ତର୍ଭୁକ୍ତ। ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପଞ୍ଜିକୃତ ଅନେକ ଏଟିଏମ୍ ଠକେଇ ଏବଂ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି ବୋଲି ଏସ୍‌ଡିପିଓ ଶ୍ରୀ ଗଙ୍ଗୋଇ ପ୍ରକାଶ କରିଛନ୍ତି। ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ମାନସ ରଞ୍ଜନ ପାଣି ମଧ୍ୟ ଏଟିଏମ୍ କାର୍ଡ ସ୍ୱାପିଂ ଏବଂ ଆର୍ଥିକ ଠକେଇ ସମ୍ପର୍କିତ ଅନେକ ସମାନ ମାମଲାରେ ଜଡିତ ଥିବା ଜଣାପଡ଼ିଛି।

# ସମୂହ ଛୁଟିରେ ଯୋଗାଣ ସହାୟକ



ବଣ୍ଟନ ବ୍ୟବସ୍ଥା ପ୍ରଭାବିତ

ଖୁଣ୍ଟା/ଗୋପବନ୍ଧୁନଗର,୧୧।୭(ସମିସ): ଗୋପବନ୍ଧୁନଗର ବ୍ଲକର ୧୩ଟି ପଞ୍ଚାୟତରେ ସମସ୍ତ କାର୍ଯ୍ୟରତ ଯୋଗାଣ ସହାୟକ ସ୍ଥାୟୀ ଚାକିରି ଓ ଦରମା ବୃଦ୍ଧି ଦାବିରେ ସାମୂହିକ ଛୁଟିରେ ରହିଛନ୍ତି। ଫଳରେ ସାଧାରଣ ବଣ୍ଟନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ପାଇଁ କୌଣସି ଚାପ ପ୍ରୟୋଗ ନ କରିବାକୁ ପୂର୍ବରୁ ଲିଖିତ ଭାବେ ସେମାନେ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଓ ଗୋପବନ୍ଧୁନଗର ବିଡିଓ, ବ୍ଲକ ଯୋଗାଣ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଯୋଗାଣ ସହାୟକମାନେ ସରକାରଙ୍କ ପ୍ରଶାସନ ମାଧ୍ୟମରେ ସେମାନଙ୍କ ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି ଇତ୍ୟାଦି ପାଇଁ ଦାବି ଜଣାଉଛନ୍ତି। ବିଗତ ୧୪ ବର୍ଷ ଧରି ସେମାନେ ଉକ୍ତ ସେବାରେ ନିଷ୍ଠାପର ଭାବେ ଶ୍ରମ ପ୍ରଦାନ କରିବା ସତ୍ତ୍ୱେ ତାଙ୍କର ନ୍ୟାଯ୍ୟ ଦାବି ପୂରଣ କରାଯାଉନାହିଁ। ଚଳିତ ମାସ ୧୦ ତାରିଖ ସୁଦ୍ଧା ସେମାନଙ୍କ ଦାବିଗୁଡ଼ିକର ଉଚିତ ସମାଧାନ ନ ହେଲେ ସେମାନେ ସାମୂହିକ ଛୁଟିରେ ରହିବାକୁ ଚେତାବନୀ ଦେଇଥିଲେ। ଘଟଣା ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ଚଳିତ ବର୍ଷର ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଖାଦ୍ୟଶସ୍ୟ ଆବଣ୍ଟନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଯୋଗାଣ ସହାୟକ ନିଜ ସାଧାରଣ ବଣ୍ଟନ କାର୍ଯ୍ୟ ସହ ଆବାସ ଯୋଜନାର ତଥ୍ୟ ସଂଗ୍ରହ, ବାତ୍ୟା, ବନ୍ୟା ଭଳି ଜରୁରିକାଳୀନ ପରିସ୍ଥିତିରେ ଦାୟିତ୍ୱ ତୁଲାଇ ଆସୁଥିବାବେଳେ ସେମାନଙ୍କ ଦାବିକୁ ସରକାର ଅଣଦେଖା କରୁଛନ୍ତି ବୋଲି ମତ ଦେଇଛନ୍ତି। ଗୋପବନ୍ଧୁନଗର ବ୍ଲକ ଯୋଗାଣ ସହାୟକ ସଂଘ ସଭାପତି ଦେବାଶିଷ ନାୟକ, ସମ୍ପାଦକ ତପନ କୁମାର ସେଠୀଙ୍କ ନେତୃତ୍ୱରେ ଯୋଗାଣ ସହାୟକ ବିଡିଓ ପ୍ରଧାନଙ୍କ ପରିଡ଼ାଙ୍କୁ ଭେଟି ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ।

● ବସ୍ କର୍ମଚାରୀ ଓ ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ

# ଉଦଳା ବସ୍‌ଷ୍ଟାଣ୍ଡରେ କଣ୍ଡକ୍ଟରଙ୍କୁ ମାଡ଼

ଉଦଳା,୧୧।୭(ସମିସ): ବସ୍ ଯାତ୍ରୀଙ୍କ ଗୁଣ୍ଡାଗିରି ଦେଖିବାକୁ ମିଳିଛି। ଉଦଳା ବସ୍‌ଷ୍ଟାଣ୍ଡରେ କଣ୍ଡକ୍ଟରଙ୍କୁ ଉକ୍ତ ବସ୍ ଯାତ୍ରୀ ଓ ତାଙ୍କ ସହଯୋଗୀ ମିଶି ନିର୍ଘାତ ମାଡ଼ ମାରିଛନ୍ତି। ଫଳରେ କଣ୍ଡକ୍ଟର




ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରରୁ ଉଦଳା ଆସୁଥିବା ରାଜବାବୁ ନାମକ ଏକ ଯାତ୍ରୀବାହୀ ବସ୍‌ରେ ଜଣେ ଯୁବକ ଭୁବନେଶ୍ୱରରୁ ଉଦଳା ଆସୁଥିଲେ। ପାଣିକୋଇଲି ନିକଟରେ ବସ୍ ଛିଡ଼ା ହୋଇଥିବାବେଳେ ଯାତ୍ରୀ ଜଣକ କାହାକୁ କିଛି ନ ଜଣାଇ ପରିସ୍ରା ନିମନ୍ତେ ଓହ୍ଲାଇ ଯାଇଥିଲେ। ବସ୍‌ଟି ସେଠାରୁ ପଳାଇ ଆସିବା ପରେ ଯାତ୍ରୀ ଜଣକ କଣ୍ଡକ୍ଟରଙ୍କୁ ଫୋନ କରି ଗାଡ଼ି ଅଟକାଇବାକୁ କହିଥିଲେ। ହେଲେ ବସ୍ ସମୟ ନ ଥିବାରୁ କଣ୍ଡକ୍ଟର ତାଙ୍କୁ ଅନ୍ୟ ଏକ ବସରେ ଆସି ଭଦ୍ରକରେ ପହଞ୍ଚିବାକୁ କହିଥିଲେ। ଯୁବକ ଜଣକ ଅନ୍ୟଏକ ବସ୍‌ରେ ଆସି ଭଦ୍ରକରୁ ପୁଣି ରାଜବାବୁ ବସରେ ଉଦଳା ଆସିଥିଲେ। ହେଲେ ଉଦଳାରେ ପହଞ୍ଚିବା ମାତ୍ରେ ସମ୍ପୃକ୍ତ ଯୁବକ ଓ ତାଙ୍କର ଅନ୍ୟ ୪ ସହଯୋଗୀ ପ୍ଲାଷ୍ଟିକ ପାଇପ ଓ ଠେଙ୍ଗା ସାହାଯ୍ୟରେ କଣ୍ଡକ୍ଟରଙ୍କୁ ନିର୍ଘାତ ମାଡ଼ ମାରିଥିଲେ। ଅତି ନିର୍ମମ ଭାବେ କଣ୍ଡକ୍ଟର ରବୀନ୍ଦ୍ର ପରିଚ୍ଛାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ସମସ୍ତେ ଫେରାର ହୋଇଯାଇଥିଲେ। ଏ ନେଇ କଣ୍ଡକ୍ଟର ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ଉକ୍ତ ଘଟଣାକୁ ନେଇ ଉଦଳା ବସ୍ କର୍ମଚାରୀ ସଂଘ କାର୍ଯ୍ୟ ବନ୍ଦ କରିବାର ସୂଚନା ମିଳିଛି।

# ବାଇକ୍-ଅଟୋ ମୁହାଁମୁହିଁ ଧକ୍କା; ୩ ଗୁରୁତର

ଶୁଳିଆପଦା,୧୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କୁଜିଡିହିଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଧକ୍କା ଏତେ ଜୋରଦାର ଥିଲା ଯେ ଅଟୋଟି ରାସ୍ତା ଉପରେ ଓଲଟି ପଡ଼ିଥିବାବେଳେ ବାଇକ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଥିବା ଦୁଇଜଣଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟଜଣଙ୍କୁ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

କାଗଜକଲମରେ ସୀମିତ ସରକାରୀ ନିର୍ଦ୍ଦେଶ

# ଶିକ୍ଷାନୁଷ୍ଠାନରେ ବ୍ୟାନ୍ ହେଉନି ମୋବାଇଲ ଫୋନ୍

■ ନଷ୍ଟହେଉଛି ଶୈକ୍ଷିକ ବାତାବରଣ

ମୋରଡ଼ା,୧୧।୭(ସମିସ): ବିନା ମୋବାଇଲରେ ଜୀବନ ଅତିବାହିତ କରିବା କଷ୍ଟକର ହୋଇପଡ଼ିଛି। ଏହାର ପ୍ରଭାବ ଏତେ ବଢିଯାଇଛି ଯେ ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି। ସେହିପରି ଶିକ୍ଷାନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବେ ବ୍ୟାଘାତ ହେଉଥିବା ଦେଖିବାକୁ ମିଳୁଛି। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଭିତରେ ଯେଉଁ ଗୁରୁ ଭକ୍ତି ଓ ଗୁରୁଙ୍କ ପାଇଁ ସମର୍ପଣର ଭାବ ଥିଲା, ତାହା ନଷ୍ଟ ହେବାରେ ଲାଗିଛି। ତେବେ ଏହାପାଇଁ ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଦାୟୀ। ବିଦ୍ୟାଳୟରେ ଶିକ୍ଷାଦାନ ସମୟରେ ଶ୍ରେଣୀ ଗୃହରେ କୌଣସି ଶିକ୍ଷକ ମୋବାଇଲ ଫୋନ ବ୍ୟବହାର ନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି। ଶ୍ରେଣୀ ଗୃହକୁ ଯିବା ପୂର୍ବରୁ ନିଜ ମୋବାଇଲ ଫୋନକୁ ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରିବା ନିୟମ ଥିଲେ ସୁଦ୍ଧା ଉକ୍ତ ନିୟମକୁ କେହି ପାଳନ କରୁ ନ ଥିବାରୁ ଏହା କେବଳ କାଗଜ କଲମରେ ସୀମିତ ରହିବା ଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି। ଏଥିସହ ଛାତ୍ରଛାତ୍ରୀ ମଧ୍ୟ ସାଙ୍ଗରେ ମୋବାଇଲ ଆଣୁଥିବା ଦେଖିବାକୁ ମିଳୁଛି। ତେବେ ଜିଲ୍ଲା ଶିକ୍ଷା ଅଧିକାରୀ ଆଗାମୀ ଦିନରେ ଯେପରି କୌଣସି ଶିକ୍ଷାନୁଷ୍ଠାନରେ ଏକ ବଡଧରଣର ଅଘଟଣ ଘଟିବାକୁ ପ୍ରତୀକ୍ଷା ନ କରି ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନର ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବାକୁ ଅଭିଭାବକ ଦାବି କରିଛନ୍ତି। ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଶିକ୍ଷାନୁଷ୍ଠାନରେ ଏହାକୁ ବ୍ୟବହାର କରିବାରୁ ଯେପରି ନିବୃତ୍ତ ରହିବେ ଓ ସରକାରୀ ନିର୍ଦ୍ଦେଶକୁ ଯେପରି ମାନିବେ, ସେଥିପ୍ରତି ବିଭାଗୀୟ ଅଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ କହିଛନ୍ତି, ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ମୋବାଇଲ ଫୋନର କୌଣସି ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ସ୍ମାର୍ଟ କ୍ଲାସ ରୁମ, କମ୍ପ୍ୟୁଟର ଲ୍ୟାବ ଆଦିର ବ୍ୟବସ୍ଥା ରହିଛି। ଦୈନିକ ଘଟଣାବଳୀର ତଥ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଦାନ ପାଇଁ ସରକାର କିଛି ନୀତିନିୟମ ଲାଗୁ କରିଥିବାରୁ ପ୍ରଧାନଶିକ୍ଷକଙ୍କ ନିମନ୍ତେ ମୋବାଇଲ ଫୋନର ଆବଶ୍ୟକତା ରହିଛି। ଅନ୍ୟ ଶିକ୍ଷକଙ୍କ ପାଇଁ ଏହାର କୌଣସି ଆବଶ୍ୟକତା ନାହିଁ। ସରକାରୀ ସ୍ତରରେ ଏଥିପାଇଁ ନିୟମ ପ୍ରଣୟନ ହୋଇଥିଲେ ସୁଦ୍ଧା ଏହାକୁ ବହୁ ଶିକ୍ଷକ ମାନୁ ନ ଥିବର ନଜର ରହିଛି। ତେବେ ଏହାକୁ କଡ଼ାକଡ଼ି ପାଳନ କରାଯିବା ଉଚିତ।

ଯୁବ ସମାଜସେବୀ ଅସିତ କୁମାର ବେହେରା କହିଛନ୍ତି ଯେ, ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ସ୍ଥାନରେ ମୋବାଇଲ ଫୋନ ବ୍ୟବହାରକୁ ବ୍ୟାନ କରା ନ ଗଲେ ମଣିଷ ଗଢା କାରଖାନାରେ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଅବନତି ଘଟିବା ସୁନିଶ୍ଚିତ। ତେଣୁ ଏହା ଉପରେ ରୋକ୍ ଲାଗିବା ଜରୁରୀ।

ଅଭିଭାବକ ସମୀର କୁମାର ବେହେରା କହିଛନ୍ତି, ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନ ବ୍ୟବହାରକୁ ବ୍ୟାନ କରିବା ଜରୁରୀ। କାରଣ କୁନିକୁନି ପିଲାଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼ିବା ସୁନିଶ୍ଚିତ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଓ ପିଲାଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବାକୁ ସରକାର ବିଭିନ୍ନ ପ୍ରକାରର ଯୋଜନା ପ୍ରଣୟନ କରୁଥିବାରୁ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଭୟ ମୋବାଇଲ ଫୋନ ବ୍ୟବହାରରୁ ନିବୃତ୍ତ ନ ରହିଲେ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରିବ।

ସାମ୍ବାଦିକ ତୁଷାରକାନ୍ତ ବେହେରା କହିଛନ୍ତି, କମ୍ପ୍ୟୁଟର ଯୁଗରେ ମୋବାଇଲ ଫୋନର ଆବଶ୍ୟକତା ବୃଦ୍ଧି ପାଇଥିଲେ ସୁଦ୍ଧା ଶିକ୍ଷାନୁଷ୍ଠାନରେ ଏହାର ବ୍ୟବହାରକୁ ବ୍ୟାନ କରାଯିବା ଜରୁରୀ। ଏହା ଉପରେ ପ୍ରତିବନ୍ଧକ ନ ଥିବାରୁ ବିଦ୍ୟାଳୟ ପରିସରରେ ଛାତ୍ର ଓ ଶିକ୍ଷକଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସହ ଏକ ପବିତ୍ର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ତେଣୁ ବିଭିନ୍ନ ଦୃଷ୍ଟିକୋଣରୁ ଏହା ଉପରେ ରୋକ୍ ଲାଗିବା ଆବଶ୍ୟକ।

# ହଳ କରୁଥିବା ସମୟରେ ଟଳିପଡ଼ିଲେ ଯୁବଚାଷୀ

ତୁରୁମୁଙ୍ଗା, ୧୧।୭(ସମିସ): ବିଲରେ ପାୱାରଟିଲରରେ ହଳ କରୁଥିବା ବେଳେ ହୃଦଘାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ନୂଆଗାଁ ଗ୍ରାମରେ ଶନିବାର ଘଟିଛି ଅଘଟଣ। ମୃତକ ହେଲେ ଇନ୍ଦ୍ରଜିତ ମହାନ୍ତ(୩୦)। ଇନ୍ଦ୍ରଜିତ ମହାନ୍ତ ଆଜି ବିଲରେ ପାୱାରଟିଲର ସାହାଯ୍ୟରେ ଚାଷ କାମ କରୁଥିଲେ। ଏହି ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ବିଲ ମଧ୍ୟରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା ବେଳେ



ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ କରିଥିବା ଡାକ୍ତର କହିଛନ୍ତି। ଘଟଗାଁ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଜି ଉଦ୍‌ଯାପିତ ହେବ ଭଞ୍ଜସେନାର ମଶାଲ ଶୋଭାଯାତ୍ରା

ବାରିପଦା, ୧୧।୭(ସମିସ): ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା, ଦାଦନ ହଟିବ ମୟୂରଭଞ୍ଜ ହସିବ ପ୍ରସଙ୍ଗ ନେଇ ଜୁନ ୧୭ରୁ ଜିଲ୍ଲାବ୍ୟାପୀ ଚାଲିଥିବା ଭିନ୍ନ



ଆନ୍ଦୋଳନ ଆସନ୍ତାକାଲି ରବିବାର ବାରିପଦାରେ ବିଶାଳ ଶୋଭାଯାତ୍ରା ସହ ଉଦଯାପିତ ହେବ। ଏ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସରକାରଙ୍କ ଅବଗତି ନିମନ୍ତେ ଏହି ଆନ୍ଦୋଳନ ଜିଲ୍ଲା ତମାମ ପର୍ଯ୍ୟାୟକ୍ରମେ ଚାଲିଥିଲା। ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥ ମା’ କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସମସ୍ତ ଅଞ୍ଚଳ ପରିକ୍ରମା କରିବା ପରେ ରବିବାର ଜିଲ୍ଲାର ସଦର ମହକୁମା ବାରିପଦାଠାରେ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି। ବାରିପଦାରେ ହେବାକୁ ଯାଉଥିବା ଏହି ମଶାଲ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ୬ରୁ ମା’ ଅମ୍ବିକା ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ବଡ଼ଦାଣ୍ଡ-ଜଗନ୍ନାଥ ମନ୍ଦିର ଦେଇ କେସି ସର୍କଲଠାରେ ସମାପ୍ତ ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବୈଠକରେ ପ୍ରତିଷ୍ଠାତାଙ୍କ ସମେତ ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ୍‌କେ ରାଜାଖାନ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ମହାକୁଡ ଓ ପ୍ରୀତମ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି।

# ଜାତୀୟ ନାଟ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା, ୧୧।୭(ସମିସ): ସ୍ଥାନୀୟ ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା ‘ଆମେ ବାରିପଦା’ ଆନୁକୂଲ୍ୟରେ ଆସନ୍ତା ଅଗଷ୍ଟ ମାସ ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ଜାତୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କୈଳାସ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ



ମହୋତ୍ସବର ଉପସଭାପତି ଡ. ବିଜୟ କୁମାର ଅଗ୍ରୱାଲ, ବିଶିଷ୍ଟ ଆଇନ ପରାମର୍ଶଦାତା ଜୀବନ କୁମାର ସାହୁ, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ପୂର୍ବତନ ଅଧ୍ୟକ୍ଷା ଝରଣା ବେହେରା, ସମାଜସେବିକା ତଥା ବିଶିଷ୍ଟ ଆଇନଜୀବୀ ସୁଜାତା ମିଶ୍ର, ମେଜର ଡ କଳ୍ପନା ଦାସ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ନାଟ୍ୟ ଓ ଚଳଚ୍ଚିତ୍ର ଅଭିନେତା, ଲେଖକ, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ଆବାହକ ଓ ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଚଳିତ ବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ରାଜ୍ୟ ତଥା ଅନ୍ୟ ରାଜ୍ୟରୁ ପ୍ରତିଷ୍ଠିତ ନାଟ୍ୟସଂସ୍ଥା ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଦାସପଟ୍ଟନାୟକ ଜଣାଇଛନ୍ତି। ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଏକକ ଓ ମୂକ ଅଭିନୟ, ନୃତ୍ୟ ଓ ନାଟକ ପାଣ୍ଡୁଲିପି ଲିଖନ ପ୍ରତିଯୋଗିତା ସହିତ ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ହେବାର ନିଷ୍ପତ୍ତି ନିଆଗଲା ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ତାରିଣୀ ଠାକୁରାଣୀ କଲେଜରେ ଆଇନ ସଚେତନତା

ଘଟଗାଁ, ୧୧।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ଘଟଗାଁସ୍ଥିତ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା, ବାଲ୍ୟବିବାହ ଓ ସରକାରୀ ଯୋଜନା ସଂପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଶକ୍ତିଶ୍ରୀ ସେଲ ସଂଯୋଜିକା ଡ ସୁରେଶବାଳା ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅତିଥିଙ୍କ ଦ୍ୱାରା ପୋସ ଆଇନ ଉପରେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟଦ୍ୱାରା ପ୍ରସ୍ତୁତ ପୁସ୍ତିକା ‘ଯୌନ ଉତ୍ପୀଡନ ବିରୋଧରେ ସଚେତନତା’ ଉନ୍ମୋଚିତ ହୋଇଥିଲା। ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ପରିଚାଳନା କରିଥିଲେ। ଘଟଗାଁ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରୀତମ ପ୍ରିୟଦର୍ଶିନୀ ସାମଲ ବ୍ଲକ ତଥା ତାଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ସରକାରୀ ଯୋଜନା ଉପରେ ବକ୍ତବ୍ୟ ଦେଇଥିଲେ। ସ୍ଥାୟୀ ଲୋକ ଅଦାଲତର ସଦସ୍ୟ ଡଃ ରଞ୍ଜନ ପଣ୍ଡା ମହାବିଦ୍ୟାଳୟର ସମସ୍ୟା, ନାରୀ ଜାତିର ଉତ୍ଥାନ ତଥା ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟ ଉପରେ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ ଗୋବିନ୍ଦଚନ୍ଦ୍ର ମହାନ୍ତ ମହାବିଦ୍ୟାଳୟ ଶିକ୍ଷା ଉପରେ ଆଲୋକପାତ କରି ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ଅତିଥିମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ତାହାର ସନ୍ତୋଷଜନକ ଉତ୍ତର ପାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ପ୍ରାଧିକରଣ କର୍ମୀ ସହଯୋଗ କରିଥିଲେ।




# ନର୍ଦ୍ଦମା ପାଣିରେ ବୁଡ଼ି ରହିଛି ପାନୀୟଜଳ ପାଇପ୍

## ବାରିପଦା ସହରରେ ଜଣ୍ଡିସ ବ୍ୟାପିବା ଆଶଙ୍କା



ବାରିପଦା, ୧୧।୭(ସମିସ): ସ୍ୱଚ୍ଛ ବାରିପଦା ସହରର ବିକଳ ଚିତ୍ର। ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ପ୍ରଶାସନ ସହରବାସୀଙ୍କୁ ବିଷାକ୍ତ ଦୂଷିତ ଜଳ ଯୋଗାଉଥିବା ଅଭିଯୋଗ ହେଉଛି। ବାରିପଦା ପୌରପାଳିକାର ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ବନମାଳୀ ସ୍କୁଲ ରାସ୍ତା କଡ଼ରେ ୱାଟକୋ ଦ୍ୱାରା ପାଣି ପାଇପ୍ ସଂଯୋଗରେ ଏବେ ଦେଖିବାକୁ ମିଳିଛି ଏକ ସାଙ୍ଘାତିକ ଚିତ୍ର। ଯାହା ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ସହ ସିଧାସଳଖ ଖେଳ ଖେଳୁଛି। ମ୍ୟୁନିସପାଲିଟିର ଏକ ମୁଖ୍ୟ ନାଳ ଭିତରେ ୱାଟକୋ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ପିଇବା ପାଣି ପାଇପଗୁଡ଼ିକୁ ସଂଯୋଗ କରାଯାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ପାଇପଗୁଡ଼ିକରେ ଫାଟ ସୃଷ୍ଟି ହୋଇଥିବାରୁ ନାଳର ଓଳିଆ ଓ ଦୂଷିତ ଜଳ ସିଧାସଳଖ ପିଇବା ପାଣିରେ ମିଶୁଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଆମେ ଦୀର୍ଘଦିନ ହେବ ପିଇବା ପାଣିରୁ ଦୁର୍ଗନ୍ଧ ବାହାରୁଥିବା ନେଇ ଅଭିଯୋଗ କରିଆସୁଛୁ। ନାଳ ଭିତରେ ପାଇପ୍ ବିଛାଯାଇଛି, ଯେଉଁଥିରେ ମଇଳା ପାଣି ମିଶୁଛି। ଏହି ପାଣି ପିଇଲେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପେଟଜନିତ ରୋଗ ଓ ଜଣ୍ଡିସ୍ ଭଳି ସମସ୍ୟା ବଢ଼ିବା ଆଶଙ୍କା ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପ୍ରଶାସନ କ’ଣ କୌଣସି ବଡ଼ ମହାମାରୀକୁ ଅପେକ୍ଷା କରିଛି କି? ୱାଟକୋ ବିଭାଗ ନୂତନ ପାଇପ୍ ଲାଇନ୍ ସଂଯୋଗ କରି ଭୁଲିଯାଇଛି ନିରୀକ୍ଷଣ ପାଇଁ। ନାଳ ଭିତରେ ପିଇବା ପାଣି ପାଇପ୍ ସଂଯୋଗ କରିବା ପାଇଁ ଅନୁମତି ଦେଲା କିଏ, ତାହା ସବୁଠାରୁ ବଡ଼ ପ୍ରଶ୍ନ ? ନାଳ ସଫେଇ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ବିପଦଜନକ ସ୍ଥିତି ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷ ଆଖି ବୁଜି ଦେଇଛନ୍ତି କେମିତି? ବନମାଳୀ ସ୍କୁଲ ରାସ୍ତା ଦେଇ ପ୍ରତିଦିନ ଶହ ଶହ ସ୍କୁଲ ପିଲା ଓ ସାଧାରଣ ଲୋକ ଯାତାୟାତ କରନ୍ତି। ଏଭଳି ସ୍ଥିତିରେ ମହାମାରୀ ବ୍ୟାପିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ୱାଟକୋ ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପାଇପ୍ ଲାଇନକୁ ନାଳ ବାହାରକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।



# ରଥଯାତ୍ରାରେ 'ଗଣ୍ଡ ଭୈରବ'

ବାବୁ ଭାଇ ପ୍ରଡକ୍ସନ ୟୁଟ୍ୟୁବ୍ ଚ୍ୟାନେଲରେ ଆଜି (ଜୁଲାଇ ୧୨) ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ଆଉ ଏକ ରୋମାଣ୍ଟିକ୍ ଗୀତ 'ମରାମତି' । ଗୀତଟି ଦେବାଶିଷ ଏବଂ ଶିବାନୀ ସଙ୍ଗୀତାଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ଅନନ୍ୟା ଶ୍ରୀତମ ନନ୍ଦ । 'ଆର୍. ଆର୍. ଇଭେଣ୍ଟ' ଏବଂ 'ସିନେ ପ୍ରଡକ୍ସନ' ନିବେଦିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନେତା ଦେବାଶିଷ ଏବଂ ଶିବାନୀଙ୍କୁ ଦେଖିବାକୁ ମିଳିବ । ଅବଶ୍ୟ ଏଥିରେ ଦେବାଶିଷଙ୍କୁ ଦର୍ଶକେ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂଆ ଲୁକ୍‌ରେ ଦେଖିବାକୁ ପାଇବେ । ସିନେମାଟି ଜଣେ ଅବଢ଼ା ବୋଝିଆର ଜୀବନୀ ଉପରେ ଆଧାରିତ । ଭକ୍ତି, ସଂସ୍କୃତି, ପ୍ରେମ, ତ୍ୟାଗ, ହାସ୍ୟ, କ୍ରୋଧ, ପ୍ରତିଶୋଧ, ଆକ୍ସନ ଏବଂ ସର୍ବୋପରି ଏକ ସୁନ୍ଦର କାହାଣୀ ଏହି ସିନେମାରେ ରହିଛି । କେବଳ ସେତିକି ନୁହେଁ, ଏଥିରେ ଖୁବ୍ ସୁନ୍ଦର ଗୀତ ମଧ୍ୟ ରହିଛି । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାରେ ପୃଥ୍ୱୀରାଜ, ଅସିତ, ପୁଷ୍ପା ପଣ୍ଡା, ସୋମା ଭୌମିକ, କେକେ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ତେବେ ସିନେମାଟି ରଥଯାତ୍ରା (ଜୁଲାଇ ୧୬) ଅବସରରେ ପ୍ରେକ୍ଷାଳୟକୁ ଆସିବ । ■



# 'ଜଗା ତୁ ଥାଉ ଥାଉ' ରିଲିଜ୍

ପବିତ୍ର ରଥଯାତ୍ରା ଉପଲକ୍ଷେ ମୁକ୍ତିଲାଭ କରିଛି ସୁନ୍ଦର ଓଡ଼ିଆ ଭଜନ 'ଜଗା ତୁ ଥାଉ ଥାଉ' । ଭକ୍ତର ଭାବ-ଅଭାବ, ଅଳି-ଗାଳିକୁ ନେଇ ଶବ୍ଦ-ସ୍ୱରରେ ଗୁନ୍ଥା ଏହି ସୁନ୍ଦର ଗୀତଟିକୁ ରଚନା କରିଛନ୍ତି ଯୁବ ଗୀତିକାର ରାମକୃଷ୍ଣ ବାରିକ । ନିଜର ଯାଦୁଗରୀ ସ୍ୱରରେ ପୁଣି ଥରେ ଜଗନ୍ନାଥପ୍ରେମୀଙ୍କ ମନ ଜିଣିଛନ୍ତି ଅଭିଜିତ ମିଶ୍ର । ଏଥିରେ ସେ କଣ୍ଠଦାନ ସହ ସଂଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳିଛନ୍ତି । ଅଭିଜିତ ମିଶ୍ର ୟୁଟ୍ୟୁବ ଚ୍ୟାନେଲରେ ଗୀତଟି ରିଲିଜ୍ ହୋଇଥିବା ବେଳେ ୨୦୨୪ ମସିହାରେ ରିଲିଜ ହୋଇଥିବା ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଏହା ହେଉଛି ସିକ୍ୱେଲ୍ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ମୁକ୍ତିଲାଭ କରିଥିବା 'ଜଗା ତୁ ଯାଦୁଗର'କୁ ମିଳିଛି ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ-୨୦୨୪ । ଜାତୀୟ ସମ୍ମାନ ମିଳିବା ପରେ ଏହି ଗୀତକୁ ଆପଣେଇ ନେଇଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ । ଏବେ 'ଜଗା ତୁ ଥାଉ ଥାଉ' ଶ୍ରୋତାଙ୍କ ହୃଦୟ ଜିଣୁଛି । କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଏବଂ ଗୀତିକାର ରାମକୃଷ୍ଣ ବାରିକ 'ଜଗା ତୁ ଯାଦୁଗର' ପାଇଁ ବେଶ୍ ପ୍ରଶଂସା ଓ ପରିଚିତି ଲାଭ କରିଥିବା ବେଳେ ଉଭୟଙ୍କ ଯୋଡ଼ିକୁ ପସନ୍ଦ କରିଛନ୍ତି ଜଗନ୍ନାଥପ୍ରେମୀ । ■



# 'ଜୀ ସାର୍ଥକ ସଂସାର ଉତ୍ସବ' ଆରମ୍ଭ

ଜୀ ସାର୍ଥକରେ ସମ୍ପୂର୍ଣ୍ଣ ନୂଆ ତଥା ନିଆରା ରିଆଲିଟି ଶୋ' 'ଜୀ ସାର୍ଥକ ସଂସାର ଉତ୍ସବ' ଗତ ଶନିବାର (ଜୁଲାଇ ୧୧)ରୁ ଆରମ୍ଭ ହୋଇଯାଇଛି । ଏଥିରେ ଜୀ ସାର୍ଥକର ୪ଟି ଲୋକପ୍ରିୟ ମେଗା ଧାରାବାହିକର କଳାକାରମାନଙ୍କ ସଂସାରକୁ ନେଇ ବିଭିନ୍ନ ମଜାଦାର ଖେଳ ଓ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ସଂସାର ମଧ୍ୟରୁ ବଛାଯିବ ୧ ନମ୍ବର ସଂସାର । ଯିଏ କି ଆସନ୍ତା ଜୀ ସାର୍ଥକ ସଂସାର ଆୱାର୍ଡର ମେଗା ବିଜେତା ହେବେ । ଏଥିରେ ଅଂଶଗ୍ରହଣ କରିଥିବା ୪ଟି ଲୋକପ୍ରିୟ ଧାରାବାହିକର ସଂସାର ହେଲା, 'ସାଥି ସାତ ଜନ୍ମର', 'ସୁନାଝିଅ', 'କିଛି ସତ କିଛି ମିଛ' ଓ 'ତୁ ଖରା ମୁଁ ଛାଇ' । ଏହି ନୂଆ ସ୍ୱାଦର ଶୋ'ରେ ବିଚାରକ ଅଛନ୍ତି ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଶ୍ରୀତମ ଦାସ ଓ ଅଭିନେତ୍ରୀ ଅନିଷା ମହାକୁଡ଼ । ସେହିପରି ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ସୁଜିତ କୁମାର ଏବଂ ଜ୍ୟୋତି ରଞ୍ଜନ । କେବଳ ଏତିକି ନୁହେଁ, ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିବା ପାଇଁ ପ୍ରତି ଏପିସୋଡ୍‌ରେ କମେଡିର ତଡ଼କା ଲଗାଇବେ ଓଡିଆ ଫିଲ୍ମର ଲୋକପ୍ରିୟ ହାସ୍ୟ ଅଭିନେତା ଭକ୍ତି ଓ ସୋସିଆଲ୍ ମିଡିଆ ଷ୍ଟାର୍ କ୍ରୀଷ୍ଣା । ତେବେ ନାଚ, ଗୀତ, କମେଡି ଏବଂ ସେଲିବ୍ରିଟିଙ୍କୁ ନେଇ ଏହା ଏକ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ୟାକେଜ୍ । ଏହା ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ ମିନିଟ୍‌ରେ ଜୀ ସାର୍ଥକରେ ପ୍ରସାରିତ ହେବ । ■

# ପ୍ରେକ୍ଷାଳୟରେ 'ଲାଇନ୍ ବାଲା'

ଆମ ଦୈନନ୍ଦିନ ଜୀବନରେ ପ୍ରତି ମୁହୂର୍ତ୍ତରେ ଆବଶ୍ୟକ ପଡୁଥିବା ଜଣେ ଲାଇନ୍ ବାଲାର ଜୀବନକୁ ନେଇ ନିର୍ମିତ ହୋଇଛି 'ଲାଇନ୍ ବାଲା' ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଟି ରିଲିଜ୍ ହେବା ପରେ ବେଶ୍ ଲୋକାଦୃତ ହୋଇଛି । ସତ୍ୟ ତଥା ମୌଳିକ କାହାଣୀକୁ ଖୁବ ସୁନ୍ଦର ଭାବେ ଏହି ଚଳଚ୍ଚିତ୍ରରେ ଚିତ୍ରଣ କରାଯାଇଛି । 'ଶ୍ରୀହରି ମୋସନ ପିକ୍ଚର୍ସ' ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର କାହାଣୀ ରଚନା ଏବଂ ପ୍ରଯୋଜନା କରିଛନ୍ତି ଇଂ ସୁଶାନ୍ତ କୁମାର ମହାନ୍ତି । ଚିତ୍ରନାଟ୍ୟ, ସଂଳାପ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ପ୍ରଥମଥର ପାଇଁ ନାୟକ ସମ୍ବିତ ଆଚାର୍ଯ୍ୟ ଏବଂ ସ୍ୱପ୍ନା ପ୍ରିୟଦର୍ଶିନୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ସେହିପରି ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଦେବୁ ବ୍ରହ୍ମା, କୁନାଲ ପଟ୍ଟନାୟକ, ସୁମନ ମହାରଣାଙ୍କ ସମେତ ଅନେକ କଳାକାର ଅଭିନୟ କରିଛନ୍ତି । ପ୍ରଚାର ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଅଛନ୍ତି । ବୈଦ୍ୟନାଥ ଦାଶ ଏବଂ ବିଭୂତି ଗଡ଼ନାୟକ ମିଳିତ ଭାବେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଏହି ଚଳଚ୍ଚିତ୍ରକୁ ଦର୍ଶକଙ୍କ ଭଲ ପାଇବା ମିଳିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି । ■



ପରଦା ପଛର କାହାଣୀ


# ନିର୍ଦ୍ଦେଶକଙ୍କ ଲିଖିତ ଗୀତ ହିଟ୍



୧୯୭୪ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ହବସ' । ଏଥିରେ ଅଭିନେତ୍ରୀ ରେଖା ଏକ ସ୍ୱତନ୍ତ୍ର ଚରିତ୍ରରେ ଅଭିନୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନିଲ୍ ଧବନ, ନୀତୁ ସିଂ, ବିନ୍ଦୁ, ବିନୋଦ ମେହରା ପ୍ରମୁଖ କଳାକାର ଅଭିନୟ କରିଥିଲେ । ପ୍ରସିଦ୍ଧ ନିର୍ଦ୍ଦେଶକ ସାବନ କୁମାର ଟାକ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ । ତେବେ ଫିଲ୍ମ ଗୀତ ରଚନାକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଫିଲ୍ମରେ ଗୋଟିଏ ଗୀତକୁ ଲେଖିବା ପାଇଁ ନିର୍ଦ୍ଦେଶକଙ୍କୁ ବହୁତ ହଟହଟା ହେବାକୁ ପଡ଼ିଥିଲା । ଗୀତିକାର ଗୀତ ଲେଖିବା ପାଇଁ ଅଧିକ ଟଙ୍କା ଦାବି କରିଥିଲେ । ତେଣୁ ନିର୍ଦ୍ଦେଶକ ମୁହଁ ତଳକୁ କରି ଘରକୁ ଚାଲି ଆସିଥିଲେ । ଏହାପରେ ନିର୍ଦ୍ଦେଶକ ନିଜେ 'ତେରି ଗଲିୟୋଁ ମେଁ ନା ରଖେଙ୍ଗେ କଦମ୍' ଭଳି ହୃଦୟସ୍ପର୍ଶୀ ଗୀତ ରଚନା କରିଥିଲେ । କାରଣ 'ହବସ' ଫିଲ୍ମ ତିଆରି ସମୟରେ ସାବନ କୁମାର ହବସଙ୍କ ଆର୍ଥିକ ସ୍ଥିତି ଭଲ ନଥିଲା । ଏହା ପୂର୍ବରୁ ତାଙ୍କର 'ଗୌମତୀ କି ପ୍ୟାର୍' ଫିଲ୍ମ ଫ୍ଲପ୍ ହୋଇଥିଲା । ତେଣୁ 'ହବସ' ଫିଲ୍ମ ନିର୍ମାଣ ସମୟରେ, ଫିଲ୍ମର ଗୁଣବତ୍ତା ସହ କୌଣସି ସାଲିସ କରିବାକୁ ଚାହୁଁ ନ ଥିଲେ । ତେଣୁ କମ୍ ବଜେଟ୍‌ରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିଲେ । ସେ ଗୀତ ଲେଖିବା ପାଇଁ ପ୍ରସିଦ୍ଧ ଗୀତିକାର ମଜ୍‌ରୁହ ସୁଲତାନପୁରୀଙ୍କ ପାଖରେ ପହଞ୍ଚିଥିଲେ । ଦୁହିଁଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ଚାଲିଥିଲା । ଗୀତିକାର ଗୀତ ରଚନା ପାଇଁ ୨୫ ହଜାର ଟଙ୍କା ନେବେ ବୋଲି ସିଧାସଳଖ କହିଥିଲେ । ତେବେ ନିର୍ଦ୍ଦେଶକ ବଜେଟ୍ କମ୍ ଥିବାରୁ ତାଙ୍କୁ ମାତ୍ର ଗୋଟିଏ ଗୀତ ଲେଖିବାକୁ କହିଥିଲେ । ତେଣୁ ଟଙ୍କା ଟିକେ କମ୍ କରିବା ପାଇଁ ତାଙ୍କୁ ନିବେଦନ କରିଥିଲେ । ଗୋଟିଏ ହେଉ ବା ଚାରୋଟି ଗୀତ ହେଉ ଗୋଟିଏ ଟଙ୍କା ମଧ୍ୟ କମ୍ କରିବେନି ବୋଲି ସିଧାସଳଖ ମନା କରିଥିଲେ । ତେଣୁ ଗୀତିକାରଙ୍କ କଥାରେ ସାବନ କୁମାର ଭାଙ୍ଗି ପଡ଼ି ମନଦୁଃଖରେ ଘରକୁ ଫେରିଥିଲେ । ସେ ଘରୁ ଫେରିବାବେଳେ ତାଙ୍କ ମନକୁ ଏକ ଧାଡ଼ି ଆସିଥିଲା । 'ଅବ୍ ଇନ୍‌କି ଗଲିୟୋଁ ମେଁ କଦମ୍ ନେହିଁ ରଖୁଙ୍ଗା' -ଏହା ହିଁ ଏହି ଫିଲ୍ମର ମୁଖ୍ୟ ଲାଇନ୍ ଥିଲା । ସେ ମ୍ୟୁଜିକ୍ କମ୍ପୋଜର ଉଷା ଖାନଙ୍କ ସହ ଗୀତ ପ୍ରସ୍ତୁତ କରିଥିଲେ । ଏହି ଗୀତଟି ହିଟ୍ ମଧ୍ୟ ହୋଇଥିଲା । ■

# 'ସିନେମାରେ ଅଭିନୟ କରିବା ମୋର ଲକ୍ଷ୍ୟ'

**ଜୟଦେବ ରାଉଳ, ଅଭିନେତା**



ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ ଜଣେ ଅଭିନେତା ହେବେ ବୋଲି । ସ୍ୱପ୍ନ ପୂରା କରିବାକୁ ସେ ଟିକ୍‌ଟକ୍‌ରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ପ୍ରୟାସ ହିଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ଦେଲା । ବର୍ତ୍ତମାନ ଆଲବମ୍ ଜଗତର ସେ ଜଣେ ଜଣାଶୁଣା ନାୟକ । ମୟୂରଭଞ୍ଜ ଜିଲ୍ଲା ବାରିପଦାର ଜୟଦେବ ରାଉଳ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ 'ପରଦେଶୀୟା ରାଜା', 'ଟାଙ୍ଗୁମାଡ଼' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା । ନିକଟରେ ତାଙ୍କ ଅଭିନୀତ 'କନ୍ଧମାଳ ହଳଦୀ' ମ୍ୟୁଜିକ୍ ଭିଡ଼ିଓ ରିଲିଜ୍ ହୋଇଛି । ଅଭିନୟ ଜଗତକୁ ଆସିବା ପାଇଁ ଜୟଦେବଙ୍କୁ ନାନା ସଂଘର୍ଷ କରିବାକୁ ପଡ଼ିଛି । ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଶୁଣିବା ତାଙ୍କରି ମୁହଁରୁ ।

**କଳା ଦୁନିଆକୁ କାହିଁକି ବାଛିଲେ ?**

- ଅଭିନେତା ହେବାକୁ ଛୋଟ ବେଳୁ ଇଚ୍ଛା ଥିଲା । ସ୍କୁଲ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କରିଲି । ଟିକ୍‌ଟକ୍‌ରେ ମୋର ଅନେକ ପ୍ରଶଂସକ ଥିଲେ । ସୌଭାଗ୍ୟବଶତଃ ଟିକ୍‌ଟକ୍ ଜରିଆରୁ ହିଁ ମ୍ୟୁଜିକ୍ ଆଲବମ୍‌ରେ ଅଭିନୟ କରିବାକୁ ସୁଯୋଗ ମିଳିଲା । 'ଝରି ଯାଏ ଲୁହ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ । 'ପରଦେଶୀୟା ରାଜା', 'ଟାଙ୍ଗୁମାଡ଼', 'ଝିପି ଝିପି ମେଘ', 'ବାବୁ ସୁନା ଜାନ୍', 'ତାକୁ ଭୁଲିଯାରେ ହୃଦୟ' ଆଦି ମ୍ୟୁଜିକ୍ ଭିଡିଓ ସବୁଠୁ ଅଧିକ ଲୋକପ୍ରିୟତା ଦେଇଛି ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ପ୍ରଥମେ ୪ ଟି ୫ଟି ମ୍ୟୁଜିକ୍ ଭିଡିଓ କରିବା ପରେ ମୋତେ ପାରିଶ୍ରମିକ ମିଳି ନ ଥିଲା । ଯେହେତୁ ଅଭିନୟ ଜଗତରେ କାମ କରିବା ମୋର ଇଚ୍ଛା ଥିଲା, ତେଣୁ ପାରିଶ୍ରମିକକୁ ନେଇ କେବେ ମନ ଉଣା କରି ନାହିଁ ।

**ମ୍ୟୁଜିକ୍ ଭିଡିଓ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

- ନୂଆ ନୂଆ କାମ ଆରମ୍ଭ କରିଥିଲି ଟିକେ ନର୍ଭସ୍ ଲାଗୁଥିଲା । ହେଲେ ଏବେ କାମ କରିବାକୁ ମଜା ଲାଗୁଛି । ପ୍ରଥମେ ଗୀତ ଶୁଣେ । ଏହା ମୋର ହୃଦୟକୁ ଛୁଇଁଲା ପରେ ଅଭିନୟ କରିବାକୁ ସହଜ ହୁଏ । ସେହିପରି ଯେଉଁ ଗୀତ ବୁଝିବାକୁ ମୋତେ କଷ୍ଟ ଲାଗେ ତାହାକୁ ବାରମ୍ବାର ଅଭ୍ୟାସ କରିବାକୁ ପଡ଼ିଥାଏ ।

**କାମ କରିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଥିଲା?**

- ପ୍ରଥମେ କିଛିଟା ମ୍ୟୁଜିକ୍ ଭିଡିଓ କରିବା ପରେ ମୁଁ ଭୁବନେଶ୍ୱରକୁ ଚାଲିଆସିଲି । ଭାବିଥିଲି ମ୍ୟୁଜିକ୍ ଡିରେକ୍ଟରଙ୍କ ଦ୍ୱାରା ଅନେକ ଗୁଡ଼ିଏ ପ୍ରୋଜେକ୍ଟରେ କାମ କରିପାରିବି । ଭୁବନେଶ୍ୱର ଆସିବା ପରେ ବର୍ଷରେ ମୋତେ ମାତ୍ର ଗୋଟିଏ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ମିଳିଥିଲା । ଏଥିରୁ ୨୦୦୦ ଟଙ୍କା ପାରିଶ୍ରମିକ ମିଳିଥିଲା । ମୋ ମା' ଜଣେ ସରକାରୀ କର୍ମଚାରୀ । ବାପା ବି ଚାକିରିଆ । କେହି ବି ଚାହୁଁନଥିଲେ ମୁଁ ଏ ଲାଇନ୍‌କୁ ଆସେ । ସେଥିପାଇଁ ମୁଁ ସେମାନଙ୍କ ସହ କିଛି ସେୟାର୍ କରିପାରିନଥିଲି । ବହୁତ କଷ୍ଟ କରିବାକୁ ପଡ଼ିଥିଲା । ସେହି ସମୟ ମୋ' ଜୀବନର ସବୁଠୁ ଦୁଃଖଦ ମୁହୂର୍ତ୍ତ ।

**ସୁଟିଂ ସେଟ୍‌ରୁ ଆପଣଙ୍କୁ ଜୀବନ ସାଥି ମିଳିଥିଲା?**

- ଅଭିନୟ ଜଗତରେ କାମ କରିବାର ୩ରୁ ୪ବର୍ଷ ପରେ ବରଗଡ଼ରେ କୁକିଜଙ୍କ ସହିତ 'କୁଞ୍ଚ ମରା ଶାଢ଼ି' ମ୍ୟୁଜିକ୍ ଭିଡିଓ ସୁଟ୍ ଚାଲିଥିଲା । ସେହି ସୁଟିଂସେଟ୍‌ରୁ ଆମ ଭିତରେ ବନ୍ଧୁତ୍ୱ, ପ୍ରେମ ଆଉ ତା'ପରେ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲୁ ।

**ଫିଟ୍ ରହିବାକୁ କ'ଣ କରନ୍ତି?**

- ପ୍ରତିଦିନ ବ୍ୟାୟାମ କରିବା ସହିତ ଘରୋଇ ସନ୍ତୁଳିତ ଖାଦ୍ୟ ଖାଏ ।

**ୟୁଟ୍ୟୁବ୍‌ରେ ମଧ୍ୟ ଆପଣଙ୍କ ଭିଡିଓ ଆସୁଛି, ଏହାର ଉଦ୍ଦେଶ୍ୟ କ'ଣ?**

- ଆମେ ଦୁଇଜଣ କଳା ଲାଇନ୍‌ରେ ଅଛୁ । ପ୍ରତ୍ୟେକଙ୍କ ପାଇଁ କାମ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଭଲ ଭାବେ ଜାଣିଛୁ । ପରସ୍ପରକୁ ଆମେ ସହଯୋଗ କରୁ । ସେହିପରି ଆମ ବିବାହର କିଛି ଦିନ ପରେ ଆମେ ବିନା ଯୋଜନାରେ ଗୋଟିଏ ଛୋଟ ବ୍ଲଗ୍ ଅପଲୋଡ୍ କରିଥିଲୁ । ସେତେବେଳେ ବ୍ଲଗ୍‌ଟିକୁ ମିଲିୟନ୍ ଲୋକ ଦେଖିଲେ । ତେଣୁ ଦର୍ଶକଙ୍କ ସହିତ ଯୋଡ଼ି ରହିବାକୁ ଆମେ ବିଭିନ୍ନ ପ୍ରକାର ଭିଡିଓ ବନାଇ ଚାଲିଲୁ । ତେବେ ସାମାଜିକ ଗଣମାଧ୍ୟମର ସଦୁପଯୋଗ କରି ଦର୍ଶକଙ୍କ ସହ ଯୋଡ଼ି ରହିବା ଆମର ମୂଳ ଉଦ୍ଦେଶ୍ୟ ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

- ପିଲାଦିନରୁ ସିନେମାରେ ଅଭିନୟ କରିବାର ସ୍ୱପ୍ନ ଓ ଲକ୍ଷ୍ୟ ରହିଛି । ସେଥିପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି । ■






## ସୁପର ସବ୍ ମେରିନୋ

ଲସ୍ ଏଞ୍ଜେଲସ, ୧୧।୭ (ଏଜେନ୍ସି): ବେଲଜିୟମ୍ ବିପକ୍ଷ ଏହି ମୁକାବିଲାରେ ମିଇେଇଲ ମେରିନୋ ୮୭ମିନିଟ୍‌ରେ ଗୋଲ ସ୍କୋର କରି ସ୍ପେନ୍‌କୁ ବିଜୟୀ କରାଇଥିଲେ। ସେ ୮୫ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିଲେ। ଏହି ମୁକାବିଲାରେ ସେ ମାତ୍ର ୫ ମିନିଟ୍ ଖେଳି ଏହି ସଫଳତା ପାଇଥିଲେ। ସେହିପରି ପର୍ତ୍ତୁଗାଲ ବିପକ୍ଷ ରାଉଣ୍ଡ ଅଫ୍୧୬ ମୁକାବିଲାରେ ଖେଳ ଯେତେବେଳେ ଅତିରିକ୍ତ ସମୟକୁ ଯିବ ବୋଲି ଜଣାପଡୁଥିଲା ଠିକ୍ ସେତିକିବେଳେ ବଦଳ ଖେଳାଳିଭାବେ ଆସିଥିବା ମେରିନୋ ଷ୍ଟପେଜ୍ ଟାଇମ୍ ବା ୯୧ ତମ ମିନିଟ୍‌ରେ ଗୋଲ ଦେଇ ସ୍ପେନ୍‌କୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ଏହି ୩୦ ବର୍ଷୀୟ ମିଡ୍‌ଫିଲ୍ଡର ବାର୍ସିଲୋନା ଲାଗି କ୍ଲବ୍ ଫୁଟବଲ ଖେଳୁଛନ୍ତି।

## ସୁପରଷ୍ଟାର ମାନେଙ୍କ ଅବସର

ଡାକାର,୧୧।୭ (ଏଜେନ୍ସି): ପ୍ରି-କ୍ୱାର୍ଟରରେ ବେଲଜିୟମ ନିକଟରୁ ୩-୨ ଗୋଲରେ ହାରିଯିବା ପରେ ସେନେଗାଲ ଦଳର ସୁପରଷ୍ଟାର



ସାଦିଓ ମାନେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି। ଦୀର୍ଘ ୧୪ ବର୍ଷ ଧରି ସେନେଗାଲ ପକ୍ଷରୁ ସେ ୧୩୨ଟି ମ୍ୟାଚ୍ ଖେଳି ରେକର୍ଡ ୩୪ଟି ଗୋଲ ସ୍କୋର କରିଛନ୍ତି। ସେ ଏବେ ଦେଶର ଟପ୍ ଗୋଲ ସ୍କୋରର ରହିଛନ୍ତି। ମାନେଙ୍କ ନେତୃତ୍ୱରେ ସେନେଗାଲ ୨୦୨୧ରେ ପ୍ରଥମଥର ଆଫ୍ରିକୀୟ ନେସନ୍ସ କପ୍‌ରେ ଚାମ୍ପିଅନ ହୋଇଥିଲା। ଅନ୍ତର୍ଜାତୀୟ ଫୁଟବଲ ଖେଳରୁ ଅବସର ନେଇଥିଲେ ମଧ୍ୟ ସେ କ୍ଲବ୍ ଫୁଟବଲ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ଏବେ ସେ ସାଉଦି ଆରବର ପ୍ରୋ-ଲିଗ୍‌ରେ ଅଲ-ନାସର ପକ୍ଷରୁ ଖେଳୁଛନ୍ତି।

## ହଲାଣ୍ଡଙ୍କ ଜର୍ସିରେ ବ୍ରାଉଟ୍ କାହିଁକି ଲେଖାଯାଇଛି

ନ୍ୟୁୟର୍କ,୧୧।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ନରୱେର ଫରୱାର୍ଡ ଖେଳାଳି ଏର୍ଲିଙ୍ଗ୍ ବ୍ରାଉଟ ହଲାଣ୍ଡଙ୍କର ଲୋକପ୍ରିୟତା ଢେର ବୃଦ୍ଧି ପାଇଛି। ସେ ପାଞ୍ଚଟି ମ୍ୟାଚ୍‌ରୁ ୭ଟି ଗୋଲ ଦେଇସାରିଛନ୍ତି।





ହଲାଣ୍ଡଙ୍କ ଲୋକପ୍ରିୟତା ଇନ୍‌ଷ୍ଟାଗ୍ରାମ୍‌ରେ ୪୦ ମିଲିଅନରୁ ବୃଦ୍ଧି ପାଇ ୬୦ ମିଲିଅନ୍‌ରେ ପହଞ୍ଚିଛି। ସେ ମାଞ୍ଚେଷ୍ଟର ସିଟି ପକ୍ଷରୁ କ୍ଲବ୍ ଫୁଟବଲ ଖେଳୁଛନ୍ତି। ସେଠାରେ ତାଙ୍କ ଜର୍ସିରେ କେବଳ ହଲାଣ୍ଡ ଲେଖାଯାଇଛି। କିନ୍ତୁ ସେ ଦେଶ ପକ୍ଷରୁ ଖେଳୁଥିଲାବେଳେ ଜର୍ସିରେ ବ୍ରାଉଟ ହଲାଣ୍ଡ (braut haaland) ଲେଖିଥାନ୍ତି। ଏହାର କାରଣ ହେଲା ମା'ଙ୍କୁ ସମ୍ମାନ ଦେବା। ତାଙ୍କ ମା'ଙ୍କ ନାମ ହେଉଛି ଗ୍ରାଇ ମାରିଟା ବ୍ରାଉଟ। ମା'ଙ୍କ ଶେଷ ନାମକୁ ନରୱେରେ ଅନେକ ଖେଳାଳି ସମ୍ମାନ ଦେବା ସକାଶେ ଜର୍ସିରେ ଲେଖିଥାନ୍ତି। ଏଣୁ ହଲାଣ୍ଡଙ୍କ ନା ପୂର୍ବରୁ ମା'ଙ୍କ ଶେଷନାମ ବ୍ରାଉଟ ରହିଛି। ହଲାଣ୍ଡଙ୍କ ପିତା ଆଲଫ୍-ଆଙ୍ଗ୍ ମଧ୍ୟ ନରୱେ ପକ୍ଷରୁ ଫୁଟବଲ ଖେଳୁଥିଲେ। ସେ ୧୯୯୪ ବିଶ୍ୱକପ୍‌ରେ ନରୱେର ପ୍ରତିନିଧିତ୍ୱ କରିଥିଲେ।

# ଫାଇନାଲ ଲାଗି ଫ୍ରାନ୍ସ-ସ୍ପେନ୍ ଲଢ଼େଇ

ଲସ୍ ଏଞ୍ଜେଲସ,୧୧।୭ (ଏଜେନ୍ସି):


ବେଲ୍‌ଜିୟମକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ଏଠାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଆନ୍ ରୁଇଜ୍ ଓ ମିକେଲ ମେରିନୋ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କ୍ୱାର୍ଟରଫାଇନାଲରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିବା ବେଲଜିୟମ୍ ପକ୍ଷରୁ ଫରୱାର୍ଡ ଖେଳାଳି ଚାର୍ଲସ ଡି କାଟଲେୟାର ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଆର୍ଲିଂଟନରେ ଜୁଲାଇ ୧୪ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସ୍ପେନ୍ ସହ ଗତଥରର ରନର୍ସ ଅପ୍ ଫ୍ରାନ୍ସର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଫ୍ରାନ୍ସ ୨-୦ ଗୋଲରେ ମରୋକ୍କୋକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଟିକଟ ହାସଲ ଲାଗି ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ୨୦୧୦ ବିଜେତା ସ୍ପେନ୍ ମଧ୍ୟରେ ଜୋରଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି।

ସୋଫି ଷ୍ଟାଡିୟମ୍‌ରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ଉଭୟ ଦଳ ଅତ୍ୟଧିକ ସତର୍କ ହୋଇ ଖେଳିଥିଲେ। ଖେଳର ୨୯ତମ ମିନିଟ୍‌ରେ ଡେଭିଡ୍ ଓଲମୋଙ୍କ ସଟ୍‌କୁ ବେଲଜିୟମ ଗୋଲରକ୍ଷକ ଥିବାଉଟ୍ କୋର୍ଟୋଇସ୍ ଅଟକାଇ ଦେଇଥିଲେ। କିନ୍ତୁ ବଲ୍ ତାଙ୍କ ହାତରେ ବାଜି ରିବାଉଣ୍ଡ ହେଉଥିଲାବେଳେ ସେଠାରେ ଥିବା ସ୍ପେନ୍ ମିଡ୍‌ଫିଲ୍ଡର ଫାବିଆନ୍ ରୁଇଜ୍ ପୋଷ୍ଟକୁ ବଲ ପଠାଇ ପ୍ରଥମ ଗୋଲ ଦେଇଥିଲେ। ଖେଳର ୪୦ତମ ମିନିଟ୍‌ରେ ତିମୋଥି କାଷ୍ଟାଗେନ୍‌ଙ୍କଠାରୁ କ୍ରସ୍ ପାସ୍ ପାଇ ଚାର୍ଲସ ଡି କାଟେଲେୟାର ହେଡର ଜରିଆରେ ଗୋଲ୍‌ଟି ଶୁଝାଇଦେଇଥିଲେ। ପ୍ରଥମାର୍ଦ୍ଧ ଏବଂ ଖେଳର ୮୬ତମ ମିନିଟ୍‌ରେ ଉଭୟ ଦଳ ଖେଳାଳି ବଦଳ କରି ମଧ୍ୟ ଗୋଲ ସ୍କୋର କରିପାରି ନ ଥିଲେ। କିନ୍ତୁ ୮୫ତମ ମିନିଟ୍‌ରେ ଡାନି ଓଲମୋଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଆସିଥିବା ମିକେଲ ମେରିନୋ ୮୭ତମ ମିନିଟ୍‌ରେ ଗୋଲ ସ୍କୋର କରି ଖେଳର ମୋଡ଼ ବଦଳାଇ ଦେଇଥିଲେ। ପର୍ତ୍ତୁଗାଲ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ମଧ୍ୟ ମେରିନୋ ବିଜୟସୂଚକ ଗୋଲ ବଦଳ ଖେଳାଳିଭାବେ ଆସି ସ୍କୋର କରିଥିଲେ। ଖେଳର ଶେଷ ହ୍ୱିସିଲ ବାଜିବା ପର୍ଯ୍ୟନ୍ତ ସ୍ପେନ୍ ୨-୧ରେ ଅଗ୍ରଣୀ ବଜାୟ ରଖିବା ସହ ମୁକାବିଲାକୁ ଜିତି ତୃତୀୟଥର ଲାଗି ସେମିଫାଇନାଲରେ ପ୍ରବେଶ କରିଥିଲା।



## ଫୁଟବଲର୍ ଆଡାମ୍ସଙ୍କ ଅକାଳ ବିୟୋଗ

କେପଟାଉନ, ୧୧।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ ମଧ୍ୟରେ ଏକ ବଡ଼ ଦୁଃଖଦ ଖବର ଆସିଛି। ଦକ୍ଷିଣ ଆଫ୍ରିକା ଫୁଟବଲ୍ ଦଳର ଏହି ମିଡଫିଲ୍ଡର ଜାଏଡେନ୍ ଆଦାମ୍ସଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୨୫ ବର୍ଷ ବୟସ ହୋଇଥିଲା। ଚଳିତ ବିଶ୍ୱକପରେ ଅଂଶଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ ସେ ସଦସ୍ୟ ରହିଥିଲେ। ଦକ୍ଷିଣ ଆଫ୍ରିକୀୟ ଫୁଟବଲ୍ ତା'ର ଜଣେ



ଉଜ୍ଜ୍ୱଳ ଯୁବ ପ୍ରତିଭାଙ୍କୁ ହରାଇଛି ବୋଲି ଦେଶର କ୍ରୀଡା ମନ୍ତ୍ରୀ ଗେଟନ୍ ମ୍ୟାକେଞ୍ଜି କହିଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନି। ପୋଲିସ କହିଛି ଯେ ଶନିବାର ସକାଳେ କେନ୍ଦ୍ରୀୟ କେପ୍ ଟାଉନର ଏକ ଘରେ ଆଦାମ୍ସଙ୍କ ମୃତଦେହ ମିଳିଥିଲା। ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଚେକିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ରୁପ୍-ଏ ମ୍ୟାଚ୍ ପୂର୍ବରୁ ଆଦାମ୍ସଙ୍କ ଜେଜେମା'ଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା।

## ବିକ୍ରି ହେବ ଫାଇନାଲ୍ ପଡ଼ିଆର ଘାସ
# ପ୍ରତି ଖଣ୍ଡର ମୂଲ୍ୟ ପ୍ରାୟ ୪୩ ହଜାର ଟଙ୍କା

ନିଉ ଜର୍ସି,୧୧।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍‌ର ସ୍ମୃତିକୁ ସାଉଁଟି ରଖିବା ପାଇଁ ଫୁଟବଲ୍‌ପ୍ରେମୀଙ୍କୁ ଏକ ଅଭିନବ ସୁଯୋଗ ମିଳିବାକୁ ଯାଉଛି। ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଏଥିପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରିବାକୁ ଯାଉଛି। ନ୍ୟୁ ଜର୍ସି ଷ୍ଟାଡିୟମରେ ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ର ପଡ଼ିଆରୁ ଘାସର ଏକ ଛୋଟ ଛୋଟ ଖଣ୍ଡକୁ ସ୍ମାରକୀ ଭାବେ ବିକ୍ରି କରିବାକୁ ଫିଫା ଘୋଷଣା କରିଛି। ଏହି ପ୍ରକୃତ ଘାସ ଖଣ୍ଡର ସାଇଜ ୧୭.୫ ଗୁଣା ୧୭.୫ ରହିଛି। ତେବେ ଏହି ସଂଖ୍ୟା ଇଞ୍ଚ, ସେଣ୍ଟିମିଟର କିମ୍ବା ମିଲିମିଟର ତାହା ସ୍ପଷ୍ଟ କରାଯାଇନାହିଁ। ଫିଫାର ଅନଲାଇନ୍ ଷ୍ଟୋର୍‌ରେ ଏହି ଘାସ ଖଣ୍ଡ ଉପଲବ୍ଧ ହେବ। ଯାହାର ପ୍ରତି ଖଣ୍ଡର ମୂଲ୍ୟ ୪୫୦ ଡଲାର (ପ୍ରାୟ ୪୩ ହଜାର ଟଙ୍କା) ରଖାଯାଇଛି। ଆସନ୍ତା ଜୁଲାଇ ୧୯ରେ ହେବାକୁ ଥିବା ଫାଇନାଲ୍ ପରେ ଏହି ସ୍ମାରକୀଗୁଡ଼ିକୁ ଗ୍ରାହକମାନଙ୍କ ପାଖକୁ ପଠାଯିବ। ପ୍ରତି ଖଣ୍ଡ ଘାସକୁ ଏକ ପ୍ରିମିୟମ୍ କାଚ ବାକ୍ସ ଭିତରେ ସୁରକ୍ଷିତ ଭାବେ ରଖାଯିବ। ଏଥିସହିତ ଏକ ସ୍ମାରକୀ ଡିଭାଇସ୍ ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ପାଇଁ ଏହି ସ୍ମାରକୀର ବିତରଣ କେବଳ ଆମେରିକା ଏବଂ ୟୁରୋପର ଠିକଣା ମଧ୍ୟରେ ସୀମିତ ରହିବ।

## ୬୪୯ ମିନିଟ୍ ପରେ ଗୋଲ୍ ବରଣକଲେ ସାଇମନ୍

ଲସ୍‌ଏଞ୍ଜେଲ୍‌ସ,୧୧।୭ (ଏଜେନ୍ସି): ସ୍ପେନ୍‌ର ଗୋଲରକ୍ଷକ ଉନାଇ ସାଇମନ୍ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସମୟ ଗୋଲ ବରଣ ନ କରିବାର ରେକର୍ଡ କରିଛନ୍ତି। ୨୦୨୨ରୁ ୨୦୨୬ ବିଶ୍ୱକପ୍ ଯାଏ ୬୪୯ ମିନିଟ୍‌କାଳ ଖେଳରେ ସାଇମନ୍ ଗୋଟିଏ ହେଲେ ଗୋଲ ବରଣ କରିନାହାନ୍ତି। ଏଠାରେ ଗତକାଲି ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ୫୪ତମ ମିନିଟରେ ବେଲଜିୟମର ଚାର୍ଲସ ଡି କେଟଲାୟର ହେଡର ଜରିଆରେ ଗୋଲ ଦେବା ପରେ ସାଇମନ୍ ପ୍ରଥମ ଗୋଲବରଣ କରିଥିଲେ। ଏହି କ୍ରମରେ ସେ ଇଟାଲୀର ଗୋଲରକ୍ଷକ



ୱାଲଟର ଜେଙ୍ଗାଙ୍କ ବିଶ୍ୱକପ୍ ରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୦ ବିଶ୍ୱକପ୍‌ରେ ଜେଙ୍ଗା ୫୧୭ ମିନିଟ୍ ଖେଳ ପର୍ଯ୍ୟନ୍ତ ଗୋଲ ବରଣ କରି ନ ଥିଲେ। ୨୦୨୨ ବିଶ୍ୱକପ୍‌ରେ ଜାପାନଠାରୁ ୨-୧ ଗୋଲରେ ହାରିବାରେ ସାଇମନ୍ ଶେଷଥର ଗୋଲ ବରଣ କରିଥିଲେ। ତାଙ୍କ ଚମତ୍କାର ଗୋଲରକ୍ଷଣ ବଳରେ ସ୍ପେନ୍ ଏବେ ସେମିଫାଇନାଲରେ ଫ୍ରାନ୍ସ ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମୁକାବିଲାଟି ମଙ୍ଗଳବାର ରାତିରେ ଖେଳାଯିବ।

## ଜାତୀୟ ଜୁନିଅର ରଗ୍‌ବୀ: ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୧୧।୭ (ସମିସ): ହାଇଦରାବାଦ୍‌ରେ ଶେଷ ହୋଇଥିବା ଜାତୀୟ ଜୁନିଅର ରଗ୍‌ବୀରେ ଓଡ଼ିଶା କାଂସ୍ୟ ପଦକ ହାସଲ କରିଛି। ତୃତୀୟ ସ୍ଥାନ ଲାଗି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୩୩-୦ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଓଡ଼ିଶାକୁ ୧୨-୭ରେ ହରାଇଥିବା ବିହାର ଫାଇନାଲରେ ମହାରାଷ୍ଟ୍ରକୁ ୩୬-୫ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଓଡ଼ିଶାର ଖେଳାଳିମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବିଦେଶ ମାଟିରେ ଅନିମେଶ ଦ୍ରୁତତମ ଭାରତୀୟ

ଭୁବନେଶ୍ୱର, ୧୧।୭ (ସମିସ): ଅନିମେଶ କୁଜୁର ବିଦେଶ ମାଟିରେ ଦ୍ରୁତତମ ଭାରତୀୟ ଧାବକ ହୋଇଛନ୍ତି। ଜର୍ମାନୀରେ ଅନୁଷ୍ଠିତ ଫାଷ୍ଟ ଆର୍ମ ଫାଷ୍ଟ ଲେଗ୍ ମିଟ୍‌ରେ ଅନିମେଶ ପୁରୁଷ ୧୦୦ ମିଟର ରେସକୁ ୧୦.୧୪ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ଫଳରେ ବିଦେଶ ମାଟିରେ ସେ ଦ୍ରୁତତମ ଭାରତୀୟ ଧାବକ ହୋଇଛନ୍ତି। ସେହିଭଳି ଏହା ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ମଧ୍ୟ ହୋଇଛି। ପୂର୍ବରୁ



୧୦୦ ମିଟରରେ ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୧୫ ସେକେଣ୍ଡ ରହିଥିଲା। ଅନିମେଶ ଏବେ ଓଭରଅଲ୍ ଦେଶର ଦ୍ୱିତୀୟ ଦ୍ରୁତତମ ଧାବକ। ଗତ ମାସରେ ରାଞ୍ଚିରେ ଅନୁଷ୍ଠିତ ଫେଡରେସନ କପ୍‌ରେ ୧୦.୦୯ ସେକେଣ୍ଡରେ ରେସ ଫିନିଶ କରି ଗୁରିନ୍ଦରବୀର ସିଂହ ଭାରତର ଦ୍ରୁତତମ ଧାବକ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ୨୦୦ ମିଟରରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

**ପୁରୁଷ ୧୦୦ ମିଟରରେ ଭାରତର ଶ୍ରେଷ୍ଠ-୫ ଟାଇମିଂ**

| ଧାବକ | ଟାଇମିଂ (ସେକେଣ୍ଡ) |
|---|---|
| ଗୁରିନ୍ଦରବୀର ସିଂହ | ୧୦.୦୯ |
| ଅନିମେଶ କୁଜୁର | ୧୦.୧୪ |
| ଅନିମେଶ କୁଜୁର | ୧୦.୧୫ |
| ଗୁରିନ୍ଦରବୀର ସିଂହ | ୧୦.୧୭ |
| ଅନିମେଶ କୁଜୁର | ୧୦.୧୮ |

## ୱିମ୍ବଲଡନ: ହ୍ୟାରୀ ଓ ହେନରୀଙ୍କୁ ପୁରୁଷ ଯୁଗଳ ଟାଇଟଲ

ଲଣ୍ଡନ,୧୧।୭ (ଏଜେନ୍ସି): ଫିନ୍‌ଲ୍ୟାଣ୍ଡର ହ୍ୟାରୀ ହେଲିଓଭାରା ଓ ବ୍ରିଟେନ୍‌ର ହେନରୀ ପାଟ୍ଟନ ୱିମ୍ବଲଡନ-୨୦୨୬ ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ହ୍ୟାରୀ-ହେନରୀଙ୍କ ଯୋଡି ୬ଷ୍ଠ ସିଡ୍ କ୍ରୋଏସିଆର ମେଟ୍ ପାଭିଚ୍ ଓ ଏଲ ସାଲାଡୋରର ମାର୍ସେଲୋ ଆରେଭାଲୋଙ୍କ ଯୋଡିକୁ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ଟପ୍ ସିଡ୍ ହ୍ୟାରୀ-ହେନରୀଙ୍କର ଏହା ଦ୍ୱିତୀୟ ୱିମ୍ବଲଡନ ତଥା ତୃତୀୟ ମେଜର ବା ଗ୍ରାଣ୍ଡସ୍ଲାମ୍ ଟାଇଟଲ। ଏହି ଯୋଡି ୨୦୨୪ରେ ୱିମ୍ବଲଡନ ଓ ୨୦୨୫ରେ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ


ଲିଣ୍ଡା ନୋସ୍କୋଭା

ବିଜୟୀ ହୋଇଥିଲେ। ଚେକ୍ ରିପବ୍ଲିକ୍‌ର ଦୁଇ ଖେଳାଳି କାରୋଲିନା ମୁଚୋଭା ଓ ୯ମ ସିଡ୍ ଲିଣ୍ଡା ନୋସ୍କୋଭାଙ୍କ ମଧ୍ୟରେ ମହିଳା ଏକକ ଫାଇନାଲ ମୁକାବିଲା ଖେଳାଯିବ। ଗତକାଲି ଅନୁଷ୍ଠିତ ସେମିଫାଇନାଲରେ ନୋସ୍କୋଭା ୨-୦ରେ ୧୨ଶ ସିଡ୍ ମାତ୍ରା କୋଷ୍ଟ୍ୟୁକ୍‌ଙ୍କୁ ଏବଂ ୧୦ମ ସିଡ୍ ମୁଚୋଭା ୭ମ ସିଡ୍ କୋକୋ ଗଫ୍‌ଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ପୁରୁଷ ବିଭାଗ ଏକକ ଫାଇନାଲରେ ପ୍ରଥମ ଦୁଇ ସିଡ୍ ନଂ-୧ ଇଟାଲୀର ଜାନିକ୍ ସିନ୍ନର ଓ ନଂ-୨ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭଙ୍କ ମଧ୍ୟରେ ଫାଇନାଲ ଖେଳାଯିବ।

## ଘାତକ ବୋଲିଂ ସହ କ୍ରାନ୍ତିଙ୍କୁ ୫ ୱିକେଟ

ଲଣ୍ଡନ,୧୧।୭ (ଏଜେନ୍ସି): ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡଙ୍କ ଘାତକ ବୋଲିଂ ବଳରେ ଐତିହାସିକ ଲର୍ଡ୍ସ ଷ୍ଟାଡିୟମ୍‌ରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୧୧୫ ରନ୍‌ର ବୃହତ୍ ଅଗ୍ରଣୀ ନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ

**ଭାରତ ପ୍ରଥମ ଇନିଂସ ଅଗ୍ରଣୀ**



ଭାରତର ୨୮୫ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳରେ ଇଂଲଣ୍ଡ ୧୭୦ ରନ୍ କରିଥିଲା। କ୍ରାନ୍ତି ଗୌଡ଼ ୧୭ ଓଭରରେ ୩୭ ରନ୍ ଦେଇ ୫ ୱିକେଟ ନେବା ଫଳରେ ଏହା ସମ୍ଭବ ହୋଇଥିଲା। ଅନ୍ୟ ଫାଷ୍ଟ ବୋଲର ସାୟଲି ସାତଘାରେ ଓ ସ୍ପିନର ସ୍ନେହ ରାଣା ୨ଟି ଲେଖାଏଁ ୱିକେଟ ନେଇ ଉପଯୁକ୍ତ ସହାୟତା ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଆମି ଜୋନ୍ସ ସର୍ବାଧିକ ୫୨ ଓ ଅଧିନାୟିକା ନାତାଲି ସିଭର-ବ୍ରଣ୍ଟ୍ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ଶେଷଖବର ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୩୦ ରନ୍ ସଂଗ୍ରହ କରିନେଇଛି।

## ପଞ୍ଚମ ଟି-୨୦; ଭାରତୀୟ ବୋଲର ଧରାଶାୟୀ
# ବଟ୍‌ଲର୍-ବ୍ରୁକ୍‌ଙ୍କ ବିସ୍ଫୋରଣ




**ଜୋଶ ବଟ୍‌ଲର**

| | |
|---|---|
| ରନ୍ | ୧୩୧ |
| ବଲ୍ | ୬୪ |
| ଚୌକା | ୧୨ |
| ଛକା | ୦୮ |

ସାଉଥାମ୍ପଟନ, ୧୧।୭ (ଏଜେନ୍ସି):

ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଶନିବାର ଖେଳାଯାଇଥିବା ଅନ୍ତିମ ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚରେ ଇଂଲଣ୍ଡ ଦମ୍‌ଦାର ବ୍ୟାଟିଂ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ଜୋଶ ବଟଲରଙ୍କ ଶତକ ଓ ଅଧିନାୟକ ହ୍ୟାରୀ ବ୍ରୁକଙ୍କ ବିସ୍ଫୋରକ ଇନିଂସ ବଳରେ ୩ ୱିକେଟରେ ୨୫୭ ରନର ବିଶାଳ ସ୍କୋର କରିଛି। ବଟଲର ସର୍ବାଧିକ ୧୩୧ ରନ କରିଥିଲେ। ୬୪ ବଲର ଏହି ପାଳିରେ ସେ ୧୨ଟି ଚୌକା ଓ ୮ଟି ଛକା ମାରିଥିଲେ। ଟି-୨୦ କ୍ରିକେଟରେ ଏହା ତାଙ୍କର ଦ୍ୱିତୀୟ ଶତକୀୟ ଇନିଂସ ଥିଲା। ସେହିଭଳି ବ୍ରୁକ୍ ଅପରାଜିତ ୯୫ ରନର ପାଳି ଖେଳି ଅଳ୍ପକେ ଶତକରୁ ବଞ୍ଚିତ ରହିଥିଲେ। ୪୫ଟି ବଲ୍ ସାମ୍ନା କରିଥିବା ବ୍ରୁକ ୮ଟି ଛକା ଓ ଚୌକା ମାତ୍ର ୪ଟି ମାରିଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୧୦୨ ବଲରୁ ୨୩୩ ରନ ସଂଗ୍ରହ କରିଥିଲେ। ଟି-୨୦ କ୍ରିକେଟ୍‌ରେ ଯେକୌଣସି ୱିକେଟରେ ଏହା ଇଂଲଣ୍ଡ ପାଇଁ ସର୍ବବୃହତ ଭାଗୀଦାରି ହୋଇଛି। ସେହିଭଳି ଟି-୨୦ କ୍ରିକେଟ୍‌ରେ ଏହା ଦ୍ୱିତୀୟ ୱିକେଟ୍‌ରେ ମଧ୍ୟ ଏହା ସର୍ବାଧିକ ଭାଗୀଦାରି। ପୂର୍ବରୁ ୨୦୨୪ରେ ସଞ୍ଜୁ ସାମସନ ଓ ତିଲକ ବର୍ମା ଯୋଡ଼ି ଦ୍ୱିତୀୟ ୱିକେଟରେ ୨୧୦ ରନ ସଂଗ୍ରହ କରିଥିଲେ।

ଭାରତୀୟ ବୋଲରଙ୍କ ମଧ୍ୟରେ ଶିବମ ଦୁବେ ଗୋଟିଏ ଓଭରରେ ୨୨ ରନ ଦେଇ ଦୁଇଟି ୱିକେଟ୍ ନେଇଥିଲେ। ଅନ୍ୟତମ ୱିକେଟଟି ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମିଳିଥିଲା। ତେବେ ଅକ୍ଷର ପଟେଲ (୦/୬୩) ଓ ପ୍ରିନ୍ସ ଯାଦବ (୦/୬୦) ଅତ୍ୟନ୍ତ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୱିକେଟ ପାଇ ନ ଥିଲେ। ପୂର୍ବରୁ ଇଂଲଣ୍ଡ ୩-୦ରେ ଆଗୁଆ ସିରିଜ କବଜା କରିସାରିଛି। ପ୍ରଥମ ମ୍ୟାଚଟି ବର୍ଷା ଲାଗି ବାତିଲ ହୋଇଥିଲା। ତେଣୁ ଭାରତ ଏହି ମ୍ୟାଚରେ ସାନ୍ତ୍ୱନାମୂଳକ ବିଜୟ ଲକ୍ଷ୍ୟରେ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS